

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୩ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 23 DECEMBER 2021

Vol.No. 32 ■ No. 328 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପଞ୍ଚାୟତ ନିର୍ବାଚନରେ ରହିବନି ଓବିସି ସଂରକ୍ଷଣ



ଭୁବନେଶ୍ୱର,୨୨/୧୨(ନି.ପ୍ର): ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ବିଜ୍ଞପ୍ତି ପ୍ରତ୍ୟାହାର କରିବେ ସରକାର। ସଂରକ୍ଷଣ ବିଜ୍ଞପ୍ତି ପ୍ରତ୍ୟାହାର ନେଇ ହାଇକୋର୍ଟଙ୍କୁ ଜଣାଇଲେ ସରକାର। ବିଜ୍ଞପ୍ତି ପ୍ରତ୍ୟାହାର ସହ ଆସନ୍ତା ୨୭ରେ ସାନି ତାଲିକା ପ୍ରକାଶ କରାଯିବ ବୋଲି କୋର୍ଟଙ୍କୁ ଜଣାଇଲେ ରାଜ୍ୟ ସରକାର। ଏହାପରେ ଜାନୁଆରୀ ୩ ସୁଦ୍ଧା ସଂରକ୍ଷଣ ନେଇ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଜାନୁଆରୀ ୫ ସୁଦ୍ଧା ଅଭିଯୋଗର ସମାଧାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜାନୁଆରୀ ୭ରେ ସଂରକ୍ଷଣ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କୁ ଚୂଡ଼ାନ୍ତ ତାଲିକା ଦେବେ ସରକାର। ମାର୍ଚ୍ଚ ୮ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସାରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ରାଜ୍ୟ ନିର୍ବାଚନ କମିଶନ ନଭେମ୍ବର ୧୬ ତାରିଖରେ ଏକ ବିଜ୍ଞପ୍ତି ଜାରି କରି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ସିଟ୍ ସଂରକ୍ଷଣ ତାଲିକା ଜାରି କରିଥିଲେ। ବିଜ୍ଞପ୍ତି ଅନୁସାରେ ଆଗାମୀ ପଂଚାୟତ ନିର୍ବାଚନରେ ମୋଟ ୮୫୩ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ପଛୁଆ ବର୍ଗଙ୍କ ପାଇଁ ମାତ୍ର ୧୦୪ଟି ଆସନ ସଂରକ୍ଷିତ ରହିଛି। ଏଥିରେ ୧୪ଟି ଜିଲ୍ଲାର ଜିଲ୍ଲା ପରିଷଦରେ ଗୋଟିଏ ବି ଆସନ ପଛୁଆ ବର୍ଗର ପ୍ରାର୍ଥୀଙ୍କ ନିମନ୍ତେ ସଂରକ୍ଷିତ ହୋଇନାହିଁ। ଯେଉଁ ୧୪ଟି ଜିଲ୍ଲାରେ ପଛୁଆ ବର୍ଗଙ୍କ ପାଇଁ କୌଣସି ସଂରକ୍ଷଣର ସୁବିଧା ନାହିଁ ସେଗୁଡ଼ିକ ହେଲା- ଦେବଗଡ଼, ଗଜପତି, ସୁନ୍ଦରଗଡ଼, ସମ୍ବଲପୁର, ରାୟଗଡ଼, ନୂଆପଡ଼ା, ନବରଙ୍ଗପୁର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି ଓ ଝାରସୁଗୁଡ଼ା। ଏହି ଜିଲ୍ଲାର ଜିଲ୍ଲା ପରିଷଦର କୌଣସି ଗୋଟିଏ ବି ସିଟ୍ ପଛୁଆ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ନଥିବାବେଳେ ବୌଦ୍ଧ ଜିଲ୍ଲାରେ ମାତ୍ର ଗୋଟିଏ ଆସନ ପଛୁଆ ବର୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଛି।

## ଓମିକ୍ରନ୍ ମୁକାବିଲା ନେଇ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକ



ଭୁବନେଶ୍ୱର,୨୨/୧୨(ନି.ପ୍ର): ଓମିକ୍ରନ ନେଇ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଜିଲ୍ଲାର ସ୍ଥିତି ନେଇ ଜିଲ୍ଲାପାଳମାନେ କଟକଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତା ସହିତ ସର୍ଭେଲାନ୍ସ ବଢାଇବାକୁ ବି ନିର୍ଦ୍ଦେଶ ଦିଆଯାଇଛି । ତେବେ ବାକି ଥିବା ଲୋକଙ୍କୁ ଖୁବଶୀଘ୍ର କିଭଳି ଟିକା ଦିଆଯିବ ସେନେଇ ମଧ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳମାନଙ୍କୁ ବୈଠକରେ କୁହାଯାଇଛି । ଖାଲି ସେତିକି ନୁହେଁ ଏବେ ଓମିକ୍ରନ ଭୟ ବଢୁଥିବାରୁ ଜିନମ ସିକ୍ୟୁଏନ୍ସ ବଢାଇବାକୁ କୁହାଯାଇଛି । ଆରଟିପିସିଆର ପଜିଟିଭ ଓ ସିଟି ଭ୍ୟାଲୁ ଅଧିକ ଥିବା ଲୋକଙ୍କ ଜିନମ ସିକ୍ୟୁଏନ୍ସ କରାଯିବ । ତା ସହିତ ନୂଆବର୍ଷ ପାଇଁ ଗାଇଡଲାଇନ ବି ଆସିପାରେ ବୋଲି ସୂଚନା ମିଳିଛି । ଏତଦବ୍ୟତୀତ ହଷ୍ଟେଲରେ ପିଲାଙ୍କ ଲକ୍ଷଣ ପ୍ରକାଶ ପାଇଲେ ଟେଷ୍ଟ ହେବା ପର୍ଯ୍ୟନ୍ତ ତୁରନ୍ତ ଅଲଗା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ଓମିକ୍ରନକୁ ନେଇ ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କରୋନା ନିୟମ ପାଳନ କରିବା ସହିତ ସଚେତନ ରହିବା ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । କୋଭିଡ଼ର ନୂଆ ଭାରିଆଣ୍ଟ ଓମିକ୍ରନ୍ ଦ୍ରୁତ ବେଗରେ ବ୍ୟାପୁଛି । ତେଣୁ ଆମକୁ ସତର୍କ ରହିବା ସହ ମାସ୍କ ପିନ୍ଧିବା ଏବଂ ଦରକାର ନଥିଲେ ବାହାରକୁ ନଯିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରତିଟି ଜୀବନ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ସମସ୍ତଙ୍କ ସହଯୋଗରେ ଏହି ଲହରକୁ ମୁକାବିଲା କରିବା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

## ସାରା ରାଜ୍ୟରେ ହାଡ଼ଭଙ୍ଗା ଶୀତ, ୧୭ଟି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ

ଭୁବନେଶ୍ୱର,୨୨/୧୨(ନି.ପ୍ର): ସାରା ରାଜ୍ୟରେ ହାଡ଼ଭଙ୍ଗା ଶୀତ ଜାରି ରହିଛି। କନ୍ଧମାଳ ଓ ଫୁଲବାଣୀରେ ଅସହ୍ୟ ଶୀତ ଅନୁଭୂତ ହେଉଛି। ୧୭ଟି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଫୁଲବାଣୀରେ ଚଳିତ ସିଜିନର ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଦାରିଙ୍ଗବାଡିରେ ତାପମାତ୍ରା ୪.୫ ଡିଗ୍ରୀ ଥିବାବେଳେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ୬ ଡିଗ୍ରୀ ରହିଛି। କେନ୍ଦୁଝର ଓ ସୁବର୍ଣ୍ଣପୁର ୬.୪ ଡିଗ୍ରୀ ଥିବା ବେଳେ ଟିଟିଲାଗଡ଼ରେ ୬.୫ ଡିଗ୍ରୀ,ଭବାନୀପାଟଣା ୬.୮, କୋରାପୁଟ ୭, ଅନୁଗୋଳ, ବୌଦ୍ଧ ୮ ଡିଗ୍ରୀ,ହୀରାକୁଦ ୮.୪, ବଲାଙ୍ଗିର ୮.୫, ସମ୍ବଲପୁର ୮.୬ ଡିଗ୍ରୀ ନୟାଗଡ଼ ଓ ତାଳଚେର ୯, ଚାନ୍ଦବାଲି ୯.୭ ଡିଗ୍ରୀ, ଭୁବନେଶ୍ୱର ୧୦.୧ ଓ କଟକ ୧୦.୬ ଡିଗ୍ରୀ ରେକର୍ଡ କରାଯାଇଛି। ସମ୍ଭାବ୍ୟ ଶୀତ ପ୍ରବାହକୁ ଦୃଷ୍ଟିରେ ରଖି ଆଜିଠୁ ୨୪ ତାରିଖ ସକାଳ ଯାଏ ପ୍ରାୟ ୧୯ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆଜି ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୁରଭଞ୍ଜ, କଳାହାଣ୍ଡି, ବଲାଙ୍ଗିର, ସୁବର୍ଣ୍ଣପୁର ଏବଂ ବୌଦ୍ଧ ଜିଲ୍ଲାରେ ତୀବ୍ର ଶୀତ ଲହରୀର ସମ୍ଭାବନା ଥିବାରୁ ଏହି ୭ଟି ଜିଲ୍ଲା ପାଇଁ ଜାରି ହୋଇଛି ଅରେଞ୍ଜ ୱାର୍ଣ୍ଣିଂ ।

## ନୂଆ ବର୍ଷ ପାଇଁ ଆସିପାରେ ନୂଆ ଗାଇଡଲାଇନ୍



ଭୁବନେଶ୍ୱର,୨୨/୧୨(ନି.ପ୍ର): ଆଗକୁ ନୂଆ ବର୍ଷ ଆସୁଥିବାରୁ ଓମିକ୍ରନ ଭୟ ରହିଛି । ତେଣୁ ନୂଆବର୍ଷରେ ଯେପରି ଲୋକେ ବହୁମାତ୍ରାରେ ଏକାଠି ନହୁଅନ୍ତି, ଯେପରି ସଂକ୍ରମଣ ନ ବଢିବ ସେନେଇ ନୂଆବର୍ଷ ଗାଇଡଲାଇନ୍ ଆସିପାରେ । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟ ସରକାରଙ୍କ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । କଟକଣା ବଢାଇବାକୁ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଦାୟିତ୍ୱ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ - ସ୍ଥିତି ଦେଖି କଟକଣା କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁମାନେ ଟିକା ନେଇନାହାନ୍ତି ସେମାନେ ତୁରନ୍ତ ଟିକା ନେବା ପାଇଁ ପରାମର୍ଶ ଦିଆଯାଇଛି । ପଜିଟିଭ୍ ଓ ସିଟି ଭ୍ୟାଲୁ ଥିବା ଲୋକଙ୍କ ଜିନମ ସିକ୍ୱେନ୍ସିଂ ହେବ । ହଷ୍ଟେଲରେ ପିଲାଙ୍କ ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଅଲଗା ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି ।

## ରାଜଧାନୀରେ ଆଉ ୪ଟି ଫ୍ଲାଟ୍ କଣ୍ଟେନମେଣ୍ଟ ଜୋନ୍

ଭୁବନେଶ୍ୱର,୨୨/୧୨(ନି.ପ୍ର): ରାଜଧାନୀକୁ ପୁଣି ଫେରିଲା କଣ୍ଟେନମେଣ୍ଟ ଜୋନ୍ । ଗତକାଲି ବମିଖାଲ ଏବଂ ଭିଏସଏସ ନଗରର କିଛି ଅଂଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିବା ପରେ ବୁଧବାର କସମପଲ୍ଲୀ ଆପାର୍ଟମେଣ୍ଟର ୪ଟି ଫ୍ଲାଟକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛି ବିଏମସି । ସମ୍ପୃକ୍ତ ଆପାର୍ଟମେଣ୍ଟର ଫ୍ଲାଟରୁ ୮ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହେବା ପରେ ବିଏମସି ତରଫରୁ ଏଭଳି ତତ୍କାଳ ନିଷ୍ପତ୍ତି ନିଆଯାଇଛି । ବିଏମସି ତରଫରୁ କୁହାଯାଇଛି ଯେ, ଲୋକଙ୍କ ସ୍ୱାସ୍ଥ୍ୟକୁ ଆଖି ଆଗରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି । ଏହି କଣ୍ଟେନମେଣ୍ଟ ଜୋନକୁ ଲୋକଙ୍କ ପ୍ରବେଶ ମଧ୍ୟ ବାରଣ କରାଯାଇଛି । ତା ସହିତ କଣ୍ଟେନମେଣ୍ଟ ଜୋନ୍ ଭିତରେ ରହୁଥିବା ଲୋକଙ୍କୁ ଘରେ ରହିବାକୁ ବିଏମସି ତରଫରୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ଏହି କଣ୍ଟେନମେଣ୍ଟ ଜୋନ୍ ଭିତରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମଧ୍ୟ ବନ୍ଦ ରହିବ ବୋଲି କୁହାଯାଇଛି ।

## ଗିରଫ ହେଲେ ରସିକିଆ ଟ୍ୟୁସନ୍ ସାର

ଭୁବନେଶ୍ୱର,୨୨/୧୨(ନି.ପ୍ର): ଗିରଫ ହେଲେ ରସିକିଆ ଟ୍ୟୁସନ୍ ସାର । ସମ୍ବଲପୁରରୁ ଉଦ୍ଧାର ହେଲେ ଦୁଇ ଛାତ୍ରୀ ।କନକ ବ୍ୟୁରୋ: ଟ୍ୟୁସନ ଛାତ୍ରୀଙ୍କୁ ଅପହରଣ କରିବା ମାମଲାରେ ଧରା ପଡିଛନ୍ତି ଅଭିଯୁକ୍ତ ସାର୍ । ସମ୍ବଲପୁର ଅଇଁଠାପାଲିରୁ ପୋଲିସ ତାଙ୍କୁ ଗିରଫ କରିଛି । ଟ୍ୟୁସନ ସାର ଗୋପାଳକୃଷ୍ଣ ବର୍ଡ଼ିଆଙ୍କୁ ପୋଲିସ ଗିରଫ କରିବା ସହ ୨ ଛାତ୍ରୀଙ୍କୁ ଉଦ୍ଧାର କରିଛି । ସୂଚନା ଅନୁଯାୟୀ, ଗୋପାଳକୃଷ୍ଣ ୨ ଦିନ ଧରି ୨ ଛାତ୍ରୀଙ୍କୁ ନେଇ କେଉଁ ଆଡେ ଫେରାର୍ ହୋଇଯାଇଥିଲେ। ତାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ଛାତ୍ରୀଙ୍କ କୌଣସି ପତ୍ତା ମିଳିନଥିଲା । ଫଳରେ ବାଧହୋଇ ଗତକାଲି(ମଙ୍ଗଳବାର) ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ । ପୁଲିସ ଖାନତଲାସି କରି ଟ୍ୟୁସନ ସାରଙ୍କୁ ସମ୍ବଲପୁରରୁ ଗିରଫ କରିବା ସହ ୨ ଛାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରିଛି । ଅପହରଣ ହୋଇଥିବା ଜଣେ ଛାତ୍ରୀ ଦଶମ ଶ୍ରେଣୀର ହୋଇ ଥିବାବେଳେ ଅନ୍ୟଜଣେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ ।ତେବେ କେଉଁ କାରଣରୁ ସାର୍ ଛାତ୍ରୀ ଦ୍ୱୟଙ୍କୁ ଅପହରଣ କରିଥିଲେ ସେନେଇ ସ୍ପଷ୍ଟ ହୋଇନାହିଁ ।ପୋଲିସ ମାମଲାରେ ତଦନ୍ତ ଜାରି ରଖିଛି ।

## ଆତଙ୍କବାଦୀ ହମଲା: ପୁଲିସ୍ ଅଧିକାରୀ ସହିଦ, ଜଣେ ସାଧାରଣ ଲୋକ ମୃତ

ଶ୍ରୀନଗର, ୨୨/୧୨ (ନି.ପ୍ର): ପୁଣିଥରେ ଜମ୍ମୁ-କଶ୍ମୀର ଡବଲ ଟେରର ଆଟାକରେ ଥରି ଉଠିଛି। ଆଜି ଅନନ୍ତନାଗ ଓ ଶ୍ରୀନଗରରେ ଆତଙ୍କବାଦୀମାନେ ହମଲା କରିଛନ୍ତି। ଅନନ୍ତନାଗ ହମଲାରେ ଜଣେ ପୁଲିସ୍ ଅଧିକାରୀ ସହିଦ ହୋଇଥିବେ ବେଳେ ଶ୍ରୀନଗର ଆକ୍ରମଣରେ ଜଣେ ସାଧାରଣ ଲୋକଙ୍କ ଜୀବନ ଯାଇଛି। ଆକ୍ରମଣ ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ପୂରା ଅଞ୍ଚଳକୁ କର୍ଡନ କରାଯାଇ ସର୍ଚ୍ଚ ଅପରେସନ ଜୋରଦାର କରାଯାଇଛି। ହେଲେ ଆତଙ୍କବାଦୀଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନି। ମିଳିଥିବା ସୂଚନା ଅନୁଯାୟୀ, ଆଜି ସନ୍ଧ୍ୟାରେ ପ୍ରଥମେ ଆତଙ୍କବାଦୀମାନେ ଅନନ୍ତନାଗର ବିଜବେହାରା ସହରରେ ହମଲା କରିଥିଲେ। ସବ ଇନସପେକ୍ଟର ମହମ୍ମଦ ଅଶ୍ରଫଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ▶▶ପୃଷ୍ଠା ୭

## ଏସଏଚଜି ମହିଳାଙ୍କୁ ନବୀନଙ୍କ ନିର୍ବାଚନୀ ଥୋପ



ଭୁବନେଶ୍ୱର,୨୨/୧୨(ନି.ପ୍ର): ନିର୍ବାଚନ ମୁଡରେ ରାଜ୍ୟ ସରକାର । ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଭଣ୍ଡାର ଖୋଲି ଦେଇଛନ୍ତି ସରକାର । କରୋନା ସହାୟତା ପାଇଁ ଆର୍ଥିକ ସହାୟତା, ବିଜୁ ପକ୍କା ଘର ଓ ଘର ପାଇନଥିବା ହିତାଧିକାରୀଙ୍କୁ ଘର ମରାମତି ପାଇଁ ସହାୟତା ପରେ ମିଶନ ଶକ୍ତି ପାଇଁ ବି ଘୋଷଣା କରିଛନ୍ତି ରାଜ୍ୟ ସରକାର । କୋଭିଡ୍ ସହାୟତା ପାଇଁ ଘୋଷଣା କରିଥିବା ସରକାର ଆଜି ୧ ହଜାର ଟଙ୍କା ଲେଖାଏଁ ପଠାଇଛନ୍ତି । ଏଥିରେ ୯୬ ଲକ୍ଷ ପରିବାର ଉପକୃତ ହେବେ, ଏଥିପାଇଁ ଖର୍ଚ୍ଚ ହେବ ୯୬୦ କୋଟି ଟଙ୍କା । ପୌର ଓ ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜକୋଷ ଖୋଲି ଦେଇଛନ୍ତି ସରକାର । ମଙ୍ଗଳବାର ଦିନ ଘର ସଜାଡିବା ପାଇଁ ଆର୍ଥିକ ସହାୟତା ଦେଇଥିବା ବେଳେ ବୁଧବାର ଦିନ କୋଭିଡ୍ ସହାୟତା ପାଇଁ ୧ ହଜାର ଟଙ୍କା ଲେଖାଏଁ ଦେଇଛନ୍ତି ରାଜ୍ୟ ସରକାର । ଯେଉଁଥିରେ ୯୬ ଲକ୍ଷ ପରିବାର ଉପକୃତ ହେବେ । ଏଥିପାଇଁ ୯୬୦ କୋଟି ଟଙ୍କା ଖର୍ଚ୍ଚ ହେବ । ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରିବା ସହ ୭ ଦିନ ମଧ୍ୟରେ ସମସ୍ତ ହିତାଧିକାରୀଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ଥିଲେ ମିଳିବ ସହାୟତା । ସ୍ୱାସ୍ଥ୍ୟ କାର୍ଡ ପାଇନଥିଲେ, ରାସନ୍ କାର୍ଡ ଥିବା ହିତାଧିକାରୀଙ୍କୁ ମିଳିବ ଟଙ୍କା । ସେହିପରି ମିଶନ ଶକ୍ତି ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏଣିକି ଗ୍ରାମ ପଞ୍ଚାୟତ ଓ ବ୍ଲକ ସ୍ତରୀୟ ଫେଡେରେସନର ନିର୍ବାହୀ କମିଟି ସଦସ୍ୟାମାନଙ୍କୁ ମିଳିବ ମିଟିଂ ଓ ଗସ୍ତ ଭତ୍ତା ।

## ଧରାପଡିଛି ରାଜ୍ୟ ସରକାରଙ୍କ ଓବିସି ବିରୋଧୀ ଷଡଯନ୍ତ୍ର : ସୁରଥ ବିଶ୍ୱାଳ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ଆଉ ଏକ ଯୋଜନାବଦ୍ଧ ଷଡଯନ୍ତ୍ର ଧରାପଡିଲା । ପଂଚାୟତ ନିର୍ବାଚନ ପାଇଁ ପ୍ରକାଶିତ ହୋଇଥିବା ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ରାଜ୍ୟ ସରକାର ପକେଇଥିବା ଛେପକୁ ଢୋକିଛନ୍ତି ବୋଲି ରାଜ୍ୟ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସୁରଥ ବିଶ୍ୱାଳ ଅଭିଯୋଗ କରିଛନ୍ତି । ବିଚାର ବ୍ୟବସ୍ଥା ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ଯେଉଁ ଅଭିଯୋଗ ଅତୀତରେ ବିଜେପି ଏବଂ ଅନ୍ୟ ଜାତିବର୍ଗ ସଂଗଠନମାନେ ବାରମ୍ବାର ଦାବୀ କରିଆସୁଥିଲେ ମଧ ରାଜ୍ୟ ସରକାର ତାକୁ ମାନୁନଥିଲେ । ବର୍ତ୍ତମାନ କୋର୍ଟରେ ତାହା ସ୍ୱୀକାର କରିଛନ୍ତି । ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ପର୍ଯ୍ୟନ୍ତ ସଂରକ୍ଷଣ ଦିଆଯିବ ବୋଲି କହୁଥିବା ରାଜ୍ୟ ସରକାର ମାତ୍ର ୧୨ ପ୍ରତିଶତରେ ସୀମିତ ରଖିଥିଲେ । କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ, ମୟୁରଭଞ୍ଜ, କେଉଁଝର, ଗଜପତି, ରାୟଗଡା, ଝାରସୁଗୁଡା ଭଳି ୮ଟି ଜିଲ୍ଲାରେ ଓବିସି ବର୍ଗଙ୍କ ପାଇଁ ଆଦୌ ସଂରକ୍ଷଣ ବ୍ୟବସ୍ଥା ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ଦୀର୍ଘ ଦିନ ଧରି ୨୭ ପ୍ରତିଶତ ସଂରକ୍ଷଣରେ ନିର୍ବାଚନ ଲଢୁଥିବା ସଂଖ୍ୟାଧିକ ବର୍ଗକୁ ରାଜ୍ୟ ସରକାର କାହିଁକି ଏଭଳି ପକ୍ଷପାତପୂର୍ଣ୍ଣ ବ୍ୟବହାର କରୁଛନ୍ତି, ତାହା ଅନେକ ପ୍ରଶ୍ନବାଚି ସୃଷ୍ଟି କରିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଏବଂ ବର୍ତ୍ତମାନର ନବୀନ ପଟ୍ଟନାୟକ ସରକାର ଦୀର୍ଘ ୪୧ ବର୍ଷ ଧରି ଓବିସି ବର୍ଗକୁ କେବଳ ପ୍ରତାରଣା କରି ଆସୁଛନ୍ତି । ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗକୁ ସଂରକ୍ଷଣ ଦେବାର ପ୍ରବାଧାନ ଥିବା ସତ୍ତ୍ୱେ ଓଡିଶା ଏକମାତ୍ର ରାଜ୍ୟ ଯେଉଁଠାରେ ଏହା କାର୍ଯ୍ୟକାରୀ ହେଉନାହିଁ । ବର୍ତ୍ତମାନ ଉଚ୍ଚ ନ୍ୟାୟାଳୟଙ୍କ କାରଣରୁ ରାଜ୍ୟ ସରକାରଙ୍କ କେବଳ ଗୋଟିଏ ଷଡଯନ୍ତ୍ର ଧରାପଡିଛି । ଆଗକୁ ଶିକ୍ଷା, ନିଯୁକ୍ତି, କର୍ମନିଯୁକ୍ତି ଭଳି ସାମ୍ବିଧାନିକ ଅଧିକାରରୁ ବଂଚିତ କରିଥିବାର ଅନେକ ତଥ୍ୟର ପର୍ଦ୍ଦାଫାଶ ହେବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

## କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ଭେଟିଲେ ବିଜେପି ପ୍ରତିନିଧି ମଣ୍ଡଳି



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨/୧୨ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶା ବିଜେପିର ଏକ ପ୍ରତିନିଧି ମଣ୍ଡଳି ବୁଧବାର କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଂଟନ ମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ଭେଟି ଓଡ଼ିଶାରେ ଧାନ ସଂଗ୍ରହରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଦୁର୍ନୀତି ଏବଂ ଅବ୍ୟବସ୍ଥାକୁ ରୋକିବା ପାଇଁ ନିର୍ଦ୍ଦେଶ ଦେବାକୁ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀ ପ୍ରଧାନଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସାଂସଦ ପ୍ରତାପ ଷଡଙ୍ଗୀ, ବସନ୍ତ ପଣ୍ଡା, ନିତେଶ ଗଙ୍ଗଦେବ, ସଙ୍ଗୀତା ସିଂହଦେଓ, ଅପରାଜିତା ଷଡଙ୍ଗୀ, ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେପି ଉପସଭାପତି ବଳଭଦ୍ର ମାଝୀ ଓ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଏକ ସ୍ମାରକ ପତ୍ର ▶▶ପୃଷ୍ଠା ୭

## ଗଳାପୋଲ ବାଇନ ହତ୍ୟାକାଣ୍ଡ ମାମଲାରେ ୫ଜଣ ଗିରଫ



ବାଲେଶ୍ୱର,୨୨/୧୨ (ନି.ପ୍ର): ବାଲେଶ୍ୱର ସହରର ଅରଡ଼ବଜାର ଗଳାପୋଲ ବାଇନ ହତ୍ୟାକାଣ୍ଡ ମାମଲାରେ ସହଦେବଖୁଣ୍ଟା ପୁଲିସ ୫ଜଣଙ୍କୁ ଗିରଫ କରିଛି। ପୂର୍ବ ଶତ୍ରୁତାକୁ ନେଇ ଯୋଜନା ବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ଘଟାଯାଇଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉଦୟଭାନୁ ମିଶ୍ର ସୂଚନା ଦେଇଛନ୍ତି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଅରଡ଼ବଜାର ଅଞ୍ଚଳର ଶେଖ ଉସୁବ, ଶେଖ ରମଜାନ, ଶେଖ ଲାଲା, ଶେଖ ଅମୀର ଓ ମାଜେଦା ବିବି । ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। ପୁଲିସ ସୂଚନା ଅନୁସାରେ ଗତ ୧୮ ତାରିଖ ରାତିରେ ଗଳାପୋଲ ନିକଟ ରେଳ ଧାରଣା ପାର୍ଶ୍ୱରେ ରବି ସିଂ ଓରଫ ବାଇନ ମଦ ପିଉଥିବା ବେଳେଅଭିଯୁକ୍ତ ଶେଖ ଉସୁବ, ଶେଖ ରମଜାନ, ଶେଖ ଲାଲା, ଶେଖ ଅମୀର ତା ଉପରେ ଆକ୍ରମଣ କରିଥିଲେ। ଶେଖ ଉସୁବ ଧାରୁଆ ଛୁରୀରେ ରବିର ଛାତିରେ ଭୁସି ତାକୁ ରକ୍ତାକ୍ତ କରି ପକାଇଥିଲା ଏବଂ ଘଟଣାସ୍ଥଳରେ ହିଁ ତାର ମୃତ୍ୟୁ ହୋଇଯାଇଥିଲା । ତେବେ ଏହି ଘଟଣାରେ ମାଜେଦା ବିବି ସମସ୍ତ ଯୋଜନା ପ୍ରସ୍ତୁତ ସହ ସମସ୍ତଙ୍କୁ ଫେରାର କରି ଦଇଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମିଶ୍ର କହିଛନ୍ତି। ମାଜେଦା ବିବିଙ୍କ ପରିବାର ସହ ମୃତକ ବାଇନର ଦୀର୍ଘ ଦିନରୁ ବିବାଦ ଲାଗି ରହିଥିବା ବେଳେ ଅନ୍ୟାନ୍ୟ ମାମଲାରେ ମାଜେଦା ବିବି ଓ ଶେଖ ଉସୁବ ମଧ ଜେଲ ଯାଇଥିଲେ। ଛଅ ମାସ ପୂର୍ବରୁ ସେମାନେ ଜାମିନରେ ମୁକୁଳିବା ପରେ ଏହି ହତ୍ୟାକାଣ୍ଡ ପାଇଁ ସୁଯୋଗ ଖୋଜୁଥିଲେ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ମୃତକ ରବିଙ୍କ ବଡ଼ ଭାଇ ମାଧ ସିଂଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ତ୍ୱରାନ୍ୱିତ ସହ ଦୁଇ ଦିନ ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରିଛି ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀ ମିଶ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଟି ଡିଏସପି ଅମୂଲ୍ୟ କୁମାର ଧର ଓ ସହଦେବଖଣ୍ଟା ଥାନା ଭାରପ୍ରାପ୍ତ ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ପଚାଂୟତ ନିର୍ବାଚନ ପାଇଁ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା,୨୨/୧୨ (ନି.ପ୍ର): ଆସୁଛି ପଚାଂୟତ ନିର୍ବାଚନ । ଭୋଟର ସଂଯୋଗୀକରଣ ଓ ସଚେତନତା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁ ମଧ ଏନେଇ ଲୋକଙ୍କୁ ସଚେତନ କରିବାର ପ୍ରୟାସ କରୁଛନ୍ତି । ଏହି କ୍ରମରେ ଖଡ଼ିଆଳରେ ପଚାଂୟତ ନିର୍ବାଚନ ପାଇଁ ସଚେତନତା କାର୍ଯ୍ୟକ୍ରମ ଲୋକଙ୍କ ଅଧିକାର ଓ ସରକାରୀ କାର୍ଯ୍ୟକ୍ରମର ସୁଫଳତା ନିମନ୍ତେ ନୂଆଦିଲ୍ଲୀ ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ ହଙ୍ଗର ପ୍ରୋଜେକ୍ଟ । ନୂଆପଡ଼ା ଜିଲ୍ଲାର ସିନାପାଲି, ଖଡ଼ିଆଳ ଓ ବୋଡ଼େନ ବ୍ଲକରେ କାର୍ଯ୍ୟ କରୁଛି । ଆଗାମୀ ପଚାଂୟତ ନିର୍ବାଚନରେ ଲୋକେ କିପରି ଠିକ୍ ବ୍ୟକ୍ତିଙ୍କୁ ନିର୍ବାଚିତ କରିବେ ଓ ମହିଳା ମାନେ କିପରି ସଶକ୍ତିକରଣ ହୋଇପାରିବେ ସେନେଇ ଏହି ତିନି ବ୍ଲକର ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି । ଗାୟକ ନବୀନ ନାଗ ଓ ସାଥି ପାଲା ପରିବେଷଣ କରି ଭୋଟର ସଂଯୋଗୀକରଣ, ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା, ନିର୍ବାଚନୀ ପ୍ରଚାରର ନିୟମାବଳୀ, ମହିଳା ଅଂଶଗ୍ରହଣ ଆଦି ଉପରେ ଆଲୋଚନା କରୁଛନ୍ତି । ପଚାଂୟତ ନିର୍ବାଚନ ପାଇଁ ଏବେ ଗାଁ ଗାଁ ରେ ରାଜନୈତିକ ଉଷ୍ମତା ।ଆଶାୟୀ ପ୍ରାର୍ଥୀ ମାନେ ଲୋକବଳ ସଂଗଠିତ କରିବାକୁ ଲାଗିଲେଣି । ହିସାବ କିତାବ ଆରମ୍ଭ ହୋଇଯାଇଛି । ରାଜନୈତିକ ଦଳ ଓ ଜନ ପ୍ରତିନିଧି ଗୋଟି ଚାଳନା ଆରମ୍ଭ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଠିକ୍ ଲୋକ ପ୍ରତିନିଧିଙ୍କୁ ନିର୍ବାଚିତ କରିବା ଭୋଟରଙ୍କ ପାଇଁ ଏକ ଆହ୍ୱାନ ସଦୃଶ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରିବା ହେଉଛି ଉପଯୁକ୍ତ ଜନ ପ୍ରତିନିଧିଙ୍କୁ ପଚାଂୟତ ନିର୍ବାଚନରେ ବାଛିବା । ଗଣତନ୍ତ୍ର ଶାସନର ପ୍ରଥମ ସ୍ତମ୍ଭ ଭାବରେ ଏହି ନିର୍ବାଚନକୁ ବିଚାର କରାଯାଏ । ଓଡିଶା ସରକାର ଏହି ନିର୍ବାଚନ ପାଇଁ ୫୦ ଭାଗ ସ୍ଥାନ ସଂରକ୍ଷଣ କରିଛନ୍ତି । ଏଣୁ ମହିଳା ମାନେ ସଂରକ୍ଷଣର ସୁବିଧା ସହ ଅନ୍ୟ ପଚାଶ ଭାଗ ଆସନରେ ମଧ ବହୁଳ ଭାବରେ ଅଂଶଗ୍ରହଣ କରିବାକୁ ଏହି କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଛି ।

# ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଂଟ : ସେମିଫାନାଲରେ ପହଂଚିଲା ଜିସିସି କେନ୍ଦ୍ରପଡ଼ା

ଧର୍ମଶାଳା,୨୨/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନୀଳକଣ୍ଠପୁରସ୍ଥ ସତ୍ୟସାଇ ଖେଳ ପଡିଆରେ ୩୯ ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଂଟ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ ଜିସିସି କେନ୍ଦ୍ରାପଡା ଓ ୟୁନିୟନ ସ୍ୱୋଟିଂ କଟକ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା । ଚତୁର ବ୍ୟାଟସ୍ ମ୍ୟାନ ଅଭିଶେଖ ରୋହିତ ଶର୍ମାଙ୍କ ବ୍ୟାଟିଂ ଆଗରେ ଫିକା ପଡିଯାଇଥିଲା କଟକ । ଫଳରେ ଜିସିସି କେନ୍ଦ୍ରାପଡ଼ା ସେମିଫାଇନାଲ ଖେଳିବା ନେଇ ସ୍ଥାନ ପକ୍କା କରିଛି । ପ୍ରଥମେ ବ୍ୟାଟିଂ କରି ୟୁନିୟନ ସ୍ୱୋଟିଂ କଟକ ନିର୍ଦ୍ଧାରିତ ୨୨ ଓଭରରେ ୬ ୱିକେଟ ହରାଇ ୧୫୦ଶହ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସତ୍ୟ ସଂଜୟ ପଶାୟତ ୩୧ ଓ ଅନୁରାଗ କାନେରିଆ ୨୫ ରନ୍ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ପ୍ରଣବ ଦୁବେ ଓ ରିତେଶ ପାଣ୍ଡେ ପ୍ରତ୍ୟେକ ୩ଟି ଲେଖାଁଏ ୱିକେଟ ନେଇଥିଲେ । ୧୫୧ ରନର ବିଜୟ ଲକ୍ଷ ନେଇ ଜିସିସି କେନ୍ଦ୍ରାପଡା ନିର୍ଦ୍ଧାରିତ ୧୮.୪ ଓଭାରେ ୮ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରି ମ୍ୟାଚଟିକୁ ଜିତି ସେମିଫାଇନାଲରେ ପ୍ରବେଶ କରିଛି । ଦଳ ପକ୍ଷରୁ ଅଭିଶେଖ ରୋହିତ ଶର୍ମା ୬୬ ଓ ଅମୀୟ ରଂଜନ ଦାସ ୩୩ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ତାପସ ଲେଙ୍କା ୩ଟି ଓ ବିନାୟକ ମହାନ୍ତି ୨ଟି ଉଇକେଟ ନେଇଥିଲେ । ଶିକ୍ଷାବିତ୍ ପତିତପାବନ ସାମଲ ଅତିଥିଭାବେ ଯୋଗଦେଇ ଅଭିଶେଖ ରୋହିତ ଶର୍ମାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଆଜିର ଖେଳକୁ ବିବେକାନନ୍ଦ ମହାନ୍ତି ଓ ରତିକାନ୍ତ ରାଉତ ପରିଚାଳନାରେ ସହଯୋଗ କରିଥିବାବେଳେ ଭାଷ୍ୟକାରଭାବେ ମଂଟୁ ଦାସ, ଅରୁଣ ପତି ଓ ପ୍ରିୟନାଥ ରାଉତ, ସ୍କୋରର ଭାବେ ଚିନ୍ମୟ ଦଳାଇ, ସାଇ ପ୍ରବୀର ସାହୁ ଓ ବବି ନାରାୟଣ ସେଠୀ ସହଯୋଗ କରିଥିଲେ । ସୁବ୍ରତ ସତ୍ୟଜିତ ରାଉତ, ସରୋଜ ଜେନା, ହେମନ୍ତ ସାହୁ, ରଂଜିତ ନାୟକ, ରାଜେସ ଜେନା, ଆଲୋକ ବିଶ୍ୱାଳ, ସୁନିଲ ଜେନା, ମନୋରଂଜନ ଦାସ, ନିରଞ୍ଜନ ଦାସ ଓ ଆୟୁଷମାନ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ । ଆସନ୍ତା କାଲି ବୁଧବାର୪ର୍ଥ କ୍ୱାଟର ଫାଇନାଲ ମ୍ୟାଚ ପ୍ରଗତି ସ୍ୱୋଟିଂ ରାଉରକେଲା ଓ ଜେଏମସି ବାରିପଦା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ଅଣ ସଂକ୍ରାମକ ରୋଗ ସଚେତନତା ରଥ ଶୁଭାରମ୍ଭ

ନୂଆପଡ଼ା,୨୨/୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଉପଖଣ୍ଡ ଚିକିତ୍ସାଳୟରେ ଅଣ ସଂକ୍ରାମକ ରୋଗ ସଚେତନତା ରଥ ମଙ୍ଗଳବାର ଶୁଭାରମ୍ଭ ହୋଇଯାଇଛି । ଖଡିଆଳ ବିଡିଓ ନାରାୟଣ ସାହୁ, ଡାକ୍ତର ଆଦିତ୍ୟ ଯୋଷୀ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ । ଆଜି ଏହି ରଥ ଖାସବାହାଲ ଏବଂ ଦୋହେଲପଡା ପଂଚାୟତରେ ପରିକ୍ରମା କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ବିଶେଷ କରି ଅଣ ସଂକ୍ରମକ ରୋଗର କାରଣ, ଜୀବନ ଶୈଳୀ ପରିବର୍ତନ କରିବା ଓ ଅଣ ସଂକ୍ରାମକ ରୋଗରୁ ରକ୍ଷା ଉପରେ ଏହି ରଥ ସଚେତନତା ସୃଷ୍ଟି କରୁଅଛି ।

# ଯୋଗିନୀ ପୀଠରେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସମୀକ୍ଷା ବୈଠକ

ବଲାଙ୍ଗୀର,୨୨/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ରାଣୀପୁର ଝରିଆଲ ଯୋଗିନୀ ପୀଠରେ ଗତକାଲି କଂଟାବାଞ୍ଜି ନିର୍ବାଚନ ମଣ୍ଡଳିର ସମିକ୍ଷା (ଏସିଡିସି) ବୈଠକ ଅନୁଷ୍ଠିତ ହୋଇଯାଇଛି । କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବଲାଙ୍ଗିର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ଟିଟିଲାଗଡ ଉପଜିଲ୍ଲାପାଳ ସତ୍ୟବାନ ମନୋଜ ମହାଜନ, ଜିଲ୍ଲା ଡେପୁଟି ଡାଇରେକ୍ଟର ପ୍ଲାନିଙ୍ଗ ଅଫିସର ସୁକାନ୍ତ କୁମାର ଜେନା ପ୍ରମୁଖ ମଂଚାସୀନ ଥିଲେ । ଆୟୋଜିତ ଏହି ବୈଠକରେ କଂଟାବାଞ୍ଜି ନିର୍ବାଚନ ମଣ୍ଡଳିର ବିଭିନ୍ନ ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏହାପରେ ବିଭାଗୀୟ ଅଧିକାରୀଙ୍କୁ ଡାକି ତାଗିଦ୍ କରିଥିଲେ । ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଲୋକଙ୍କ ସମସ୍ୟା ବୁଝି ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ବୁଝାଇଥିଲେ । କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲର ଯୋଗାଣ ନିରୀକ୍ଷକ ମାନଙ୍କୁ ଗରିବ ଲୋକ ମାନଙ୍କ ରାସନ କାର୍ଡ କାଟି ଦିଆଯାଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ଏବଂ ଶିଘ୍ର ଏହାର ସମାଧାନ କରିବା ପାଇଁ କହିଥିଲେ । କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଏକ ଦାଦନ ପ୍ରବଣ ଅଂଚଳ ହୋଇଥିବାରୁ ଅଧିକରୁ ଅଧିକ ହିତାଧିକାରୀ ମନରେଗା ଯୋଜନାରେ ଯେମିତି ସାମିଲ୍ ହୋଇ କାମ ପାଇପାରିବେ ସେ ଉପରେ ବିଶେଷ ଧାନ ଦେବା ପାଇଁ ବିଭିନ୍ନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବିଧାୟକ । ଏହାର ଗୁରୁତ୍ୱକୁ ନଜରରେ ରଖି ପ୍ରକଳ୍ପ ନିର୍ଦ୍ଦେଶକ ବିଭାଗିୟ ଅଧିକାରୀଙ୍କୁ ବୁଝାଇଥିଲେ । ରାଣୀପୁର ଝରିଆଲ ଏକ ଐତିହ୍ୟ ସମ୍ପନ୍ନ ପୀଠ ହୋଇଥିଲେ ହେଁ ସୋମ ପୁଷ୍କରିଣୀର ପରିସ୍ଥିତି ଉପସ୍ଥିତ ଥିବା ସମସ୍ତ ଅଫିସର ଦେଖି ପାରୁଥିବେ, ତେଣୁ ଆଗାମୀ ଦିନରେ ଏହି ପୁଷ୍କରିଣୀକୁ ଏମଆଇପି ଯୋଜନାରେ ସାମିଲ୍ କରି ଏହାର ଉନ୍ନତିକରଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଯୋଜନାରେ ପାନୀୟଜଳ ଯୋଗାଣ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ସିନ୍ଧେକେଲା, ବଙ୍ଗୋମୁଣ୍ଡା, ଭାଲୁମୁଣ୍ଡା ଭଳି ବଡବଡ ଗ୍ରାମ ମାନଙ୍କରେ କୋଉଠି ପାଇପ୍ ଫାଟିଛି ତ କୋଉଠି ମୋଟର ପୋଡିଛି, ଆଉ କୋଉଠି ଚାବି ଖରାପ ହୋଇଛି, ତେଣୁ ଆରଡବ୍ଲୁଏସଏସ ବିଭାଗ ଆଗକୁ ଏହି ଅସୁବିଧାର ସମାଧାନ ଶିଘ୍ର କରିବା ପାଇଁ ଜିଲ୍ଲା ଅଧିକାରୀଙ୍କୁ କହିଥିଲେ । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ତୁରେକେଲା ବିଡିଓ ଦେବାଶିଷ ସାମଲ, ମୁରିବାହାଲ ବିଡିଓ ପ୍ରିୟରଞ୍ଜନ କୁମାର, ବଙ୍ଗୋମୁଣ୍ଡା ବିଡିଓ ରିପୁନାଥ ସୁନା, ବଙ୍ଗୋମୁଣ୍ଡା ତହସିଲଦାର ଗୁଣମଣୀ ସୁନାନୀଙ୍କ ସହ ତିନି ଗୋଟି ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ମାନେ ସାମିଲ୍ ହୋଇଥିଲେ ।

# ଆଇନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୨୨/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଆସିଥିବା ଆଇନ, ନଗର ଉନ୍ନୟନ, ପଂଚାୟତରାଜ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଜିଲ୍ଲା ପ୍ରଶାସନ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିବା ଜଣାପଡିଛି । ଶ୍ରୀ ଜେନା ମଙ୍ଗଳବାର ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ପ୍ରଭୃତି ଅଂଚଳ ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେବା ସହ ସଂନ୍ଧ୍ୟା ୫ଟା ସମୟରେ ଜିଲ୍ଲା କାର୍ଯ୍ୟାଳୟରେ ପହଁଚି ଭର୍ଚୁଆଲ ମାଧମରେ କ୍ୟାବିନେଟ ବୈଠକରେ ଅଂଶ ଗ୍ରହଣ କରିଥିଲେ । ବୈଠକ ପରେ ଜିଲ୍ଲା ପ୍ରଶାସନ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଯଥା ପାନୀୟ ଜଳ ଯୋଗାଣ, ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ କରାଇବା ସହ ବାଳକ ଓ ବାଳିକାଙ୍କ ପାଇଁ ଅଲଗା ଶୌଚାଳୟ ନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହା ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଗୁଡିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରାଇ ଜିଲ୍ଲାବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ଉପରେ ସମୀକ୍ଷା କରି ତୁରନ୍ତ ଏହି ପ୍ରକଳ୍ପ ଗୁଡିକୁ ସାରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ରାଜନଗର ବିଧାୟକ ଧୃବଚରଣ ସାହୁ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଭରସୁଜା ଗ୍ରାମ ଉଚ୍ଛେଦ ଥଇଥାନ ପରେ କରାଯାଉ

ବଲାଙ୍ଗିର ,୨୨/୧୨ (ନି.ପ୍ର): ଆଗଲପୁର ବ୍ଲକ ଅଂଚଳରେ ଭରସୁଜା ଗ୍ରାମ ରେ ୧୮ ତାରିଖ ଦିନ ବିନା ନୋଟିସ ରେ ୭ ଟି ପରିବାର କୁ ଦିଆଯାଇଛି ଭାଙ୍ଗିବା ପାଇଁ ଆର୍ ଆଇ ଙ୍କ ଦ୍ୱାରା ଚିହ୍ନଟ ହୋଇନଥିବା ଦୁଇଟି ଘର ପ୍ଲଟ ୧୪୮୨ ଅପରାହ୍ନରେ ତହସିଲ ଦାର ଆସି ଦୁଇଟି ଘର କୁ ଆସି ଭାଙ୍ଗିବା ପାଇଁ କହି ସମୟ ନ ଦେଇ ଭାଙ୍ଗି ଦେଇଥିବା । ଏହି ପରିବାର ମାନେ ଆଜି ଜିଲ୍ଲାପାଳଙ୍କ ପାଖକୁ ଆବେଦନ କରି ଉପ ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ବା କୁ ଅପେକ୍ଷା କରି ସୁଜିତ୍ କୁମାର ସାହୁ ଦାବି କରିଛନ୍ତି ଯେ ଶୀତ ରାତି କାକର ରେ ହାତୀ ଉପଦ୍ରବ ଭୟରେ ଆମେ ରହିବା ପାଇଁ ଥଇଥାନ କରିବା କୁ ବ୍ୟବସ୍ଥା ନ କରି ଭାଙ୍ଗିବା ଦ୍ୱାରା ୫୦ ବର୍ଷ ରୁ ରହି ଆସୁଥିବା ବାସ ହରାଇବା ଦ୍ୱାରା ଦାଣ୍ଡ କୁ ଆସିଯିବୁ ତେଣୁ ବିଚାର୍ ପାଇଁ ଗ୍ରାମର ସରୋଜିନୀ ପାତ୍ର ଅଞ୍ଜଳି ପାତ୍ର ରୀତାଞ୍ଜଳୀ ପାତ୍ର ଦିଲିପ କୁମାର ପାତ୍ର ଟିକେ ଲାଲ ସାହୁ ତୀର୍ଥ ଭୋଇ ଅକୁର ଭୋଇ ନରସିଂହ ପାତ୍ର ଗୁହାରି କରିଛନ୍ତି ।

# ଗ୍ରାମବାସୀଙ୍କୁ ଶିକ୍ଷା ସମ୍ବନ୍ଧରେ ସଚେତନ କଲେ ଶିବିରାର୍ଥୀ

ଜୟପୁର,୨୨/୧୨ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ ୨ ଦ୍ୱାରା ଆୟୋଜିତ ସାତ ଦିନିଆ ଶୀତ ଶିବିରର ଦ୍ୱିତୀୟ ଦିନରେ ସ୍ୱେଚ୍ଛାସେବୀ ମାନେ ପୈ।ଷ୍ୟ ଗାଁରେ ଶିକ୍ଷା ଓ ସାକ୍ଷରତା ଅଭିଯାନ କରିଛନ୍ତି ।ଘର ଘର ବୁଲି ଲୋକ ମାନଙ୍କ ସମସ୍ୟା ସମ୍ପର୍କରେ ଏକ ପ୍ରାଥମିକ ସର୍ଭେ କରିବା ସହ ନିରକ୍ଷର ଲୋକମାନେ କିପରି ଦସ୍ତଖତ କରିପାରିବେ ସେ ସମ୍ପର୍କରେ ସଚେତନ ଓ ଅଭ୍ୟାସ କରେଇଥିଲେ । ଲୋକମାନେ ଖୁସିରେ ନିଜ ଦସ୍ତଖତ ଶିକ୍ଷା କରୁଥିବା କଥା ସ୍ୱେଚ୍ଛାସେବୀ ମାନେ ପ୍ରକାଶ କରିଛନ୍ତି । ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କର ଶିକ୍ଷଣ ଦକ୍ଷତା ପରଖିବା ସହ ପିଲା ମାନଙ୍କ ପାଇଁ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ନ୍ୟୁମେରେସି ଓ ଲିଟେରେସି ଡ୍ରାଇଭ୍ ଆରମ୍ଭ କରିଛନ୍ତି ସ୍ୱେଚ୍ଛାସେବୀ ।ଏହି କାର୍ଯ୍ୟକ୍ରମ ବାକି ଦିନ ଗୁଡ଼ିକରେ ମଧ ଶିବିରାର୍ଥୀମାନେ କରିବେ । ମଧାହ୍ନ ଭୋଜନ ପରେ ତିନୋଟି ପ୍ରଶିକ୍ଷଣ କ୍ଲାସ ଅନୁଷ୍ଠିତ ହୋଇଥିଲା ଯାହାକି ସ୍ୱେଚ୍ଛାସେବୀ ମାନଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ଉଦ୍ଦିଷ୍ଟ ।ପ୍ରଥମ ଅଧିବେଶନରେ ନିମନ୍ତ୍ରିତ ଅତିଥି ତଥା ସମ୍ବଲ ଶିକ୍ଷକ ଶ୍ରୀମତୀ ଗାୟତ୍ରୀ ବୈଠାରୁ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଜୟପୁର ସମବେତ ସ୍ୱେଚ୍ଛାସେବୀ ମାନଙ୍କୁ ଜୀବନର ବାସ୍ତବ ଲକ୍ଷ୍ୟ ସମ୍ପର୍କରେ ସୁନ୍ଦର ଭାବରେ ଉଦବୋଧନ ଦେଇଥିଲେ । ଅଧିବେଶନଟି କର୍ମଭିତ୍ତିକ ଥିଲା ।

ପରେ ଉଦବୋଧନ ଦ୍ୱିତୀୟ ଅଧିବେଶନରେ ସମାଜସେବୀ କାର୍ତ୍ତିକ ରାଉତ ଶିବିରାର୍ଥୀଙ୍କୁ ସମାଜ ସେବାରେ ଆତ୍ମତୃପ୍ତି ଓ ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇବାକୁ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଡ଼ ମନୋରଞ୍ଜନ ପ୍ରଧାନ ସମ୍ପୁର୍ଣ୍ଣ ଦିବସର ସେବା, ସଚେତନତା ଓ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ ଏବଂ ତାପରେ ଶିବିରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଦିବାସୀ ଗୀତର ତାଳେ ତାଳେ ଛାତ୍ରୀ ମାନେ ଆନନ୍ଦ ଉଠେଇଥିଲେ ।

# ଜଗତପୁର ନର୍ଥ ଡିଭିଜନ ଓ କେନ୍ଦୁପାଟଣା ସବଡିଭିଜନରେ ନୂତନ ପାଣି ପଂଚାୟତ ଗଠନ ପାଇଁ ଦାବି

ସାଲେପୁର,୨୨/୧୨ (ନି.ପ୍ର): ରାଜ୍ୟରେ କୃଷକମାନଙ୍କୁ ଅଗ୍ରାଧିକାର ଭିତିରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ବୋଲି ସରକାର ଡିଣ୍ଡିମ ପିଟୁଥିବା ବେଳେ ଚାଷୀମାନେ ନାନା ପ୍ରକାର ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଏପରିକି ବିଭାଗୀୟ କର୍ମଚାରୀଙ୍କ ଦୋଷ ହେଉ କି ରାଜନୈତିକ ବ୍ୟକ୍ତିମାନଙ୍କର ଚଂଚକତା ହେଉ ଚାଷୀମାନେ କିପରି ସରକାରଙ୍କ ଅନୁକମ୍ପା ପାଇପାରିବେ ସେଥିପ୍ରତି କାହାରି ନଜର ନଥିବା ଜାଣିବାକୁ ମିଳିଛି । ପ୍ରାପ୍ତ ସୂଚନା ମୁତାବକ, ଚାଷୀମାନେ କୃଷି କାର୍ଯ୍ୟ କରିବା ସମୟରେ ନିଜେ ନିଜର ବିଲକୁ କିପରି ସୂଚାରୁ ରୂପେ ପାଣି ମଡାଇ ପାରିବେ ସେଥିପ୍ରତି ଧାନ ଦିଆଯାଇ ଚାଷୀମାନଙ୍କୁ ନେଇ ୨୦୦୭ - ୦୮ ମସିହାରେ ଜଗତପୁର ସବଡିଭିଜନ ଅଧିନରେ ମୋଟ୍ ୮୪ ଟି ପାଣି ପଂଚାୟତ ଗଠନ କରାଯାଇଥିବା ବେଳେ କେନ୍ଦୁପାଟଣା ସବଡିଭିଜନ ଅଧିନରେ ୩୯ଟି ପାଣି ପଂଚାୟତ କମିଟି ଗଠନ କରାଯାଇଥିଲା । ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଉପରେ ନିର୍ଭର କରୁଥିବା ଚାଷୀମାନଙ୍କୁ ନେଇ ପଂଚାୟତର କର୍ମକର୍ତା ନିର୍ବାଚନ ହେବା ସହ କର୍ମକର୍ତାଙ୍କ ପାଇଁ ଅଫିସ ଗୃହ ନିର୍ମାଣ କରାଗଲା । ଯଦିବା ନିର୍ବାଚନ ପ୍ରକ୍ରିୟାରେ ଏହି ପାଣି ପଂଚାୟତ ଗଠନ କରାଯାଇଥିଲା ଏହି କର୍ମକର୍ତାଙ୍କ କାର୍ଯ୍ୟକାଳ ୩ ବର୍ଷ ରହିଥିଲା । ପରବର୍ତୀ ସମୟରେ ଏହି କାର୍ଯ୍ୟକାଳ ୬ ବର୍ଷକୁ ବୃଦ୍ଧି କରାଯାଇଥିଲା । ପାଣି ପଂଚାୟତରେ ରହିଥିବା କର୍ମକର୍ତାମାନେ ତାଙ୍କ ଉପରେ ନିର୍ଭର କରୁଥିବା ଚାଷୀମାନଙ୍କୁ ଜଳସେଚନର ସୁବିଧା କରିବା ସହ ଉତ୍ପାଦିତ ସାମଗ୍ରୀକୁ ବାହାରେ ମଧ ବିକ୍ରି କରିବା ପ୍ରଣାଳୀ କରାଯାଇଥିଲା । ଚାଷୀମାନେ କିଭଳି ଜଳସେଚନର ସୁବିଧା ପାଇବେ ସେଥିପ୍ରତି ସରକାରଙ୍କ ପକ୍ଷରୁ ପାଣି ପଂଚାୟତକୁ ବିପୁଳ ପରିମାଣର ଅର୍ଥ ମଧ ଯୋଗାଇ ଦିଆଯାଉଥିଲା । ହେଲେ ପାଣି ପଂଚାୟତ ଏହି ଅର୍ଥକୁ ନେଇ ସଦୁପଯୋଗ ନକରିପାରିବାରୁ ଚାଷୀମାନଙ୍କ ପକ୍ଷରୁ ଉପରିସ୍ଥ ଅଫିସରଙ୍କୁ ବାରମ୍ବାର ଅଭିଯୋଗ କରାଯିବା ସହ କମିଟିର ମଧ କାର୍ଯ୍ୟକାଳ ପୁରିଗଲା । ତେବେ ଦୀର୍ଘ ୨୦୧୫ - ୧୬ ମସିହାଠାରୁ ପାଣି ପଂଚାୟତର କାର୍ଯ୍ୟକାଳ ପୁରି ଯାଇଥିଲେ ମଧ ଅଦ୍ୟାବଧି ଜଳସେଚନ ଉପରିସ୍ଥ ଅଫିସରଙ୍କ ପକ୍ଷରୁ ନୂତନ ପାଣିପଂଚାୟତ ଗଠନ କରାଯାଉନଥିବାରୁ ଚାଷୀମାନେ ଚାଷ କାର୍ଯ୍ୟ ସମୟରେ ନିଜର ଚାଷ ଜମିକୁ ସୂଚାରୁ ରୂପେ ପାଣି ନେଇ ପାରୁନାହାଁନ୍ତି । ଫଳରେ ଚାଷୀମାନେ ହତୋତ୍ସାହିତ ହୋଇପଡିଥିବା ଅଭିଯୋଗ ହୋଇଛି । କଟକ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ ପାଣି ପଂଚାୟତ ଗଠନ ଦିଗରେ ତତ୍ପରତା ପ୍ରକାଶ କଲେ ଆଗାମୀ ଦିନରେ ଚାଷୀମାନେ ବହୁ ସୁବିଧା ପାଇପାରିବେ ବୋଲି ଦୀପାଂଚଳ ଉନ୍ନୟନ ପରିଷଦ ଦାବି କରିଛି ।

# ସାମ୍ପ୍ରତିକ ସମାଜରେ ସାଇବର ଅପରାଧ ଓ ସଚେତନତା ଶୀର୍ଷକ ଆଲୋଚନାଚକ୍ର

ବଲାଙ୍ଗିର,୨୨/୧୨ (ନି.ପ୍ର): ମାହେଶ୍ୱରୀ ସଂଗଠନ ପକ୍ଷରୁ ଆଜି ଅପରାହ୍ନ ୪ ଟା ସମୟରେ ସ୍ଥାନୀୟ ପତିତପାବନ ଏକାଡେମୀ ସଭାଗୃହରେ ସାମ୍ପ୍ରତିକ ସମାଜରେ ସାଇବର ଅପରାଧ ଓ ସଚେତନତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ପୁଲିସ ବିଭାଗର ସାଇବର ଅପରାଧ ଶାଖା ଡେପୁଟି ପୁଲିସ ସୁପରିଟେଣ୍ଡେଂଟ ଏଲ୍ ସ୍ମିୟଶ କିଶପଟ୍ଟା ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ତଥ୍ୟ ରଖିବା ସହ କିପରି ଆମେ ଏଥିରୁ ବଂଚି ପାରିବା ତାହା ବର୍ଣ୍ଣନା କରିଥିଲେ । ଆମେ ଏଭଳି ଠକ ହାବୁଡରେ ପଡି କ୍ଷତିରେ ପଡିଲେ ଚବିଶ ଘଂଟା ଭିତରେ ଅପରାଧ ଶାଖା ଫୋନ ନଂ୧୫୫୨୬୦ ୱାର୍ଡ ଅଫ ନମ୍ବର ୭୬୫୬୯୦୨୭୦୩ ରେ ରିପୋର୍ଟ କରିବା ସହ ନିକଟରେ ଥିବା ପୁଲିସରେ ରିପୋର୍ଟ କରିବା ପାଇଁ ସେ ସୂଚନା ଦେଇଥିଲେ । ଅନ୍ୟ ବକ୍ତା ମାନଙ୍କ ମଧ୍ୟରେ ବରିଷ୍ଠ ଅପରାଧ ଓକିଲ ଅମରେନ୍ଦ୍ର ମିଶ୍ର ତାଙ୍କ ବକ୍ତବ୍ୟରେ ଏ ସମ୍ପର୍କରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବରିଷ୍ଠ ସାମ୍ବାଦିକ ଅଖିଳ ହୋତା ବିଭିନ୍ନ କାହାଣୀ କହିବା ସହ ତାଙ୍କର ଅନୁଭୂତିରେ ଘଟିଥିବା ବିଭିନ୍ନ ଦିଗରୁ ବର୍ଣ୍ଣନା କରି ଘଟୁଥିବା ଅପରାଧର ସୂଚନା ଦେଇଥିଲେ । ମାହେଶ୍ୱରୀ ସଂଗଠନର ସଭାପତି ଅଙ୍କୁଶ ପାଣ୍ଡିଆ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସଭା ପରିଚାଳନା କରିଥିଲେ ଉପଦେଷ୍ଟା ବ୍ୟାସଦେବ ନନ୍ଦ ।

# ହରି ନାରାୟଣ ପୂଜାରୀଙ୍କୁ କ୍ରୀଡା ସଂସଦ ବଲାଙ୍ଗିରରେ ସମ୍ବର୍ଦ୍ଧନା

ବଲାଙ୍ଗିର ,୨୨/୧୨ (ନି.ପ୍ର): ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଜିଲ୍ଲା କ୍ରୀଡାସଂସଦର ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟଙ୍କ ଆବାହକତ୍ୱ ଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡର ଟୁରିସ୍ ?, ଫିକ୍ସଚ ?ସ ଓ ବୈଷୟିକ ସମିତିରେ ଓଡିଶାରୁ ଏକ ମାତ୍ର ସଦସ୍ୟ ରୁପେ ସ୍ଥାନୀତ ହୋଇ ବଲାଙ୍ଗିର କ୍ରୀଡା ସଂସଦ, ଜିଲ୍ଲା ଓ ରାଜ୍ୟର ସ୍ୱାଭିମାନକୁ ମର୍ଯ୍ୟାଦା ମଣ୍ଡିତ କରିଥିବା ଦକ୍ଷ କ୍ରୀଡା ସଙ୍ଗଠକ ହରିନାରାୟଣ ପୂଜାରୀଙ୍କୁ ସମ୍ମାନିତ କରାଯାଇଥିଲା । ସଭାପତି ଡ. ମିଶ୍ର ପ୍ରାରମ୍ଭିକ ସୂଚନା ଦେବା ସହ ଶ୍ରୀମାନ ପୁଜାରୀ ଏବଂ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ । ଶ୍ରୀମାନ ପୁଜାରୀ ଜିଲ୍ଲାରେ କ୍ରିକେଟ ଏବଂ ଅନ୍ୟ ସବୁ କ୍ରୀଡାର ବିକାଶ କ୍ଷେତ୍ରରେ ଆଗକୁ ନୂତନ ପଦକ୍ଷେପ ଗ୍ରହଣ କରିବା ଉପରେ ନିଜର ଅଭିବ୍ୟକ୍ତି ରଖିଥିଲେ । ଏହି ସମାରୋହରେ ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥି, ଯୁଗ୍ମ ସମ୍ପାଦକ ଶତୃଘ୍ନ ସିଂ, ଜିଲ୍ଲା କ୍ରୀଡାଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ଜିଲ୍ଲା କ୍ରୀଡା ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡ଼ା, କୋଷାଧକ୍ଷ ପ୍ରଭାତ କୁମାର ମିଶ୍ର, କ୍ରିକେଟ ସମ୍ପାଦକ ଓମ ପ୍ରକାଶ ଚାନ୍ଦ, କ୍ରୀଡା ସମ୍ପାଦକ ବିଭୁତି ଭୁଷଣ ପଣ୍ଡା, ଫୁଟବଲ ସମ୍ପାଦକ ହେମନ୍ତ ବେହେରା, ଭଲିବଲ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ପୁରୋହିତ, ବିକ୍ରମାନନ୍ଦ ବହିଦାର, ସୁଧିର ଚନ୍ଦ୍ର ପଣ୍ଡା, ରମାକାନ୍ତ ସେଟ, ଜୟରାମ ମିଶ୍ର, କସ୍ତୁରୀ ରଥ, ସିଦ୍ଧେଶ୍ୱର ମିଶ୍ର, ବଟୁ ସିଂ, ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରୀମାନ ପୁଜାରୀଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଶୁଭେଚ୍ଛା ଜଣାଇଥିଲେ । ଯୁଗ୍ମ ସମ୍ପାଦକ ଶ୍ରୀ ଆଚାର୍ଯ୍ୟ ଶୁଭେଚ୍ଛା ସ୍ମାରକୀରେ ଉଲ୍ଲେଖିତ ବାର୍ତ୍ତା ପଠନ କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଗୁନିଆରେ ରକ୍ତଦାନ ଶିବିର : ୧୫୭ ୟୁନିଟ ରକ୍ତ ସଂଗ୍ରହ

ଖୋର୍ଦ୍ଧା,୨୨/୧୨ (ନି.ପ୍ର): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ରାଉତପଡ଼ା ଓ ସିକୋ ପଂଚାୟତରେ ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଓ ଭଞ୍ଜନଗର ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ମୋଟ ୧୫୭ ୟୁନିଟ ବ୍ଲଡ଼ ସଂଗ୍ରହ କରାଯାଇଛି । ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରାଜେନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏପରିକି ବିଧାୟକ ପାଣ୍ଠିରୁ ଉଭୟ ପଂଚାୟତର ଲୋକଙ୍କୁ କରୋନା ରକ୍ଷାକବଚ ମାସ୍କ ବଂଟନ କରିବା ସହିତ ସ୍ଥାନୀୟ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ । ରାଉତପଡ଼ାର ଭୁବନାନନ୍ଦ ଶତପଥି, ବିବେକାନନ୍ଦ ରାଉତରାୟ, କୈଳାସ ଜେନା, ସୁଶାନ୍ତ ଦେବତା, ଭୀମସେନ ବେହେରା, ବିଧୁଭୂଷଣ ଦାସ, କୁଞ୍ଜବିହାରୀ ସିଂ, ରୁଦ୍ରନାରାୟଣ ମହାପାତ୍ର, ସେକ୍ ଅଶଗର୍ ଅଲି, ଦିଲିପ୍ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ଓ ଶିକୋ ପଂଚାୟତର ପୂର୍ବତନ ସରପଂଚ ରୂପକାନ୍ତି ସାହୁ, ସିକୋ କଲେଜ ସଭାପତି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶୁଭକାନ୍ତ ମହାପାତ୍ର, ଯୁଧିଷ୍ଠିର ବେହେରା, ଜ୍ୟୋତିରଞ୍ଜନ ଖାଡଙ୍ଗା, ସତ୍ୟ ପ୍ରକାଶ ସାହୁ, ପ୍ରକାଶ କୁମାର ସାହୁ, ମନୋରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ମୁଖ୍ୟ ଟ୍ରାଫିକ ଛକକୁ ବିପିନ ରାଓତଙ୍କ ନାମରେ ନାମିତ କରାଯିବାକୁ ଦାବି

ଜୟପୁର ,୨୨/୧୨ (ନି.ପ୍ର): ବିକ୍ରମ ଦେବ ସୟଂ ଶାସିତ ମହାବିଦ୍ୟାଳୟର ଜୟପୁରର ଏନସିସି ଅଲୁମନି ସଂଘ ତରଫରୁ ଉପ ଜିଲାପାଳ ଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ସଂଘ ସଦସ୍ୟ ମାନେ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ ଙ୍କୁ ଦାବୀ ପ୍ରଦାନ କରିଛନ୍ତି । ସହରର ମୁଖ୍ୟ ଟ୍ରାଫିକ ଛକକୁ ଭାରତର ପ୍ରଥମ ଚିପ ଅଫ ଡିଫେନ୍ସ ଷ୍ଟାପ ସିଡିଏସ ଜେନେରାଲ ବିପିନ ରାଓତ ଙ୍କ ନାମରେ ନାମ କରଣ କରାଯାଉ । ସୁଚନା ଅନୁଯାଇ ଭାରତବାସୀ ବିପିନ ରାଓତ ଙ୍କ ସହ ବିରଙ୍କୁ ହରାଇ ଥିବା ବେଳେ ତାଙ୍କ ସ୍ମୃତିରେ ଟ୍ରାଫିକ ଛକର ନାମ କରଣ କରିବାକୁ ସଂଘ ଦାବି କରାଯାଇଛି । ଡିସେମ୍ବର ୮ ତାରିଖରେ କୁନୁର ନିକଟରେ ତାଙ୍କ ଚପ୍ପର ଦୁର୍ଘଟଣା ଘଟିଥିବାରୁ ତାଙ୍କ ସମେତ ଅନେକ ସେନା ଅଧିକାରି ଶହିଦ ହୋଇଥିଲେ । ଜେନେରାଲ ରାଓତ ଜଣେ ବିର ଅଧିକାରି ଥିଲେ । ଯେକି ଭାରତ ଓ ଭାରତ ବାହାରେ ଦେଶକୁ ସୁରକ୍ଷା ଦେବା ନିମିତ୍ତ ଅନେକ ମିଶନକୁ ସଫଳ କରିଥିଲେ । ତେଣୁ ତାଙ୍କ ଦେଶ ଭକ୍ତି, ବିରତା ତାଙ୍କ ଅବଦାନ କୁ ମନେ ପକାଇବା ପାଇଁ ନାମ କରାଯାଉ ବୋଲି କୃଷ୍ଣ କେଶବ ଷଡଙ୍ଗି, ନିଶାନ ପଟ୍ଟନାୟକ ଦୀପକ ଷଡଙ୍ଗୀ, ରବିନ୍ଦ୍ର ହୋତା, ଦୁର୍ଗା ଚରଣ ସାହୁ,ପ୍ରମୁଖ ଦାବି କରିଛନ୍ତି । ଏନେଇ ଜିଲାପାଳ ଙ୍କୁ ମଧ ସୋସିଆଲ ମିଡିଆ ମାଧ୍ୟମରେ ଉଚିତ ପଦକ୍ଷେପ ନେବା ପାଇଁ ଅନୁରୋଧ ମଧ କରାଯାଇଛି ।

# ମୁଖ୍ୟ ସଡକର ଦୂରବସ୍ଥା ନେଇ କଦଳୀଗଛ ପୋତିଲେ ବିଜେପି କର୍ମୀ

କେନ୍ଦ୍ରାପଡ଼ା,୨୨/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ତିନିମୁହାଣୀ ଠାରୁ ଆରମ୍ଭ କରି ଇଛାପୁର ପର୍ଯ୍ୟନ୍ତ ମୁଖ୍ୟ ସଡକ ଓ ବିଭିନ୍ନ ସାହି ବସ୍ତିରେ ଥିବା ରାସ୍ତା ଗୁଡିକର ଅବସ୍ଥା ଶୋଚନୀୟ ହୋଇ ପଡିଲାଣି । ବିଶେଷକରି ଜନଗହଳି ପୂର୍ଣ୍ଣ ସହରର ମୁଖ୍ୟ ସଡକଟି ବିଭିନ୍ନ ଯାଗାରେ ଖାଲଖମାରେ ଭର୍ତିହୋଇ ଜନ ସାଧାରଣଙ୍କ ପାଇଁ ବିପଦର କାରଣ ହୋଇଥିବା ବେଳେ ଦୈନିକ ଛୋଟବଡ ଦୁର୍ଘଟଣା ଘଟି ଚାଲିଛି । ପ୍ରାୟ ୫ବର୍ଷ ତଳେ ତିନିମୁହାଣୀରୁ ଅଙ୍ଗୁଳାଇ ପର୍ଯ୍ୟନ୍ତ ୭ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଥିବା ଏହି ରାସ୍ତା ଖାଲଖମା ଭର୍ତି ହୋଇ ପଡିଥିବା ବେଳେ ବିଭାଗ ଏହାକୁ ମରାପତି କରିବା ନାଁ ଧରୁନାହିଁ । ଏହାର ପ୍ରତିବାଦରେ ନଗର ବିଜେପି ପକ୍ଷରୁ ସଭାପତି ଦିଲିପ ଦାସଙ୍କ ନେତୃତ୍ୱରେ କର୍ମୀମାନେ ବାୟାମଠ ସାମନା ମୁଖ୍ୟ ସଡକ ଖାଲରେ କଦଳୀ ଗଛ ପୋତି ପ୍ରତିବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଦିପ ନାୟକ, ନିହାର ରଞ୍ଜନ ମହାନ୍ତି, ଦୁର୍ଯ୍ୟୋଧନ ସାହୁ, ସିଦ୍ଧାର୍ଥ ସିଂହ, ବାବୁଲି ଚରଣ ବେହେରା, ନରେଶ ଶର୍ମା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ମୁଣ୍ଡ ବିନ୍ଧାରୁ ମୁକ୍ତି ଦେବ ଅଦା

**ନିଦ ଆମ ଶରୀର ପାଇଁ ଜରୁରି । କିନ୍ତୁ ଅନେକ ସମୟରେ ଦେଖିବାକୁ ମିଳେ ଯେ ଅଧିକ ସମୟ ଶୋଇବା ପରେ କେତେଜଣଙ୍କର ମୁଣ୍ଡ ବିନ୍ଧା ହୋଇଥାଏ । ତେବେ ଏପରି ସମସ୍ୟାରୁ କିପରି ମୁକ୍ତି ପାଇବେ ।**







### ଅଦା ଖାଆନ୍ତୁ

ଅଧିକ ଶୋଇବା ଦ୍ୱାରା ହେଉଥିବା ମୁଣ୍ଡବିନ୍ଧାରୁ ରକ୍ଷା ପାଇବା ପାଇଁ ଅଦା ଖାଇପାରିବେ । ଏଥିପାଇଁ ଅଦା ରସ ବା ଅଦା ପକାଇ ଚା' ପିଇପାରିବେ । ଅଦା ମସ୍ତିଷ୍କରେ ଥିବା ରକ୍ତକୋଷିକାରେ ଉପୁଜୁଥିବା ଯନ୍ତ୍ରଣାକୁ କମ କରିଥାଏ ।

### କ୍ୟାଫିନ୍ କମ ନିଅନ୍ତୁ

ଯଦି ଆପଣଙ୍କର ଏପରି ମୁଣ୍ଡବିନ୍ଧା ହେଉଥାଏ, ତେବେ ନେଉଥିବା କ୍ୟାଫିନର ମାତ୍ରାକୁ କମ କରିଦିଅନ୍ତୁ । କାରଣ ଅଧିକ କ୍ୟାଫିନଯୁକ୍ତ ପାନୀୟ ନେବା ଠିକ ଭାବରେ ନିଦ ହୋଇନଥାଏ ।

### ଅଧିକ ପାଣି ପିଅନ୍ତୁ

ଯଦି ଆପଣଙ୍କ ଶରୀରରେ ପାଣିର ଅଭାବ ଥାଏ, ତେବେ ଅଧିକ ସମୟ ଶୋଇବା ପରେ ମୁଣ୍ଡବିନ୍ଧା ହୋଇଥାଏ । କଫି, ଆଲକହଲ ଓ ଡ଼ଟା ପାନୀୟ ପିଇବା ଦ୍ୱାରା ଶରୀରରେ ପାଣିର ଅଭାବ ଦେଖା ଦେଇଥାଏ । ସେଥିପାଇଁ ମୁଣ୍ଡବିନ୍ଧାରୁ ମୁକ୍ତି ପାଇଁ ଅଧିକ ମାତ୍ରାରେ ପାଣି ପିଇବା ଆବଶ୍ୟକ ।

### ଯୋଗ ଦିଏ ଫାଇଦା

ଅଧିକ ନିଦରୁ ହେଉଥିବା ମୁଣ୍ଡବିନ୍ଧାରୁ ମୁକ୍ତି ପାଇଁ ଯୋଗ କରିପାରିବେ । ଏହା ଶରୀର ପାଇଁ ଲାଭକାରୀ ହେବା ସହିତ ମୁଣ୍ଡକୁ ଶାନ୍ତ ଓ ସ୍ଥିର ରଖିଥାଏ । ଫଳରେ ଭଲ ନିଦର ଫାଇଦା ପାଇପାରିବେ ।

# ସମୟ ପୂର୍ବରୁ ଋତୁସ୍ରାବ ଚାହୁଁଥିଲେ....

**ଅନେକ ସମୟରେ ଏମିତି ହୁଏ କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ନେଇ ମହିଳାମାନେ ନିର୍ଦ୍ଧାରିତ ତାରିଖ ପୂର୍ବରୁ ପିରିୟଡ ହେଉ ବୋଲି ଚାହିଁଥାନ୍ତି । ସେଥିପାଇଁ କେହି କେହି ଔଷଧର ସହାୟତା ନେଇଥାନ୍ତି । ମାତ୍ର ସାଧାରଣ ଭାବେ ଘରୋଇ ଉପାୟରେ ବି ଏହା ସମ୍ଭବ । ଯଦି ଆପଣଙ୍କର ଏମିତି କିଛି ସମସ୍ୟା ରହିଥାଏ, ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ । ଯଦି ଏପରି ଔଷଧ ନେବାକୁ ଚାହାନ୍ତିନି, ତେବେ କେତେକ ଖାଦ୍ୟ ଜରିଆରେ ଆପଣ ପରିୟଡକୁ ନିୟନ୍ତ୍ରଣରେ ରଖିପାରିବେ ।**



### ଅଧିକ ଅମୃତଭଣ୍ଡା ଖାଆନ୍ତୁ

ଯଦି ଆପଣ ସମୟ ପୂର୍ବରୁ ପରିୟଡ ହେଉ ବୋଲି ଚାହୁଁଥାନ୍ତି, ତେବେ ବହୁ ମାତ୍ରାରେ ଅମୃତଭଣ୍ଡା ଖାଆନ୍ତୁ । ଅଧିକ ଅମୃତଭଣ୍ଡା ଖାଇବା ଦ୍ୱାରା ଶରୀରରେ କ୍ୟାରୋଟିନର ମାତ୍ରା ବଢ଼ିଥାଏ, ଯାହା ଫଳରେ ଏଷ୍ଟ୍ରୋଜେନ ହରମୋନ ବଢ଼ିବା ସହ ରତୁସ୍ରାବ ସମୟ ପୂର୍ବରୁ ହୋଇଥାଏ । ଅମୃତଭଣ୍ଡା ଖାଇବା ଦ୍ୱାରା ଶରୀରରେ ଗରମ ବଢ଼ିଥାଏ, ଫଳରେ ରକ୍ତ ସଞ୍ଚାଳନ ତୀବ୍ର ହୋଇଥାଏ ।

### ମହୁ ସହ ରାଶି ଖାଆନ୍ତୁ

ଘରୋଇ ଉପାୟରେ ସମୟ ପୂର୍ବରୁ ପରିୟଡସ୍ ଚାହୁଁଥିଲେ, ରାଶି ଖାଇପାରିବେ । ରାଶି ଶରୀରକୁ ଗରମ କରି ସମୟ ପୂର୍ବରୁ ପିରିୟଡସ୍ ହେବାରେ ସାହାଯ୍ୟ କରିଥାଏ । ଏଥିପାଇଁ ଏକ ଚାମଚ ମହୁ ସହ ଏକ ଚାମଚ ରାଶି ମିଶ୍ରଣକୁ ଦିନକୁ ଦୁଇ ବା ତିନି ଥର ଖାଆନ୍ତୁ । ପିରିୟଡସ ହେବାକୁ ଥିବା ତାରୀଖର ଏକ ସପ୍ତାହ ପୂର୍ବରୁ ଏହାକୁ ଖାଇବା ଆବଶ୍ୟକ ।





### ଗରମ ପାଣିରେ ହଳଦୀ ମିଶାଇ ପିଅନ୍ତୁ

ହଳଦୀରେ ଫାଇଟୋଏଷ୍ଟ୍ରୋଜେନ୍ ରହିଥାଏ, ଯାହା ଗର୍ଭାଶୟରୁ ବାହାରୁଥିବା ରକ୍ତକୁ ଉତ୍ତେଜିତ କରିଥାଏ । ତେଣୁ ଯଦି ଆପଣ ସମୟ ପୂର୍ବରୁ ପରିୟଡ ଚାହୁଁଥାନ୍ତି, ତେବେ ଏକ ସପ୍ତାହ ପୂର୍ବରୁ ନିୟମିତ ସକାଳେ ଗରମ ପାଣିରେ ଚିମୁଟାଏ ହଳଦୀ ପକାଇ ପିଅନ୍ତୁ । ଏପରି କରିବା ଦ୍ୱାରା ପ୍ରାକୃତିକ ଉପାୟରେ ପିରିୟଡସ ହୋଇଥାଏ ।



### ଡାଲିମ୍ବ ଜୁସ୍

ଡାଲିମ୍ବ ଜୁସ ଶରୀରରେ ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଉତ୍ତେଜନା ବଢ଼ାଇଥାଏ । ଯାହା ଫଳରେ ପରିୟଡ ହେବା ସହଜ ହୋଇଥାଏ । ଅବଶ୍ୟ ଏଥିପାଇଁ ପରିୟଡ ତାରିଖର ୧୦ଦିନ ପୂର୍ବରୁ ନିୟମିତ ଡାଲିମ୍ବ ଜୁସ ପିଇବାକୁ ପଡ଼ିଥାଏ ।



# ପାଣିରେ ନିମ୍ବ ପତ୍ର ପକାଇ ସ୍ନାନ କରନ୍ତୁ: ଆଉ ଦେଖନ୍ତୁ ଏହାର ଫାଇଦା



ନିମ୍ବ ପାଣିରେ ଗାଧୋଇବା ଦ୍ୱାରା ଆପଣଙ୍କୁ ଅନେକ ଲାଭ ମିଳିଥାଏ । ନିମ୍ବ ପତ୍ରରେ ଫ୍ୟାଟି ଏସିଡ୍, ଲିମୋନୋଏଡ୍, ଭିଟାମିନ୍-ଇ, ଆଣ୍ଟିଅକ୍ସିଡାଣ୍ଟ ଏବଂ କ୍ୟାଲସିୟମ୍ ରହିଥାଏ । ଯାହାକି ଚର୍ମ ସମସ୍ୟାକୁ ଦୂର କରିବା ପାଇଁ ଏକ ପ୍ରଭାବଶାଳୀ ଚିକିତ୍ସା ହୋଇପାରେ । ନିମ୍ବ ପତ୍ରକୁ ଉଷୁମ ପାଣିରେ ପକାଇ ଏଥିରେ ସ୍ନାନ କରନ୍ତୁ । ଏହା ଦ୍ୱାରା ଚର୍ମ ସମସ୍ୟା ଦୂର ହୋଇଥାଏ । ବ୍ରଣ ସମସ୍ୟା ପାଇଁ ବି ନିମ୍ବ ପତ୍ର ରାମବାଣ ସଦୃଶ୍ୟ ହୋଇଥାଏ ।

ନିମ୍ବ ପତ୍ରକୁ ପାଣିରେ ଫୁଟାଇ ସେହି ପାଣିରେ ସ୍ନାନ କରିବା ଦ୍ୱାରା ଚର୍ମରୁ ଶୁଷ୍କତା ଦୂର ହୋଇଥାଏ । ସାବୁନ ଏବଂ ବଡ଼ି ୱାସର ଆବଶ୍ୟକତା କମ୍ ହୋଇଥାଏ । ଏହା ଚର୍ମରେ ପ୍ରାକୃତିକ ତେଲର ସନ୍ତୁଳନ ବଜାୟ ରଖେ ।

ନିମ୍ବ ପାଣି ମୁଣ୍ଡରେ ରୂପି ହୋଇଥିଲେ ତାହାକୁ ବି ଦୂର କରିଥାଏ । ଏବଂ ଏହା ଚର୍ମ ସଂକ୍ରମଣର ସମସ୍ୟାକୁ ବି ଦୂର କରିଥାଏ ।

ଚର୍ମ ସମ୍ବନ୍ଧୀୟ ସମସ୍ୟା ଦୂର କରିବା ପାଇଁ ନିମ୍ବ ତେଲ ମଧ ବ୍ୟବହାର କରାଯାଇପାରେ । ଏହାଦ୍ୱାରା ଚର୍ମର ଶୁଷ୍କତା ସମସ୍ୟା ଦୂର ହୋଇଥାଏ । ନିମ୍ବ ପତ୍ରର ପେଷ୍ଟ ମଧ ଆପଣଙ୍କ ପାଇଁ ଲାଭଦାୟକ ହୋଇଥାଏ । ଯଦି ଚର୍ମରେ କୁଞ୍ଜନ ଥାଏ, ତେବେ ନିମ୍ବ ପତ୍ରର ଏକ ପେଷ୍ଟ ଲଗାନ୍ତୁ । ଏହା କୁଞ୍ଜନ ସହିତ ଦାଗ ମଧ ଦୂର କରିଥାଏ ।

ଶୀତଦିନେ ଆପଣ ନିମ୍ବ ତେଲ ମଧ ବ୍ୟବହାର କରିପାରିବେ । ସ୍ନାନ କରୁଥିବା ପାଣିରେ କିଛି ବୁନ୍ଦା ନିମ୍ ତେଲ ମିଶାନ୍ତୁ । ସ୍ନାନ କରିବା ପୂର୍ବରୁ ଶରୀରରେ ସୋରିଷ ତେଲ ଏବଂ ନିମ୍ବ ତେଲ ମିଶାଇ ଏହାକୁ ମାଲିସ୍ କରନ୍ତୁ । ଏହା ବ୍ୟତୀତ ଫେସ୍ ପ୍ୟାକରେ କିଛି ବୁନ୍ଦା ନିମ୍ବ ତେଲ ମିଶାଇ ମଧ ପ୍ରୟୋଗ କରାଯାଇପାରେ । ଏହା ବ୍ରଣ ଏବଂ ବ୍ଲାକ୍ ହେଡ୍ର ସମସ୍ୟା ଦୂର କରିଥାଏ ।

# ଆଳୁ କଚୋଡ଼ି



### ଆବଶ୍ୟକ ସାମଗ୍ରୀ :

ମଇଦା, ସିଝା ଆଳୁ, ଲୁଣ, ଜୁଆଣି, ତେଲ, ଅଦା, ରସୁଣ ବଟା, ବେକିଂ ପାଉଡର, ଗ୍ରୀନ୍ ମଟର, ଧନିଆ ପତ୍ର, କଞ୍ଚା ଲଙ୍କା, ଲଙ୍କା ଗୁଣ୍ଡ, ପାନମଧୁରୀ ଗୁଣ୍ଡ, ଧଣିଆ ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ଗରମ ମସଲା ।

### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ମଇଦାକୁ ଏକ ପାତ୍ରରେ ନିଅନ୍ତୁ । ସେଥିରେ କିଛି ତେଲ, ଲୁଣ, ଜୁଆଣି ଓ ବେକିଂ ପାଉଡର ମିଶାଇ ଗୋଳାଇ ଦିଅନ୍ତୁ । ଏହାପରେ ସେଥିରେ ଅଳ୍ପ ପାଣି ଦେଇ ମଇଦାକୁ ଭଲ ଭାବେ ଚକଟନ୍ତୁ । ମଇଦାଟି ଭଲ ଭାବରେ ଚକଟି ସାରିବା ପରେ କିଛି ସମୟ ଏହାକୁ ଘୋଡ଼ାଇ ରଖି ଦିଅନ୍ତୁ । ପରେ ସିଝା ଆଳୁକୁ ଭଲ ଭାବେ ଚକଟି ଦିଅନ୍ତୁ ।

ତା' ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ ଅଦା, ରସୁଣ ବଟା ଓ କଟା କଞ୍ଚା ଲଙ୍କା ପକାଇ କିଛି ସମୟ କଷନ୍ତୁ । ଏହାପରେ ସେଥିରେ ଗ୍ରୀନ୍ ମଟର ପକାନ୍ତୁ । ପରେ ଏହି ମସଲାକୁ ଘୋଡ଼ାଇ ଦେଇ ଦୁଇମିନିଟ୍ ଯାଏ ହାଲକା ଆଞ୍ଚରେ ଛାଡ଼ି ଦିଅନ୍ତୁ । ମଟର ସିଝିଗଲା ପରେ ସେଥିରେ ପୂର୍ବରୁ ଚକଟା ହୋଇ ରହିଥିବା ସିଝା ଆଳୁକୁ ପକାଇ ଦିଅନ୍ତୁ । ତା' ପରେ ସେଥିରେ ଧନିଆ ଗୁଣ୍ଡ, ପାନମଧୁରୀ ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା ଓ ଲୁଣ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏହାପରେ ଆଳୁକୁ କିଛି ସମୟ ଯାଏ ଭଲଭାବେ କଷନ୍ତୁ । ଆଳୁ କଷି ହେବା ପରେ ତା' ଉପରେ କଟା ଧଣିଆ ପତ୍ର ପକାଇ ଦେଇ ଏକ ପାତ୍ରକୁ କାଢ଼ି ଦିଅନ୍ତୁ ।

ପରେ ପୂର୍ବରୁ ଦଳା ହୋଇ ରହିଥିବା ମଇଦାକୁ ଛୋଟ ଛୋଟ ଗୋଳା କରିଦିଅନ୍ତୁ । ମଇଦା ଗୋଳାକୁ ନେଇ ପୁରି ଆକାରରେ ବେଲି ଏହା ଭିତରେ କଷା ଯାଇଥିବା ଆଳୁର ପୁର ଦେଇ ଏହାକୁ ବନ୍ଦ କରିଦିଅନ୍ତୁ । ତାପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା କଚୋଡ଼ିକୁ ଛାଣନ୍ତୁ । ହାଲକା ବାଦାମୀ ଆସିଗଲେ ତାକୁ ଏକ ପାତ୍ରରେ କାଢ଼ି ରଖି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆଳୁ କଚୋଡ଼ି ।

# ଟିପ୍ସ: ମୁଡ୍ ବନାଇବା ପାଇଁ

**ରିଲେସନ୍‌ସିପ୍‌ରେ ସେକ୍ସ ଏକ ପ୍ରମୁଖ ଭୂମିକା ନେଇଥାଏ । ପ୍ରାରମ୍ଭିକ ସମୟରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଥାଏ ବଡ଼ ଉତ୍ସାହ । ହେଲେ ସମୟ କ୍ରମେ ବିଭିନ୍ନ ଦାୟିତ୍ୱ, କର୍ମ ବ୍ୟସ୍ତତା କାରଣରୁ ଶାରୀରିକ ସମ୍ପର୍କ ପ୍ରଭାବିତ ହୋଇଥାଏ । ଆଉ ଏହା ସମ୍ପର୍କ କ୍ଷେତ୍ରରେ ଠିକ୍ ନୁହେଁ । ଯଦି ଆପଣଙ୍କୁ ଲାଗୁଛି ଆପଣଙ୍କ ରିଲେସନ୍‌ସିପ୍ ଏହି ସମୟ ଦେଇ ଗତି କରୁଛି, ତେବେ ଏହାକୁ ଦୂର କରିବା ପାଇଁ, ଜୀବନକୁ ଉପଭୋଗ କରିବା ପାଇଁ ନିମ୍ନଲିଖିତ ଟିପ୍ସକୁ ଅନସରଣ କରିବା ନିହାତି ଆବଶ୍ୟକ ।**









♦ ଆପଣ ଉଭୟେ କେତେ ବି କର୍ମଚାପରେ ରୁହନ୍ତୁ ନା କାହିଁକି, ଅତିକମ୍‌ରେ ଗୋଟିଏ ଦିନ ବାହାର କରି ଉଭୟେ ଏକତ୍ର ବିତାଇବା ଦରକାର । କିଛି ସ୍ଥାନ ବୁଲିବାର ଯୋଜନା ରଖିବା, ଖୋଲାଖୋଲି କଥାବାର୍ତ୍ତା ହେବା ଏହି ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ ।

♦ ଆପଣଙ୍କ ରିଲେସନ୍‌ସିପ୍ ଦୀର୍ଘଦୀନ ହୋଇଯିବା ଅର୍ଥ ଆପଣ ରୋମାଣ୍ଟିକ୍ କଥାବାର୍ତ୍ତା କରିବା ଛାଡ଼ିଦେବା ଠିକ୍ ନୁହେଁ । ରୋମାନ୍ସ ସବୁବେଳେ ରହିବା ଦରକାର । ପରସ୍ପର ମଧ୍ୟରେ ରୋମାଣ୍ଟିକ୍ କଥାବାର୍ତ୍ତା ଆପଣଙ୍କୁ ଆଗାମୀ ପଦକ୍ଷେପ ନେବାକୁ ଆହୁରି ସହଜ କରିବ ।

♦ ରୋମାଣ୍ଟିକ୍ ଡିନର୍ ଡେଟ୍ ମଧ ପ୍ରେମକୁ ମଜଭୁତ କରିବା ଓ ଆଗକୁ ନେବାରେ ବଡ଼ ସହଯୋଗ କରିଥାଏ । ଯଦି ଆପଣ କ୍ୟାଣ୍ଡେଲ୍ ଲାଇଟ୍ ଡିନର୍ କରୁଛନ୍ତି, ତେବେ ବହୁତ ଭଲ । ନଚେତ୍ ଖାଇବା ଦରକାର । ଏହା ଉଭୟେଙ୍କୁ ଆହୁରି ହୃଦୟର ପାଖକୁ ଆଣିଥାଏ ।

♦ ଉଭୟ ପତି-ପତ୍ନୀ ପରସ୍ପରକୁ ସେକ୍ସି ଗିଫ୍ଟ ଦେବାକୁ ଅସହଜ ମନେକରିଥାନ୍ତି । ହେଲେ ମନେ ରଖିବା ଦରକାର ଯେ, ଏହି ଉପହାର ମାଧ୍ୟମରେ ଆପଣ ନିଜର ମନର କଥା ଏବଂ ଶାରୀରିକ ସମ୍ପର୍କ ରକ୍ଷା କରିବାର ବିଷୟକୁ ଅବଗତ କରାଇ ପାରିବେ ।

♦ ସମ୍ପର୍କ ସମୟରେ ସବୁବେଳେ ମନେ ରଖିବା ଦରକାର ଯେ, ଆପଣ ରୋମାନ୍ସକୁ ଭୁଲି ନାହାନ୍ତି । ଯେତେ ବିଳମ୍ବ ହେଲେ ମଧ ରୋମାନ୍ସ କରିବା ଛାଡନ୍ତୁ ନାହିଁ । କାରଣ ଏହା ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଅତି ଜରୁରୀ ।

### ଲେମ୍ବୁ ଓ କଞ୍ଚା ଲଙ୍କା ଦୁଆରେ ଟାଙ୍ଗିଲେ କ'ଣ ହୁଏ

ଗୁରୁବାର ଦିନ ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ କାରି ସୂତା ଆସନରେ ପୂର୍ବ ଦିଗକୁ ମୁହଁକରି ବସି ଗୋଟିଏ କାଗେଜି ଲେମ୍ବୁ ଓ ସାତଗୋଟି କଞ୍ଚାଲଙ୍କା ଗୁନ୍ଥି ସେଥିରେ ସିନ୍ଦୁର ଓ କୁକୁମ୍ ଲଗାଇ ଆରାଧ୍ୟ ଦେବତାଙ୍କୁ ସ୍ମରଣ କରିବେ । ତା' ପରେ ଘରର ଦୁଆର ବନ୍ଧରେ ଝୁଲାଇ ଦବେ । ଯେପରି ମାଳାରେ ପବନ ବାଜି ଘର ଭିତରକୁ ଆସୁଥିବ । ଏପରି କଲେ ପରିବାରରୁ ଅଶାନ୍ତି ଦୂର ହୁଏ । ସର୍ବବିଧ ମଙ୍ଗଳ ହୁଏ । ବ୍ୟବସାୟ ବଢ଼େ । ଚାକିରୀରେ ଉନ୍ନତି ହୁଏ । ବିପଦରୁ ରକ୍ଷା ମିଳେ ।

# କଂକ୍ରିଟରେ ବାଲି ବଦଳରେ ପ୍ଲାଷ୍ଟିକ୍

ସମ୍ପ୍ରତି ଆମ ଦେଶର କୋଠା-ବାଡ଼ି ନିର୍ମାଣ କ୍ଷେତ୍ରରେ ବାଲିର ଅଭାବ ଏବଂ ପରିବେଶ ପ୍ରଦୂଷଣ କ୍ଷେତ୍ରରେ ପ୍ଲାଷ୍ଟିକ୍ ଏକ ବଡ଼ ସମସ୍ୟା । 'ଗୋଆ ଇଂଜିନିୟରିଂ କଲେଜ'ର ଗବେକେମାନେ ଏହାର ସମାଧାନ ପନ୍ଥା ବାହାରକରିବାରେ ସକ୍ଷମ ହୋଇଥିବା ପ୍ରକାଶ । କୋଠା ବାଡ଼ି ନିର୍ମାଣ କ୍ଷେତ୍ରରେ ବାଲି ବଦଳରେ ପ୍ଲାଷ୍ଟିକ୍ ଆବର୍ଜନା ବ୍ୟବହାର କରିବାର ପଦ୍ଧତି, ସେମାନେ ବିକାଶ କରିଛନ୍ତି । ଏହି ପଦ୍ଧତିରେ କଂକ୍ରିଟରେ ବ୍ୟବହାର କରାଯାଉଥିବା ବାଲିର ପରିମାଣ କମାଯିବ ଏବଂ ଏହା ବଦଳରେ ପ୍ଲାଷ୍ଟିକ୍ ଆବର୍ଜନା ବ୍ୟବହୃତ ହେବ । ଫଳରେ ବାଲିର ବ୍ୟବହାର କମିବ । ଏଠି- ସେଠି ଜମୁଥିବା ପ୍ଲାଷ୍ଟିକ୍ ଆବର୍ଜନା କିଛି ପରିମାଣରେ ପୁନଃ ବ୍ୟବହାରଯୋଗ୍ୟ ହୋଇପାରିବ । 'କନଷ୍ଟ୍ରାକସନ ଆଣ୍ଡ ବିଲଡିଂ ମାଟେରିଆଲ' ପତ୍ରିକାରେ ଏ ବାବଦରେ ସବିଶେଷ ବିବରଣୀ ପ୍ରକାଶ ପାଇଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବିଷମୟ ଅବସ୍ଥା...

ଦେଶ ତଥା ବିଶ୍ୱ ଯେଉଁ ଭଳି ବିଷମ ଅବସ୍ଥା ଦେଇ ଗତି କରୁଛି, ତାହା ପୂର୍ବରୁ କେବେ ଦେଖାନଥିଲା । ଏମିତିରେ ବାତ୍ୟା, ବନ୍ୟା ଭୂମିକମ୍ପ ଭଳି ବିପର୍ଯ୍ୟୟ ଆସିଥାଏ ଏବଂ ତାହାର ସାମୟିକ ପ୍ରତିକୂଳ । ପ୍ରଭାବ ଜନସମାଜ ଉପରେ ପଡ଼ିଥାଏ । ଅତି ପ୍ରବଳ ବର୍ଷା ଓ ତଜନିତ ବାତ୍ୟା ହେତୁ ବହୁ ସହର ଓ ଗ୍ରାମ ନିଶ୍ଚିହ୍ନ ହୋଇଥିବାର ନଜିର ରହିଛି । ଜନସମାଜ ଥର ଥର କରି ପ୍ରକୃତିର ଅଭିଶାପଜନିତ କ୍ଷୟକ୍ଷତି ପାଇଁ ମଧ । ପରିଶୋଧ କରିଚାଲିଛି ଋଣ । ଇତିହାସ ପୃଷ୍ଠାରେ ଏହା ଲିପିବଦ୍ଧ ହୋଇ ରହିଛି । ସମ୍ପ୍ରତି ବାୟୁମଣ୍ଡଳୀୟ ଚାପରେ ପରିବର୍ତ୍ତନ ଏବଂ ଜଳସ୍ତରରେ ଅସ୍ୱାଭାବିକତା ଯେମିତି ଦ୍ରୂତ୍ ବେଗରେ ଆସୁଛି, ତାହା କିଭଳି କ୍ଷୟକ୍ଷତିକୁ ଡାକି ଆଣୁଛି, ସମଗ୍ର ବିଶ୍ୱବାସୀ ଦେଖୁଛନ୍ତି । କେବଳ ଦେଖିନାହାଁନ୍ତି ପ୍ରକୃତିର ଅସ୍ୱାଭାବିକ ଆଚରଣ ହେତୁ ହତଭମ୍ବ ହୋଇପଡୁଛନ୍ତି । ଆମେମାନେ ବିସ୍ତୀର୍ଣ୍ଣ ଇଲାକାର ଜଙ୍ଗଲ କାଟି ଧ୍ୱଂସ କରୁଥାଇ, ଭୂତଳ ଜଳର ବେଲଗାମ ବ୍ୟବହାର କରିଚାଲୁଥାଇ । ଜଙ୍ଗଲରେ ଯେଉଁ ବନାଗ୍ନି ମାସ ମାସ ଧରି ଚାଲିଥାଏ, ତାହାର ପ୍ରଶମନ ସକାଶେ ହେଉଥିବା ଉଦ୍ୟମରୁ ଆଖିଦୃଶିଆ ସୁଫଳ ମିଳୁନଥିବାରୁ ଯେଉଁ କ୍ଷତି ହେଉଛି, ବର୍ଧନାର ବାହାରେ । ତାହାଛଡ଼ା କଳକାରଖାନାରୁ ନିର୍ଗତ ପ୍ରଦୂଷଣକାରୀ ଧୂଆଁ ସକାଶେ ଶ୍ୱାସରୋଧକାରୀ ବେମାରକୁ ଡାକି ଆଣିବାରେ ପଛାଇନଥାଉ । ସାମଗ୍ରିକ ଭାବରେ ସୃଷ୍ଟି ହେଉଥିବା ଅଭୂତପୂର୍ବ ସଙ୍କଟ ଭିତର ଦେଇ ଗତିକରୁଛି ମାନବ ସମାଜ । ଏଭଳି ଗୋଟିକ ପରେ ଗୋଟିଏ ବିପର୍ଯ୍ୟୟ ଭିତରେ ଥିବା ବିଶ୍ୱାସୀ କରୋନା ସଂକ୍ରମଣ ପାଇଁ ଦୁଇବର୍ଷ ହେଲା ହନ୍ତସନ୍ତ ହେଉଛନ୍ତି । ସଂକ୍ରମଣର ଗୋଟିକ ପରେ ଗୋଟିଏ ଲହର ହେଇ ଆସି ତମାମ ବିଶ୍ୱବାସୀଙ୍କୁ ଏଭଳି ଏକ ଦୁଃସ୍ଥିତିକୁ ନେଇସାରିଲାଣି ଯେ, ଭୂତାଣୁ ବିରୋଧୀ ସଂଗ୍ରାମକୁ କେତେଦୂର ନେଇହେବ, ତାହା ଅତିବୃହତ୍ ଆହ୍ୱାନ ହୋଇ ଛିଡ଼ା ହୋଇଛି । ଦ୍ୱିତୀୟ ଲହରରେ ସଂକ୍ରମିତ ଓ ମୃତ୍ୟୁସଂଖ୍ୟା । ଉଣା ହେବାର ନାମ ନେଉନାହିଁ । ଓମାଇକନ ଭଳି ବିପଦ ମଧ ଏହା ଭିତରେ ଅନେକ ଦେଶରେ କାୟା ବିସ୍ତାର କରିସାରିଲାଣି । ଆମ ଦେଶରେ ବିଦେଶାଗତଙ୍କ ଜରିଆରେ ଓମାଇକ୍ରମନ୍ ଦେଢ଼ଶହ ଛୁଇଁବାକୁ ଡେରି ନାହିଁ । ବିଶେଷଜ୍ଞମାନେ କହୁଛନ୍ତି, କରୋନା ଭଳି ଏହା ଘାତକ ହେବନାହିଁ । ହେଲେ ଏହାର ଗତି ବହୁତ କ୍ଷୀପ୍ର । ଘାତକ ହେବ ନାହିଁ ବୋଲି ମିଳୁଥିବା ପ୍ରବୋଧନା ଶୁଣି ଆମେ କିଭଳି କରୋନା କଟକଣାକୁ ଅଣଦେଖା କରିପାରିବା । କୁହାଯାଉଛି, ଜାନୁଆରୀ ଶେଷାର୍ଦ୍ଧ ସମୟକୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ କରୋନାର ତୃତୀୟ ଲହର ଓ ଅବତାର ଅଧିକ ଉଗ୍ରରୂପ ଧରିବ । ଆଗକୁ କ'ଣ ହେବ କି ନହେବ, ସେଥିପାଇଁ ପରେ ଚିନ୍ତା କରିବା । ଯାହା କିଛି କୁହାଯାଉଛି, ତାହା କେବଳ ପୂର୍ବାନୁମାନ । ଭୂତାଣୁ ସଂକ୍ରମଣ ନେଇ କାହାରି ପାଖରେ ଠୋସ୍ ହିସାବ ନଥିବାରୁ ଦୁଇ ଲହର ଆଧାରରେ ଯାହା କୁହାଯାଉଛି ବୋଲି ଧରାଯିବ । ଜନକ୍ଷୟ ସହିତ ଅର୍ଥନୀତିକୁ ବଡ଼ ଧରଣର କ୍ଷତି ପହଞ୍ଚାଇଥିବା କରୋନା ଯଦି ସତକୁ ସତ ଓମାଇକ୍ରନ ବାଟ ଦେଇ ବିଶ୍ୱକୁ ଗ୍ରାସ କରୁଛି, ତେବେ ସବୁକ୍ଷେତ୍ରରେ ଅଭାବ ଓ ଅନୁଚିନ୍ତା ଦେଖାଦେବ । ଦୁର୍ଭିକ୍ଷ ଭଳି ସ୍ଥିତି ଯେ ମୁଣ୍ଡଟେକିବ ନାହିଁ ତାହା କିଏ କହିପାରେ । ଅନ୍ୟ କେଉଁ ଦେଶ କଥା କାହିଁକି କହିବା, କରୋନା ଭଳି ଅନ୍ୟଗୁଡ଼ିଏ କାରଣ ପାଇଁ ଭାରତର ଅର୍ଥନୀତି ବିପର୍ଯ୍ୟୟର ଦ୍ୱାରଦେଶରେ ପହଞ୍ଚି ସାରିଲାଣି । ଆମ ଦେଶରେ ମୁଣ୍ଡପିଛା ଋଣ ୩୧,୦୦୦ଟଙ୍କା ହେଲାଣି । ହିସାବ କହୁଛି : ପଡ଼ୋଶୀ ବାଂଲାଦେଶରେ ମୁଣ୍ଡପିଛା ଋଣ ୨୦,୩୦୦ଟଙ୍କା ରହିଛି । ଏହାର ଅର୍ଥ ହେଉଛି, ଭାରତଠାରୁ ବ୍ୟାଲାଦେଶରେ ମୁଣ୍ଡପିଛା ଋଣ ଯଥେଷ୍ଟ କମ୍ । ପାକିସ୍ତାନରେ ତାହା ଯଥେଷ୍ଟ ବେଶି ବୋଲି କହି ଆତ୍ମସନ୍ତୋଷ ପାଇବାର କିଛି କାରଣ ଦିଶୁ ନାହିଁ । କରୋନା ପୂର୍ବରୁ ମଧ ପରିଚାଳନାଗତ ଅବ୍ୟବସ୍ଥା ଲାଗି ଆମ ଅର୍ଥନୀତିରେ ଗଡ଼ବଡ଼ ଥିଲା । ତାହାକୁ କରୋନା ବଢ଼ାଇ ଦେଲା ବୋଲି କୁହାଯାଇପାରେ । ବିଭିନ୍ନ ଯୋଜନା ଏବଂ ସହାୟତା ପ୍ୟାକେଜ୍ ଜରିଆରେ ସରକାର ଦୁଃସ୍ଥିତିରୁ ମୁକୁଳାଇ ଅର୍ଥନୀତିକୁ ସଠିକ୍ ଗୁଳାରେ ପକାଇବା ଲାଗି ଯଥୋନାସ୍ତି ଚେଷ୍ଟାରେ ଅଛନ୍ତି । ମାତ୍ର ସମସ୍ୟା ରହିଯାଉଛି ସମସ୍ୟାର ସମାଧାନ ଲାଗି ପ୍ରାଥମିକତାରେ ତାଳମେଳର ଅଭାବ । ବଡ଼ ବଜେଟରେ ରାସ୍ତା ନିର୍ମାଣ ଯେତିକି ପ୍ରାଧାନ୍ୟ ପାଉଛି, ସେତିକି ଦୁର୍ଗତିଗ୍ରସ୍ତ ନିର୍ମାଣ ଶିଳ୍ପରେ ସୁଧାର ଉଦ୍ୟମ ପାଉନାହିଁ । ମୂର୍ତ୍ତି, ମନ୍ଦିର ନିର୍ମାଣ ଏମିତିରେ ଚାଲୁଥାଉ, ପୁନରୁଦ୍ଧାର କରାଯାଇ ଧାର୍ମିକ କରିଡର ନିର୍ମାଣ ହେଉ, ସେଥିନେଇ କାହାରି କିଛି କହିବାର ନାହିଁ, ତାହା ସହିତ ରାଷ୍ଟ୍ରୀୟ ବିକାଶର ଉଜୁଡ଼ି ଯାଇଥିବା ଅର୍ଥନୀତିକୁ ସଜାଡ଼ିବା ପ୍ରକ୍ରିୟାକୁ ନଜର ଅନ୍ଦାଜ କରାନଯାଉ, ଏହା ଜାଣିବା ଶୁଣିବା ମହଲର ମତ । ଯଦି ପ୍ରାକୃତିକ ବିପର୍ଯ୍ୟୟ ସହିତ ମନୁଷ୍ୟକୃତ ଭୁଲ ତ୍ରୁଟିର ମାତ୍ରା ଅଧିକ ହୋଇଯିବ, ତେବେ ମାନବ ସଭ୍ୟତା ମୌଳିକ ଚିନ୍ତାରେ ପଡ଼ିଯିବ । ଯେମିତି ଅନ୍ନଚିନ୍ତା ଚମତ୍କାରା ବୋଲି ଆପ୍ତ ବାକ୍ୟ ରହିଛି, ତାହା ଅବ୍ୟବସ୍ଥାଜନିତ ପରିଣତି ନହେବା ଦରକାର ।

## ଅମର ବଳିଦାନୀ ସ୍ୱାମୀ ଶ୍ରଦ୍ଧାନନ୍ଦ



ଡ ସମନ୍ୱୟ ନନ୍ଦ



ଭାରତୀୟ ରାଷ୍ଟ୍ର ଓ ସମାଜ ସମ୍ମୁଖରେ ଯେତେବେଳେ ବି କୌଣସି ପ୍ରକାର ସଙ୍କଟ ଆସିଛି ସେତେବେଳେ ଭାରତରେ ମହାପୁରୁଷ ମାନେ ତାର ପ୍ରତିକାର କରିଛନ୍ତି । ସେମାନଙ୍କୁ ପ୍ରାଣବଳୀ ମଧ୍ୟ ଦେବାକୁ ପଡିଛି । ଏପରି ଜଣେ ବଳିଦାନୀ ମହାପୁରୁଷ ହେଉଛନ୍ତି ସ୍ୱାମୀ ଶ୍ରଦ୍ଧାନନ୍ଦ । ଭାରତୀୟ ଧର୍ମ ଓ ସଂସ୍କୃତି ପାଇଁ ନିଜର ସର୍ବସ୍ୱ ବଳିଦାନ କରିଥିବା ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ଡିସେମ୍ବର ମାସ ୨୩ ତାରିଖ ହେଉଛି ବଳିଦାନ ଦିବସ । ତାଙ୍କୁ ୧୯୨୬ ମସିହାରେ ଡିସେମ୍ବର ମାସ ୨୩ ତାରିଖ ଦିନ ଅବଦୁଲ ରସିଦ ନାମକ ଜଣେ ବ୍ୟକ୍ତି ଅତ୍ୟନ୍ତ ନୃଶଂସତାର ସହ ହତ୍ୟା କରିଥିଲା ।

ସ୍ୱାମୀ ଶ୍ରଦ୍ଧାନନ୍ଦ ଆର୍ଯ୍ୟ ସମାଜ ସହ ଜଡିତ ସାଧୁ ଥିଲେ । ସେତେବେଳେ ଆର୍ଯ୍ୟ ସମାଜର ଗୋଟିଏ ବର୍ଗ ଇଂରାଜୀ ମାଧ୍ୟମରେ ବେଦାଦି ଅଧ୍ୟୟନ ଉପରେ ଜୋର ଦେବାକୁ ଯାଇ ଆଙ୍ଗ୍ଲୋ ବେଦିକ ଶିକ୍ଷା ପ୍ରଦାନ କରିବା ଦିଗରେ କାମ କରୁଥିଲେ । ହେଲେ ସ୍ୱାମୀ ଶ୍ରଦ୍ଧାନନ୍ଦ ଏଥିରେ ଏକମତ ନ ଥିଲେ । ସେ ଆଂଲୋ ଶିକ୍ଷା ମାଧ୍ୟମରେ ନୁହେଁ ବରଂ ଗୁରୁକୁଳ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ଦ୍ୱାରା ହିଁ ଭାରତୀୟ ସଭ୍ୟତା ଓ ସଂସ୍କୃତିର ରକ୍ଷା କରା ଯାଇ ପାରିବ ବୋଲି ମତ ଦେଇଥିଲେ । କେବଳ ସେତିକି ନୁହେଁ ବୈଦିକ ଗୁରୁକୁଳ ପଦ୍ଧତିରେ ଶିକ୍ଷା ଦାନ ପାଇଁ ସେ ହରିଦ୍ୱାର ଠାରେ ଏକ ଶିକ୍ଷାନୁଷ୍ଠାନ ଆରମ୍ଭ କରିଥିଲେ ଯାହା ଆଜି ତାରିଖରେ ଗୁରୁକୁଳ କାଙ୍ଗଡି ବିଶ୍ୱବିଦ୍ୟାଳୟ ନାମରେ ପରିଚିତ ।

ସ୍ୱାମୀ ଶ୍ରଦ୍ଧାନନ୍ଦ ମହାତ୍ମା ଗାନ୍ଧୀଙ୍କ କହିବା ଅନୁସାରେ ଖିଲାଫତ ଆନ୍ଦୋଳନରେ ସାମିଲ ହୋଇଥିଲେ । ସେ ହିନ୍ଦୁ- ମୁସଲମାନଙ୍କ ମଧ୍ୟରେ ଏକତା ସ୍ଥାପିତ କରିବା ଓ ଇଂରେଜ ମାନଙ୍କୁ ମିଳିତ ଭାବେ ଦେଶରୁ ହଟାଇବା ପାଇଁ ଖିଲାଫତ ଆନ୍ଦୋଳନରେ ଜୋର ସୋରରେ ଭାଗ ନେଇଥିଲେ । ଦିଲ୍ଲୀର ଜାମା ମସଜିଦର ପ୍ରାଙ୍ଗଣରେ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ତାଙ୍କର ଓଜସ୍ୱୀ ଭାଷଣ ସମସ୍ତଙ୍କୁ ମନ୍ତ୍ରୋମୁଗ୍ଧ କରି ଦେଇଥିଲା । ଖିଲାଫତ ଆନ୍ଦୋଳନରେ ହିନ୍ଦୁ ମାନଙ୍କର ସାମିଲ ହେବା ଦେଶ ପ୍ରତି ଏକ ବିରାଟ ଭୁଲ ଥିଲା, ଯାହା ପରବର୍ତୀ ସମୟରେ ପ୍ରମାଣିତ ହୋଇଥିଲା ।

ଯେପରିକି ଉପରେ ଉଲ୍ଲେଖ କରା ଯାଇଛି ଯେ ସ୍ୱାମୀ ଶ୍ରଦ୍ଧାନନ୍ଦ ଖିଲାଫତ ଆନ୍ଦୋଳନର ଶୀର୍ଷସ୍ଥ ନେତା ଥିଲେ । ଖିଲାଫତ ଆନ୍ଦୋଳନ ସମୟରେ ଇଂରେଜ ମାନେ ତାଙ୍କୁ ଡରି ଜେଲରେ ଭର୍ତି କରି ଦେଇଥିଲେ । ସେ କାରାଗାରରୁ ମୁକ୍ତ ହେବା ପରେ ଦେଖିଲେ ଯେ ମୁସଲମାନ ମାନେ ହିନ୍ଦୁ ମାନଙ୍କର ଧର୍ମାନ୍ତରୀକରଣ କରିବାରେ ଲାଗିଛନ୍ତି । ସବୁ ଆଡେ ହିନ୍ଦୁ ମାନଙ୍କୁ ହଇରାଣ ହରକତ କରା ଯାଉଛି । ସେତେବେଳେ ମୁସଲିମ ମୌଲବୀ ଓ ମୁଲ୍ଲା ମାନଙ୍କ ଦ୍ୱାରା କରା ଯାଉଥିବା ଏହି ଧର୍ମାନ୍ତରୀକରଣ ଅଭିଯାନ ଯେପରି ଭାବେ ଦୃତ ଗତିରେ ଚାଲିଥିଲା ତାର ଉଲ୍ଲେଖ ଓ ଭୁରି ଭୁରି ପ୍ରଶଂସା ମୁସଲମାନ ନେତା ଡ. ଅବଦୁଲ୍ଲା ସୁହରାୱର୍ଦୀ କରିଥିଲେ ।

ସେ ଲେଖିଥିଲେ – "ଧର୍ମାନ୍ତରୀକରଣର କ୍ରମ ଯାହା ଭାରତରେ ଇସଲାମୀ ଶାସନର ସମାପ୍ତି ପରେ ନୂଆ ଶକ୍ତି, ସ୍ଫୁର୍ତି ଓ ପ୍ରେରଣା ଅର୍ଜିତ କରିଛି, ଦାହା ବିନା କୌଣସି ପ୍ରତିବନ୍ଧକରେ ଚାଲିଛି । ପ୍ରତି ବର୍ଷ ଇସଲାମରେ ଧର୍ମାନ୍ତରିତ ହୋଇ ଲୋକ ମାନେ ଆସୁଛନ୍ତି । ସେମାନେ ତଥା ସେମାନଙ୍କ ପୂର୍ବରୁ ଧର୍ମାନ୍ତରିତ ହୋଇଥିବା ଲୋକ ମାନଙ୍କର ବଂଶଜ ମାନେ ସର୍ବାଧିକ ଉତ୍ସାହୀ, ଅନୁଗାମୀ ଓ ସମର୍ଥକ ଅଟନ୍ତି । .... ସେମାନେ ହଜାର ହଜାର ସଂଖ୍ୟାରେ ମକ୍କା ପହଂଚୁଛନ୍ତି ଯାହା ହେଉଛି ଇସଲାମର ଗଡ ଓ ଜନ୍ମ ଭୂମି । ବାର୍ଷିକ 'ହଜ' ର ଅନୁଶାସନର ଗରମ ଭାଟିରେ ସେକି ହୋଇ ଶୁଦ୍ଧ ଓ ପବିତ୍ର ହୋଇ ଭାରତ ଫେରନ୍ତି । ଆରବ ଦେଶର ରୀତି ନୀତି ଓ ପରମ୍ପରାକୁ ନିଜର ବୋଲି କରିବା ପରେ ସେମାନେ ଏଠାକାର ହିନ୍ଦୁ ମାନଙ୍କ ଠାରୁ ଭିନ୍ନ ବୋଲି ଦେଖା ଯାଆନ୍ତି ।"

ସେତେବେଳର ଏହି ବ୍ୟାପକ ସଂଖ୍ୟାରେ ହେଉଥିବା ଧର୍ମାନ୍ତରୀକରଣକୁ ନେଇ ସ୍ୱାମୀ ଶ୍ରଦ୍ଧାନନ୍ଦ ବଡ ଦୁଃଖୀ ହେଲେ । ସେ ଅନୁଭବ କଲେ ଯେ ଯଦି ହିନ୍ଦୁ ମାନଙ୍କର ଧର୍ମାନ୍ତରୀକରଣର ଏହି ବନ୍ୟାକୁ ରୋକିବା ପାଇଁ କଠୋର ପଦକ୍ଷେପ ନିଆ ନ ଯାଏ ତେବେ ଅନର୍ଥ ହୋଇ ଯିବ । ତେଣୁ ସେ ଧର୍ମାନ୍ତରିତ ହୋଇଥିବା ଲୋକ ମାନଙ୍କ ପାଇଁ ପୁଣି ଥରେ ହିନ୍ଦୁତ୍ୱକୁ ଫେରାଇ ଆଣିବା ପାଇଁ ଏକ ଆନ୍ଦୋଳନ ଆରମ୍ଭ କଲେ ଯାହା ଶୁଦ୍ଧି ଆନ୍ଦୋଳନ ନାମରେ ପରିଚିତ । ତାଙ୍କର ଓଜସ୍ୱୀ ବାଣୀ, ଆଦମ୍ୟ ସାହସ, ସନ୍ଥ ସ୍ୱଭାବ କାରଣରୁ ହଜାର ହଜାର ଲୋକ ଯେଉଁ ମାନେ ଧମକ, ଚାପ କିମ୍ବା ପ୍ରଲୋଭନର ଶୀକାର ହୋଇ ମୁସଲମାନ ହୋଇ ଯାଇଥିଲେ ସେମାନେ ପୁଣି ଥରେ ହିନ୍ଦୁ ହେବାକୁ ଲାଗିଲେ । ୧୯୨୩ ମସିହାରେ ଜୁନ ମାସ ଯାଏ କେବଳ ତତ୍କାଳୀନ ୟୁନାଇଟେଡ ପ୍ରଭିନ୍ସରୁ ୧୮ ହଜାରରୁ ଅଧିକ ଲୋକ ପୁଣି ଥରେ ଘର ବାହୁଡା କଲେ । ଧର୍ମାନ୍ତରୀକରଣରେ ଲିପ୍ତ ଥିବା ମୁସଲମାନ ମୌଲବୀ ମାନଙ୍କୁ ଲାଗିଲା ଯେ ତାଙ୍କ ପାଦ ତଳୁ ମାଟି ଖସି ଯାଉଛି ଓ ସେମାନେ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କୁ ନିନ୍ଦା କରିବାରେ ଲାଗିଲେ ।

ସେମାନଙ୍କର ସିଧା ତର୍କ ଥିଲା ଯେ ତବଲିଗ ଅର୍ଥାତ ଇସଲାମରେ ମତାନ୍ତରଣ ଏକ ରିଲିଜିୟସ ଦାୟିତ୍ୱ ଓ ଏପରି କରିବାର ଅଧିକାର ଆଉ କାହାରି ନାହିଁ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ସେତେବେଳର କିଛି କଂଗ୍ରେସ ନେତା ମଧ୍ୟ ଏହି ମୌଲବୀ ମାନଙ୍କ କଥାକୁ ସମର୍ଥନ କରି ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ଶୁଦ୍ଧି ଆନ୍ଦୋଳନକୁ ନିନ୍ଦା କରିବାରେ ଲାଗିଲେ ।ଯେଉଁ ମୁସଲମାନ ମାନେ କେବେ ଖିଲାଫତ ଆନ୍ଦୋଳନ ସମୟରେ ମସଜିଦର ପ୍ରାଙ୍ଗଣରେ ସ୍ୱାମୀଜୀଙ୍କର ଭାରୀ ସ୍ୱାଗତ ଓ ପ୍ରଶଂସା କରୁଥିଲେ ସେହି ମାନେ ଏବେ ସ୍ୱାମୀଜୀଙ୍କୁ ଶତ୍ରୁ ବୋଲି ଭାବିବା ଆରମ୍ଭ କରି ଦେଲେ । ଏହାର କାରଣ ସ୍ପଷ୍ଟ ଥିଲା ଯେ ଏହି ଘର ବାହୁଡା ପ୍ରକ୍ରିୟା ଯଦି ଜୋର ଧରେ ତେବେ ହିନ୍ଦୁ ଧର୍ମ ଛାଡି ମୁସଲମାନ ହେବାର ପ୍ରକ୍ରିୟା ଯାହା ଏକ ହଜାର ବର୍ଷ ଧରି ଗୋଟିଏ ଦିଗରେ ଅଖଣ୍ଡ ପ୍ରବାହର ସହ ଚାଲି ଆସୁଥିଲା ତାହା ସବୁ ଦିନ ପାଇଁ ଅଟକି ଯାଆନ୍ତା । ଏହାର ଓଲଟା ଧାରା ମଧ୍ୟ ଆରମ୍ଭ ହେବାର ସମ୍ଭାବନା ଥିଲା । ।

ସେତେବେଳ ଯାଏ ହିନ୍ଦୁ ମାନେ ନିଜ ଆଡୁ ହିଁ ନିଜର ଦ୍ୱାର ହିନ୍ଦୁ ଧର୍ମ ଛାଡି ଧର୍ମାନ୍ତରିତ ହୋଇ ଯାଇଥିବା ଲୋକ ମାନଙ୍କ ପାଇଁ ବନ୍ଦ କରି ରଖିଥିଲେ । ହେଲେ ସ୍ୱାମୀ ଶ୍ରଦ୍ଧାନନ୍ଦ ଏଥର ଏହି ଦ୍ୱାର ଖୋଲି ଦେଇଥିଲେ । କେବଳ ସେତିକି ନୁହେ ତାଙ୍କର ବ୍ୟକ୍ତିତ୍ୱ କାରଣରୁ ତାଙ୍କୁ ଘର ବାହୁଡା କରାଇବାରେ ବିପୁଳ ସଫଳତା ମିଳୁଥିଲା । ଯଦି ଏହି ଧାରାକୁ ଚାଲିବାକୁ ଦିଆ ଯିବ ତେବେ ତାଙ୍କର ଏକ ହଜାର ବର୍ଷର ଯୋଜନା ବିଫଳ ହେବାର ସମ୍ଭାବନା ଥିଲା ବୋଲି ମୌଲବୀ ମାନଙ୍କୁ ଲାଗୁଥିଲା ।

ଶୁଦ୍ଧି ଆନ୍ଦୋଳନ ଖୁବ ଜୋର ସୋରରେ ଚାଲିଥିଲା । ସେପଟେ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ଶରୀର ଧୀରେ ଧୀରେ ରୁଗ୍ଣ ହେବାରେ ଲାଗିଥିଲା । ୧୯୨୬ ମସିହା ଡିସେମ୍ବର ମାସ ୨୩ ତାରିଖ ଦିନ ସେ ତାଙ୍କ କକ୍ଷରେ ବିଶ୍ରାମ କରୁଥିଲେ । ସେତେବେଳେ ଅବଦୁଲ ରସିଦ ନାମକ ଜଣେ ବ୍ୟକ୍ତି ତାଙ୍କୁ ସାକ୍ଷାତ କରିବାକୁ ଆସିଲା । ସେ ପିଇବା ପାଇଁ ପାଣି ମାଗିଲା ଓ ସେଠାରେ ଉପସ୍ଥିତ ଥିବା ସେବକ ଜଣଙ୍କ ପାଣି ଆଣିବାକୁ ଗଲା ମାତ୍ରେ ରସିଦ ନିଜର ରିଭଲଭରରୁ ଗୁଳି ଚଳାଇଥିଲା । ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ଶରୀର ରକ୍ତ ଜୁଡୁବୁଡୁ ହୋଇ ଯାଇଥିଲା ଓ ସେ ବିଛଣାରେ ହିଁ ପରଲୋକ ଗମନ କରିଥିଲେ ।

ପରେ ଏହି ରସିଦ ଜଣଙ୍କ ଧରା ପଡିଥିଲା । ତା ବିରୁଦ୍ଧରେ ନ୍ୟାୟାଳୟରେ ମାମଲା ଚାଲିଥିଲା । ମୁସଲମାନ ମାନେ ତାକୁ ଆଇନଗତ ସହାୟତା ଦେବାକୁ ଚାନ୍ଦା ଏକତ୍ରିତ କରିଥିଲେ । ଶେଷରେ ତାର ଦୋଷ ସିଦ୍ଧ ହେଲା ଓ ତାକୁ ଫାସୀ ହେଲା । ତାର ଶବ ଯାତ୍ରାରେ ପଚାଶ ହଜାରରୁ ଅଧିକ ମୁସଲମାନ ସାମିଲ ହୋଇଥିଲେ । ସେ ଜଣେ ମହାନ ହିନ୍ଦୁ ସନ୍ଥଙ୍କୁ ହତ୍ୟା କରିଥିଲା, ଏହା ସତ୍ୱେ ତାର ଶବ ଯାତ୍ରାରେ ଏତେ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ । ଏହି ଘଟଣାରେ ମହାତ୍ମା ଗାନ୍ଧୀଙ୍କର ପ୍ରତିକ୍ରିୟା ମଧ୍ୟ ଅଜବ ଥିଲା । ସେ ରଶିଦକୁ ଭାଇ ବୋଲି କହିବା ସହ ଏଥି ପାଇଁ ସେ ଦାୟୀ ନୁହେଁ ବରଂ ପରସ୍ପର ମଧ୍ୟରେ ଘୃଣା ଭାବ ବଢାଉଥିବା ଲୋକ ମାନେ ଦାୟୀ ବୋଲି କହିଥିଲେ । ଏହା ଉପରେ ଆଉ କେବେ ଆଲୋଚନା କରା ଯାଇ ପାରେ । ହେଲେ ଧର୍ମ ଓ ସଂସ୍କୃତି ପାଇଁ ବଳିଦାନ ଦେଇଥିବା ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ଠାରୁ ଭାରତୀୟ ମାନେ ପ୍ରେରଣା ନେବା ଉଚିତ ।

## କାଳଜୟୀ ସ୍ରଷ୍ଟା ସୁରେନ୍ଦ୍ର



ସୌମ୍ୟରଞ୍ଜନ ଭୂୟାଁ

ସାହିତ୍ୟ ଓ ରାଜନୀତି, ମୋ ପାଖରେ ଉଭୟ ପରିପୁରକ ହୋଇଥିଲେ ହେଁ, ମୁଁ କିନ୍ତୁ ମୋ ଯୌବନ ଆରମ୍ଭରୁ ଏପର୍ଯ୍ୟନ୍ତ ରହିଆସିଛି ବୃତ୍ତିଗତ ଜଣେ ସାମ୍ବାଦିକ । ଓଡିଆ ସାମ୍ବାଦିକତା କ୍ଷେତ୍ରରେ ସାହିତ୍ୟ, ରାଜନୀତି ଓ ସାମ୍ବାଦିକତାକୁ ଏକତ୍ର ସମନ୍ୱିତ କରିବା ପାଇଁ ମୁଁ ସେହି ଆରମ୍ଭ ଦିନରୁ ଚେଷ୍ଟା କରିଆସୁଛି । ସାହିତ୍ୟ, ସାମ୍ବାଦିକତା ଓ ରାଜନୀତିର ଶ୍ରେଷ୍ଠ ସମନ୍ୱିତ ସାଧକଥିଲେ ସୁରେନ୍ଦ୍ର ମହାନ୍ତି । ଓଡିଆ ଗଦ୍ୟ ସାହିତ୍ୟର ଉତ୍ତୁଙ୍ଗ ଆଲୋକ ସେ । ତାଙ୍କ ଲିଖନ ଶୈଳୀ ସଦାସର୍ବଦା ଅନ୍ୟମାନଙ୍କ ଠାରୁ ଭିନ୍ନ । ତାଙ୍କ ଶବ୍ଦ, ବାକ୍ୟ ଓ ବର୍ଣ୍ଣନା କେବଳ ଓଡିଆ ସାହିତ୍ୟ କାହିଁକି, ଭାରତୀୟ ସାହିତ୍ୟରେ ବିରଳ । ସେ ଏକାଧାରରେ ସମାଜସେବୀ, ରାଜନେତା, ସାମ୍ବାଦିକ, ସମ୍ପାଦକ, ଯଶସ୍ୱୀ ଔପନ୍ୟାସିକ ଓ ପରୀକ୍ଷାଧର୍ମୀ ଗାଳ୍ପିକ, ନିଷ୍ଣୁଣ ଜୀବନୀକାର, ସଫଳ ସମାଲୋଚକ, ମନସ୍ୱୀ ପ୍ରାବନ୍ଧିକ, ନାଟ୍ୟକାର ଓ ଭ୍ରମଣ କାହାଣୀର ସ୍ରଷ୍ଟା । ଓଡିଶା ସାହିତ୍ୟ ଏକାଡେମୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ମର୍ଯ୍ୟାଦାଜନକ ଶାରଳା ପୁରସ୍କାର ପରି ଅନେକ ପୁରସ୍କାର ପାଇଥିଲେ ହେଁ ସୁରେନ୍ଦ୍ର ମହାନ୍ତି ନାମ ହିଁ ଯଥେଷ୍ଟ । ଜଣେ ସ୍ରଷ୍ଟା କେବଳ ସାହିତ୍ୟର ଗୋଟିଏ ବିଭାଗରେ ପାରଦର୍ଶିତା ଲାଭ କରିପାରେ କିନ୍ତୁ ତାଙ୍କ କ୍ଷେତ୍ରରେ ତାଙ୍କ ଲେଖନୀ ସାହିତ୍ୟ ସୁ ବିଭାଗରେ ପାରଙ୍ଗମ । ସେଥିରେ ତାଙ୍କର ଚିନ୍ତନ ପ୍ରକ୍ରିୟା, ଅଧ୍ୟୟନ ଓ ପରିପ୍ରକାଶ ଏକ ନିଷ୍ଠ ହୁଏ ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ସତ୍ୟଭାମା ପୁର ନିକଟବର୍ତ୍ତି ପୁରୁଷୋତ୍ତମପୁର ଗ୍ରାମରେ ୨୯୨୨ ମସିହା ଜୁନ ୨୧ରେ ଜନ୍ମଗ୍ରହଣ କରନ୍ତି କଥା ଶିଳ୍ପୀ ସୁରେନ୍ଦ୍ର ମହାନ୍ତି । ତାଙ୍କ ବଂଶର ଭାଗବତ ଘରର ପୁରୁଣା ବହିର ପୃଷ୍ଠା ଓ ପୋଥିର ବାସ୍ନାଥିଲା ତାଙ୍କର ସବୁଠାରୁ ପ୍ରିୟ । ବୋଧହୁଏ ସାହିତ୍ୟର ମୂଳଦୁଆ ସେହିଠାରୁହିଁ ପଡିଥିଲା । ୧୯୩୮ ମସିହା ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଲା ତାଙ୍କ ଲିଖିତପ୍ରଥମ ଗଳ୍ପ 'ବନ୍ଦି', ଦ୍ୱିତୀୟ ଗଳ୍ପ 'ମଣିଷ ଓ ଅର୍ଥନିତି' କବି ସଚ୍ଚି ରାଉତରାୟଙ୍କ ସମ୍ପାଦିତ ଆରତୀ ପତ୍ରିକାରେ ପ୍ରକା ପାଇଥିଲା ଓ ଆଦୃତ ମଧ ହୋଇଥିଲା । ଓଡିଆ ଗଳ୍ପ ସାହିତ୍ୟରେ ଆଦ୍ୟ ଜନ୍ମଦାତା ଫକୀର ମୋହନଙ୍କ ପରେ ଗଳ୍ପ ବିଭାଗକୁ ଭିନ୍ନ ପରିଚୟ ଦେଇଥିବା ଶ୍ରଷ୍ଟା ହେଉଛନ୍ତି ସୁରେନ୍ଦ୍ର ମହାନ୍ତି । ଲେଖନୀର ଜାଦୁକରି ସ୍ପର୍ଶରେ ଏହା ପରିପକ୍ୱ, ନାଦିତ ଓ ଶୃଙ୍ଖଳିତ ହେବା ସଙ୍ଗେସଙ୍ଗେ ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟରେ ଭି ହୋଇଥିଲା । ସେଥିଲାଗି ବଂଶ ଶତାବ୍ଦିର ଶ୍ରେଷ୍ଠ ଗଦ୍ୟଶିଳ୍ପୀ ଭାବରେ ଓଡିଆ ସାହିତ୍ୟରେ ସେ ସିକୃତ ଓ ସମ୍ମାନୀତ । ୧୯୪୬ ମସିହାରୁ ତାଙ୍କ ଔପନ୍ୟାସିକ ଜୀବନର ଅୟମାରମ୍ଭ ହୋଇଥିବା ବେଳେ ୧୯୮୮ରେ ପରିସମାପ୍ତି ଗୋଇଥିଲା । ଜୀବନକାଳ ମଧ୍ୟରେ ୧୫ ଖଣ୍ଡ ଉପନ୍ୟାସର ରଚୟିତା ସେ । ଯାହା ପାଠକଙ୍କୁ ଏପର୍ଯ୍ୟନ୍ତ ବାନ୍ଧି ରଖିବାରେ ସମର୍ଥ ହୋଇଛି । 'ନୀଳଶୈଳ' ଉପନ୍ୟାସ ଏ ଜାତି ଚିରକାଳ ସୁରେନ୍ଦ୍ର ମହାନ୍ତିଙ୍କ ପାଖରେ କୃତଜ୍ଞ ହୋଇ ରହିବ । ଏବେବି ସାରଦେଇ ଚରିତ୍ର ପ୍ରତ୍ୟେକ ଓଡିଆଙ୍କ ଭାବନାରେ ରହିଛି ।



୧୯୫୨ ମସିହାରୁ ୧୯୬ ମସିହା ଓ ୧୯୭୮ରୁ ୧୯୮୪ ମସିହା ର୍ପ୍ୟନ୍ତ ସେ ଦୁଇଥର ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ୧୯୫୬ ମସିହାରୁ ୧୯୬୨ ମସିହା ଓ ୧୯୭୨ରୁ ୧୦୭୭ ମହିହା ପର୍ଯ୍ୟନ୍ତ ଦୁଇଥର ଲୋକସଭାର ସଦସ୍ୟ ପଦ ଅଳଙ୍କୃତ କରିଥିଲେ । କିନ୍ତୁ ରାଜନୀତିର ଅର୍ଥ ତାଙ୍କ ଦୃଷ୍ଟିରେ କ୍ଷମତା ଲୋଭ ନୁହେଁ । କ୍ଷମତା ପ୍ରାପ୍ତ ଦୌଡରେ ସେ ଆଦୌ ନଥିଲେ । ସେ କହୁଥିଲେ ଜୀବନ ପରି କଳା ସର୍ବଦା ଅସମ୍ପୂର୍ଣ୍ଣ । ଅତୃପ୍ତିବୋଧ ତାଙ୍କୁ ସର୍ବଦା ନୂଆ ନୂଆ ସୃଷ୍ଟି କରିବାକୁ ଅନୁପ୍ରେରିତ କରିଥିଲା । ତାଙ୍କ ଭାଷାରେ ସାହିତ୍ୟ ଓ ରାଜନୀତି ତାଙ୍କ ଲାଗି ପୃଥିବୀ ଏବଂ ସାମ୍ବାଦିକତା ତାଙ୍କ ପଥ । ତେଣୁ ଆତ୍ମଚରିତର ନାମସେ ରଖିଥିଲେ 'ପଥ ଓ ପୃଥିବୀ'।

ଜୀବନକାଳ ମଧ୍ୟରେ ୬୪ ଖଣ୍ଡ ପୁସ୍ତକ ରଚନା କରିଛନ୍ତି । ସେଥିରୁ ୧୫ଟି ଉପନ୍ୟାସ, ୧୩ଟି ଗଳ୍ପ ସଂକଳନ, ୬ଟି ସମାଲୋଚନା ପୁସ୍ତକ–ଭ୍ରମଣ କାହାଣୀ ଓ ଜୀବନୀ ସ୍ମୃତିଚରିତ ଉପନ୍ୟାସ ସହ ଆହୁରି ଅନେକ କିଛି ପୁସ୍ତକ ରଚନା କରିଛନ୍ତି ।

ଜବନର ସ୍ଥାୟୀ ଜୀବିକାର ପ୍ରଥମ ସୋପାନ ସେ ସାମ୍ବାଦିକତାରୁ ଆରମ୍ଭ କରିଥିଲେ । ୧୯୪୪ ମସିହାରେ ଇଂରେଜି ଦୈନିକ 'ନିଉ ଓଡିଶା' ର ଅବୈତନିକ ପ୍ରୁଫ ରିଡର ଭାବେ କାର୍ଯ୍ୟାରମ୍ଭ କରିଥିଲେ । କଳିଙ୍ଗ, ଜନତା, ଗଣତନ୍ତ୍ର ଓ ସମ୍ବାଦରେ ଦୀର୍ଘଦିନ ପର୍ଯ୍ୟନ୍ତ କାର୍ମ୍ୟ କରିଥିଲେ । ଯେଉଁ ସମ୍ବାଦପତ୍ରରେ ସାମ୍ବାଦିକତା କରିଛନ୍ତି ସେଠାରେ ମୌଳିକତାର ପରିଚୟ ନେଇ ଅପୂର୍ବ ସାଫଲ୍ୟ ଅର୍ଜନ କରିବା ସହ ଓଡିଶାରେ ସାମ୍ବାଦିକତାକୁ ସେ ନବଦିଗନ୍ତ ଦେଇଥିଲେ । ତାଙ୍କ ସ୍ତମ୍ଭ-ଶେଷସ୍ତମ୍ଭ ଚିରକାଳ ପାଇଁ ଓଡିଆ ସାମ୍ବାଦିକତାରେ ବତୀଖୁଣ୍ଟ ହୋଇ ରହିଥିବ । ୨୯୯୦ ମସିହା ଡିସେମ୍ବର ୨୧ ତାରିଖରେ ଦେହାନ୍ତହୁଏ । ଆଜି ତାଙ୍କର ତିରୋଧାନ ଦିବସରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କପରି ନିର୍ଭୀକ ଭାବରେ କଲମ ଚଳାଇବା ପାଇଁ ଓଡିଶାର ସମସ୍ତ ଲେଖକ, ଲେଖିକାମାନେ ଅନୁପ୍ରାଣିତ ହେବେ ବୋଲି ଆଶା କରାଯାଏ ।

ପୂରଣ, ସାଲେପୁର, କଟକ
(ମୋ) ୭୩୭୭୫୬୯୧୫୫






### ଗଛ ତୁମେ ମୋ ବନ୍ଧୁ

ଦୁଷ୍ମନ୍ତ ବେହେରା

ମୁଁ ତୁମରି କୋଳେ ବସି
ଭାବୁଛି ମୋ ଅତୀତ
ମୋ ସ୍ୱପ୍ନ ଲକ୍ଷ୍ୟ !

ଆଜି ଦେଖୁଛି କାଲି ବି
ଦେଖୁଛି ତୁମ କୋଳେ
ଖେଳନ୍ତି ନାନା ଖେଳ !

ଗଛ ତୁମେ ଆମ ବନ୍ଧୁ
କେତେ ଅତୀତ ଯେ ଗଲେଣି
ତମେ ଅଛ ସାକ୍ଷୀ !

ତୁମ ସ୍ୱପ୍ନ ଏଠି ବୁଝୁଛି କିଏ
ସ୍ୱାର୍ଥ ପର ଏ ଯେ ମଣିଷ
ନିଜ ଭବିଷ୍ୟତ ଦେଖେ !

ଆଜି ଖେଳେ ତୁମ ସାଙ୍ଗେ
ଗଛ ବନ୍ଧୁ ସମୟ ଆସିଲେ
ବୁଝିବ ଦିନେ ସେ !

ମୂଲ୍ୟ କାହାର କେତେ
ନଥିବ ପ୍ରକୃତି କୋଳେ
ହସ ଆଉ ହସ ବିନ୍ଦୁ !

ଦରକାର ବେଳେ ଆଦର
କରନ୍ତି ତୁମକୁ ଗଛ ବନ୍ଧୁ
ସ୍ୱାର୍ଥ ପାଇଁ କରେ କାମ !

ମଣିଷ ବନ୍ଧୁ ଡାଳ ପତ୍ର
ସହ ଖେଳି ଦେଇ ମୂଳରୁ
କରେ ଖେଳ ଶେଷ !

ବନ୍ଧୁ ବନ୍ଧୁ କହି ଶୋଷି ନିଏ
ସଂପର୍କରେ ଦିଏ ଦାଗ
ବନ୍ଧୁ ଯଦି ବଇରୀ ସାଜିବ !

ଗଛ ବନ୍ଧୁ ତୁମ ଦୁଃଖ
କିଏ ଶୁଣିବ କହ
ଏ ତ ଦୁନିଆ ଖେଳ !

ଗଛ ବନ୍ଧୁ ମୋ ଜୀବନ ବଞ୍ଚେଇବା
ପାଇଁ ବନ୍ଧୁ ଡାକି ତୁମ ଉପରେ
ଟିକେ ଦାଉ ସାଜେ !

♥ ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
(ମୋ) ୯୯୩୭୬୫୨୫୦୪

### ମଳାଜହ୍ନ

ନିରଞ୍ଜନ ସାହୁ



ଭାଙ୍ଗି ଯାଇଥିବା ମନକୁ ସଜାଡି
ଚାଲିବାକୁ ହୁଏ ବାଟ
ଯେତେଦିନ ଯାଏ ସରିନାହିଁ ଏହି
ରଙ୍ଗମଞ୍ଚେ ପରା ନାଟ ।

ରସହୀନ, ସ୍ୱାଦହୀନ, ରଙ୍ଗହୀନ
ଜୀବନଟା ପାଣିଚିଆ
ତଥାପି ସଜଡାସଜଡ଼ି ଭିତରେ
ମନୋଭାବ ଦିଆନିଆ
ସଉଦା ସରେନା କଉଡ଼ି ସରଇ
ଇଏ ତ ସଂସାର ହାଟ ।

ହାରି ଯାଇଥିବା ଜୀବନ ଜୀଇଁବା
ପରାସ୍ତ ସୈନିକ ପରି
ମୁଣ୍ଡ ଟେକିବାକୁ ବଳ ପାଏନାହିଁ
ରହଇ ଜୀବନ ଧରି
ତଥାପି ଦିଶଇ ଆଶାର କିରଣ
ନିଷ୍ଟେ ପାରିହେବ ଘାଟ ।

♥ ନିହଲ ପ୍ରସାଦ, ଗଁଡିଆ
ପାଟଣା
ଢେଙ୍କାନାଳ- ୭୫୯୦୧୬
(ମୋ) ୯୯୩୮୭୪୧୫୮୩

### ପ୍ରିୟାର ମାୟା

କବିଜ୍ୟୋତି ନିରଞ୍ଜନ ପତି



ଓଠ ନାଲି ନାଲି
ହସ ଖୁଲି ଖୁଲି
ପାଗଳ କରୁଛି ମୋତେ,
ତୁମେ ଡ୍ରେସ୍ ବାଲି
ଅଣ୍ଟା ଭଙ୍ଗା ଚାଲି
ଭୁଲି ମୁଁ ପାରୁନି ସତେ ।

ଫିସ୍ ଫିସ୍ କଥା
ବିନ୍ଦି ପିନ୍ଧା ମଥା
ଆଖି ଆଗେ ଯାଏ ନାଚି,
ସର୍ବଦା ଭାବୁଛି
ତୁମ ପାଶେ ଅଛି
ଯେତେ ଦୂର ଯାଅ ଘୁଞ୍ଚି ।

ତୁମ ବାଙ୍କ ଠାଣି
ହୃଦ ଦିଏ ହାଣି
ମନକୁ ବିଭୋର କରେ,
ଶୟନେ ସ୍ୱପନେ
ଅବା ଜାଗରଣେ
ପ୍ରତିଟି ମୁହୂର୍ତ୍ତ ଝୁରେ ।

ତୁମ ରୂପ କାନ୍ତି
ଚହଲାଏ ମତି
ବିହ୍ୱଳ କରୁଛି ପ୍ରିୟା,
ତୁମକୁ ଦେଖିଲି
ବଞ୍ଚିବା ଶିଖିଲି
ବଢିଲା ସଂସାର ମାୟା ।

ଖାଲି ତୁମ ପାଇଁ
ପ୍ରେମ ଗୀତି ଗାଇ
ଆତ୍ମିକ ମିଳନ ଚାହେଁ,
ଯାହାକୁ ଦେଖୁଛି
ବୁଝି ପରଖୁଛି
କେହି ତୁମପରି ନୁହେଁ ।

♥ ଗାନ୍ଧୀ ମାର୍ଗ, ଅନୁଗୋଳ
(ମୋ)୯୯୩୮୧୩୩୫୫୯



### କେବେବି ଯିବିନି ଭୁଲି

ଜୟନ୍ତ କୁମାର ମଲ୍ଲିକ୍



ନୂଆ ନୂଆ ଗାଡ଼ି ଶିଖିଲା ବେଳରେ
ସିଦ୍ଧାନ୍ତ କରିଲି ଦିନେ
ମୋ ପ୍ରିୟା ଘରକୁ ବୁଲିବାକୁ ଯିବି
ତାଙ୍କ ଗାଆଁ କୁଞ୍ଜ ବନେ।

ସାଙ୍ଗ ଠାରୁ ଗାଡ଼ି ମାଗିନେଇ ମୁହିଁ
ଯିବାପାଇଁ ମନ କଲି
ଗାଡ଼ିଚଲା ଦେଖି ପୋଲିସ ପାଖରେ
ଧରା ମୁହିଁ ପଡ଼ିଗଲି ।

ତନାଘନା କରି କେତେ ପଚାରିଲେ
ହେଲମେଟ ତୁମ କାହିଁ
ଲାଇସିନ୍ସ ଖୋଜିଲେ ଚାଲାଣ କାଟିଲେ
ମତେ କିଛି ଜଣାନାହିଁ ।

କାଗଜଟି ଦେଇ ଚାଲିଗଲା ପରେ
ପଢ଼ିଲି ମୁଁ ଯେତେବେଳେ
ଦଶ ହଜାରର ଫାଇନ ଦେଖିକି
ଲୁହ ଆସିଗଲା ବଳେ ।

ପର ଗାଡ଼ି କେବେ ନେବିନାହିଁ ବୋଲି
ସେଦିନ ଶପଥ ନେଲି
ଲାଇସିନ୍ସ, ହେଲମେଟ ପାଖରେ ରଖିବି
କେବେବି ଯିବିନି ଭୁଲି ।

♥ ଶୁରଡିହ, ନନ୍ଦିପୁର, ଯାଜପୁର
(ମୋ)୯୪୩୭୮୬୫୭୨୭



## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୪୧

ଶିଶୁପାଳଙ୍କ ରକ୍ତଲିପ୍ତ ଜଡ଼ ଶରୀରକୁ ରାଜ କର୍ମଚାରୀ ମାନେ ଉଠାଇନେଲେ । ଅପବିତ୍ର ହୋଇଗଲା ଯଜ୍ଞମଣ୍ଡପ । ପରେପରେ ମନ୍ତ୍ରସିକ୍ତ ଜଳଦ୍ୱାରା ପରିଶୋଧିତ କରାଗଲା ଯଜ୍ଞମଣ୍ଡପ। ଏଥର ପରମ୍ପରା ଅନୁଯାୟୀ ଯୁଧିଷ୍ଠିର ପାଦ୍ୟଅର୍ଘ୍ୟ ଦେଇ କୃଷ୍ଣଙ୍କର ପୂଜାର୍ଚ୍ଚନା କଲେ । କୃଷ୍ଣଙ୍କର ପଦପ୍ରକ୍ଷାଳନ ପୂର୍ବକ ତାଙ୍କୁ ଯଥାବିଧି ପୁଷ୍ପାର୍ଘ୍ୟ ପ୍ରଦାନ କରି ଯଜ୍ଞ ଆରମ୍ଭ କରିବା ନିମନ୍ତେ ଯୋଡ଼ହସ୍ତରେ ଅନୁମତି ନେଲେ । ଉପସ୍ଥିତ ସମସ୍ତ ଗୁରୁଜନମଣ୍ଡଳୀ, ପିତାମହ ଭୀଷ୍ମ ଗୁରୁ ଦ୍ରୋଣାଚାର୍ଯ୍ୟ, ବ୍ୟାସଦେବ ଆଦିଙ୍କୁ ବିନମ୍ରତାର ସହ ଯୋଡ଼ହସ୍ତରେ ପ୍ରଣାମ କରି ଯଜ୍ଞକାର୍ଯ୍ୟ ଆରମ୍ଭ କରିବାପାଇଁ ଆଶୀର୍ବାଦ ଭିକ୍ଷାକଲେ । ବାସ୍ତବିକ, ଯୁଧିଷ୍ଠିରଙ୍କ ନୀତିନିୟମ, ଶୃଙ୍ଖଳା, ଉଦାରତା, ନମ୍ର ବ୍ୟବହାର କେବଳ ମୋତେ କାହିଁକି ଉପସ୍ଥିତ ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲା। ସ୍ୱତଃ ସମସ୍ତଙ୍କ ମୁହଁରୁ ଗୁଞ୍ଜରିତ ହେଉଥିଲା ସାଧୁ ଯୁଧିଷ୍ଠିର, ସାଧୁ । ମୁଁ ନିରବରେ ଏସବୁ ଲକ୍ଷ୍ୟ କରୁଥିଲି । ଇନ୍ଦ୍ରପ୍ରସ୍ଥର ରାଜଚକ୍ରବର୍ତ୍ତୀ ସମ୍ରାଟ ଯୁଧିଷ୍ଠିରଙ୍କ ପ୍ରତି ବାସ୍ତବିକ ମୋ ମନରେ ସମବେଦନା ଭରି ଉଠୁଥିଲା । ଇଚ୍ଛା ହେଉଥିଲା, ନିଜ ଆସନରୁ ଉଠିଯାଇ ଯୁଧିଷ୍ଠିରଙ୍କୁ ଆଲିଙ୍ଗନ କରିବି, ହେଲେ, ମୋର ସେ ସୌଭାଗ୍ୟ କାହିଁ ?

ମୋ ଦେହରେ ସୂତପୁତ୍ରର କଳଙ୍କ । ଯେତେଦିନ ବଞ୍ଚିଥିବି ଏ କଳଙ୍କର ଟୀକା ମୋ ଲଲାଟରେ ଝଟକୁଥିବ । ଯୁଧିଷ୍ଠିର କିନ୍ତୁ ତେଜସ୍ୱୀ ବ୍ୟକ୍ତି । ଯିଏ ନିଜର ବ୍ୟକ୍ତିତ୍ୱ ପ୍ରଭାବରେ ଜଗତବାସୀଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିପାରନ୍ତି। କାହାରି ଉପରେ ଭରାଦେଇ ଉପରକୁ ଉଠିବାକୁ ସେ ପସନ୍ଦ କରି ନଥାନ୍ତି । ଯୁଧିଷ୍ଠିରଙ୍କ ବ୍ୟକ୍ତିତ୍ୱ ପ୍ରତି ମୋ ମୁଣ୍ଡ ସ୍ୱତଃ ନଇଁ ଯାଉଥିଲା । ଭାବୁଥିଲି ମିତ୍ର ଦୁର୍ଯ୍ୟୋଧନ ତାଙ୍କଠାରୁ ହେଲେ କିଛି ଶିକ୍ଷା କରନ୍ତେ । ହେଲେ ଚିତ୍ତ ଯାହାର ଅସ୍ଥିର, ପ୍ରାଣ ଯାହାର ଆତ୍ମଜ୍ଞାନ ଶୂନ୍ୟ, ସେସବୁ ବ୍ୟକ୍ତି ନିକଟରେ ଏସବୁ ଆଶା କରାଯାଇ ପାରେନା।

ପବିତ୍ର ବେଦମନ୍ତ୍ର ଧ୍ୱନିରେ ମୁଖରିତ ହୋଇ ଉଠୁଥିଲା ଯଜ୍ଞସ୍ଥଳ । ହୋମାଗ୍ନିର ଧୂମ୍ରକୁଣ୍ଡଳୀ, ଶଙ୍ଖନାଦରେ ଆଧ୍ୟାତ୍ମିକ ପରିବେଶ ବେଶ୍ ଗମ୍ଭୀର ଲାଗୁଥିଲା । ମୁଁ ମୋ ଚିନ୍ତାରାଜ୍ୟରେ ଏମିତି ଛନ୍ଦି ପଡ଼ିଥିଲି ଯେ, ଯଜ୍ଞ କେତେବେଳେ ଆରମ୍ଭ ହୋଇ କେତେବେଳ ଶେଷ ହେଲା ଜାଣିପାରିଲି ନାହିଁ । ମୋ ଦୃଷ୍ଟି ରହିଥିଲା ଦୁଇଜଣଙ୍କ ଉପରେ । ଜଣେ ସମ୍ରାଟ ଯୁଧିଷ୍ଠିର ଓ ଅନ୍ୟଜଣେ କୃଷ୍ଣ । ବାରମ୍ବାର ଚାହିଁ ରହୁଥାଏ କୃଷ୍ଣଙ୍କ ଆଡ଼େ । ସୌମ୍ୟକାନ୍ତ ରୂପ, ପୀତାମ୍ବରୀ ପାଟରେ ସେ ଦିଶୁଥାନ୍ତି ଅପୂର୍ବ । ଯେତେ ଦେଖିଲେ ବି ଆଖି ଫେରାଇ ପାରୁ ନଥାଏ ।

ଅନେକ ଶୁଣିଥିଲି କୃଷ୍ଣଙ୍କ ମହିମା । ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି ହସ୍ତିନାପୁରବାସୀଙ୍କ ମୁହଁରୁ ଶୁଣିଛି ସେଇ ଗୋଟିଏ କଥା । କୃଷ୍ଣ ସାଧାରଣ ମଣିଷ ନୁହଁନ୍ତି । ସ୍ୱୟଂ ବିଷ୍ଣୁ ଅଂଶୁ ଜାତ ଅବତାରୀ ପୁରୁଷ । ଅଲୌକିକ ଶକ୍ତିର ଆଧାର । ଏକାଧାରରେ କୋମଳ, ଉଦାର, ଶାନ୍ତ, ପୁଣି ଅନ୍ୟପକ୍ଷରେ କୁଟୀଳ, କଠିନ, ନିଷ୍ଠୁର । ଅର୍ଜୁନ ସଖା କୃଷ୍ଣ ପୁଣି ଯଦୁକୁଳନନ୍ଦନ। ମୋ ମନରେ ଜାଗୁଥିଲା ଦ୍ୱନ୍ଦ। ଉଙ୍କି ମାରୁଥିଲା ପ୍ରଶ୍ନ । ହେଲେ, ସଠିକ୍ ଉତ୍ତର କିଛି ପାଇପାରୁ ନଥିଲି । ମୋ ଆଖି ସାମନାରେ ଭାସି ଉଠୁଥିଲା ଶିଶୁପାଳ ବଧର ଚିତ୍ରପଟ ।

ସେଦିନ ଯଜ୍ଞସ୍ଥଳରୁ ଫେରିବା ବାଟରେ ମୋ ମନରେ ଏସବୁକୁ ନେଇ ଅନେକ ସଂଶୟ ଜାଗୁଥିଲା । ମୋ ହୃଦୟ ଗ୍ରନ୍ଥିରେ ଗୁଞ୍ଜରିତ ହେଉଥିଲା କେବଳ କୃଷ୍ଣ ଶବ୍ଦ ।

*- ସଇଁତିରିଶ -*

ଇନ୍ଦ୍ରପ୍ରସ୍ଥରୁ ଫେରି ଆସିବାର କିଛିଦିନ ଅତିକ୍ରାନ୍ତ ହୋଇଗଲାଣି । ଦୁର୍ଯ୍ୟୋଧନଙ୍କ ମନରେ ଇନ୍ଦ୍ରପ୍ରସ୍ଥର ଅପମାନର ଜ୍ୱାଳା ଅପସରି ଯାଇ ନଥିଲା । ତେଣୁ କିଛିଦିନ ତାଙ୍କୁ ଏକାଏକା ଛାଡ଼ିଦେବାକୁ ଉଚିତ ମନେକରି ତାଙ୍କ ନିକଟକୁ ଯିବାଆସିବା କମାଇ ଦେଇଥିଲି । ମୋ ମନରେ ଯେ ଅସନ୍ତୋଷ ଥିଲା, ସେ କଥା ମୁଁ ଅସ୍ୱୀକାର କରୁନି । କାରଣ ମିତ୍ରଙ୍କ ଅପମାନ କେବଳ ତାଙ୍କର ଏକୁଟିଆ ନଥିଲା । ମୋ ମନରେ ମଧ୍ୟ କୁହୁଳି ଉଠୁଥିଲା ପ୍ରତିଶୋଧର ନିଆଁ । ସୁଯୋଗ ପାଇଲେ ନିଶ୍ଚିତ ପ୍ରତିଶୋଧ ନେବି ଏହି ଦୃଢ଼ପ୍ରତିଜ୍ଞା କଲି ।

ରାଜସୂୟ ଯଜ୍ଞର ସଫଳତା ଇନ୍ଦ୍ରପ୍ରସ୍ଥ ନଗରୀକୁ ଆହୁରି ସମୁଜ୍ଜ୍ୱଳ କରି ଦେଇଥିଲା । ସମସ୍ତଙ୍କ ମୁହଁରେ ଧର୍ମରାଜ ଯୁଧିଷ୍ଠିରଙ୍କ ଭୁରିଭୁରି ପ୍ରଶଂସା । ଏପଟେ ମାତୁଳ ଶକୁନି ତାଙ୍କ ପ୍ରିୟ ଭଣଜାଙ୍କ ମନକୁ ଯେତେ ପରିବର୍ତ୍ତନ କରିବାକୁ ଚାହିଁଲେ ମଧ୍ୟ ପାଣ୍ଡବମାନଙ୍କ ଧନରତ୍ନ, ଐଶ୍ୱର୍ଯ୍ୟ ତାଙ୍କ ମନକୁ ଉତ୍କ୍ଷିପ୍ତ କରିଦେଇଛି । ଭୟଙ୍କର ଭାବେ ସେ ହୋଇ ଉଠିଛନ୍ତି ଈର୍ଷାଳୁ । କଳେବଳେ କୌଶଳେ ଗାନ୍ଧାରରାଜ ତାଙ୍କ ପ୍ରିୟ ଭଣଜାଙ୍କ ହୃଦୟ ଜିଣିବାକୁ ଚାହାଁନ୍ତି । ସେଥିପାଇଁ ସେ ଆଉ ଏକ ନୂତନ ପ୍ରସ୍ତାବ ରଖିଛନ୍ତି । ବେଳେବେଳେ ଭାବେ ଗାନ୍ଧାରରାଜଙ୍କ ମନରେ ଏତେ କୂଟବୁଦ୍ଧି ଆସେ କୁଆଡୁ ? ଅନ୍ୟମାନେ ଯାହା ଚିନ୍ତାକରି ପାରନ୍ତି ନାହିଁ ତାଙ୍କ ମୁଣ୍ଡରେ ସେସବୁ ଚିନ୍ତା ବସାବାନ୍ଧେ । ଆଉ ସେଥିପାଇଁ ସେ ଯୋଜନା ପରେ ଯୋଜନା ପ୍ରସ୍ତୁତ କରିଥାନ୍ତି । ଆଉ ଏବେ ତାଙ୍କ ନୂତନ ଯୋଜନା ହେଉଛି ଦ୍ୟୂତକ୍ରୀଡ଼ା ।

କ୍ରୀଡ଼ା, ପୁଣି ଦ୍ୟୂତକ୍ରୀଡ଼ା । ଯେକୌଣସି କ୍ରୀଡ଼ା ତ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ । ତାହାଛଡ଼ା ରାଜପରିବାରରେ ଦ୍ୟୂତକ୍ରୀଡ଼ାର ଆୟୋଜନ କିଛି ବଡ଼କଥା ନୁହେଁ । ତାଛଡ଼ା ପ୍ରତି କ୍ରୀଡ଼ା କ୍ଷେତ୍ରରେ ଜଣକର ବିଜୟ ହେଲେ ଅନ୍ୟର ପରାଜୟ । ତେବେ କିଏ ଜିତିବ ଅବା ହାରିବ ସେ ପ୍ରଶ୍ନ ଯେତେ ଗୁରୁତର ନୁହେଁ, ତାଠାରୁ ବେଶି ମାତ୍ରାରେ ଗୁରୁତ୍ୱପୂର୍ଣ୍ଣ ହେଉଛି କ୍ରୀଡ଼ା ବେଳେବେଳେ ମୋହଗ୍ରସ୍ତ କରିଦିଏ ଖେଳାଳୀ ମାନଙ୍କୁ । ନିଶା ଭଳି ଆକର୍ଷିତ କରାଇଥାଏ । ବିଶେଷକରି ତରୁଣ ବୟସରେ ଉପନୀତ ହୋଇଥିବା ରାଜପୁତ୍ର ମାନଙ୍କ ମଧ୍ୟରେ ଏ କ୍ରୀଡ଼ା ଯଦି କିଛି ଅନର୍ଥ ସୃଷ୍ଟିକରେ ?

ଗାନ୍ଧାରରାଜଙ୍କ ମତରେ କ୍ରୀଡ଼ା ହେବ ଦୁର୍ଯ୍ୟୋଧନ ଓ ଯୁଧିଷ୍ଠିରଙ୍କ ମଧ୍ୟରେ । ମାତ୍ର ରାଜପରିବାରର ଅଭିଜ୍ଞ ଗୁରୁଜନମାନେ କେହି ବି ଏ କ୍ରୀଡ଼ା ସପକ୍ଷରେ ନାହାଁନ୍ତି । ପିତାମହ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ମହାମନ୍ତ୍ରୀ ବିଦୁର ସମେସ୍ତ ହିଁ ଏଥିରୁ କ୍ଷାନ୍ତ ହେବାକୁ ପରାମର୍ଶ ଦିଅନ୍ତି । ସ୍ୱୟଂ ମହାରାଜ ମଧ୍ୟ ନିଜ ପୁତ୍ରକୁ ଏଥିରୁ ନିବୃତ୍ତ ହେବାକୁ ପରାମର୍ଶ ଦେଇଛନ୍ତି । କାରଣ ତାଙ୍କର ଯୁକ୍ତି, ଦୁର୍ଯ୍ୟୋଧନ ଯେ ଏ କ୍ରୀଡ଼ାରେ ନିଶ୍ଚିତ ଜିତିବ ଏହାର କୌଣସି ସଠିକତା ନାହିଁ । ଏ କ୍ରୀଡ଼ା ଭବିଷ୍ୟତରେ ସମସ୍ତଙ୍କ ପାଇଁ କାଳହୋଇ ଯେ ଠିଆ ନହେବ, ତାହା ମଧ୍ୟ କିଏ କହିପାରେ । ତେଣୁ ସବୁଠାରୁ ଭଲ କ୍ରୀଡ଼ା ଠାରୁ ନିଜକୁ ଦୂରେଇ ରଖିବା ।

ଜିଦ୍‌ଖୋର ପ୍ରକୃତି ଦୁର୍ଯ୍ୟୋଧନ କିନ୍ତୁ ମାମୁଙ୍କ ବାକ୍ୟକୁ ଅକ୍ଷରେ ଅକ୍ଷରେ ମାନିବାକୁ ପ୍ରସ୍ତୁତ । ମାମୁ କହୁଛନ୍ତି ମାନେ ଖେଳ ନିଶ୍ଚିତ ହେବ । କେହି କାହା କଥା ମାନିବାକୁ ପ୍ରସ୍ତୁତ ନୁହଁନ୍ତି । କୂଟନୀତି ପ୍ରବୀଣ ଗାନ୍ଧାରରାଜ ପଶାଗୋଟି ଚଳାଇବାରେ ବେଶ୍ ପାରଙ୍ଗମ । ଆଉ ପଶାଖେଳ ହେଉଛି ଯୁଧିଷ୍ଠିରଙ୍କ ଅନ୍ୟ ଏକ ଦୁର୍ବଳତା । ଆଉ ଏହାରି ସୁଯୋଗରେ ଶକୁନିମାମୁଁ ବୋଧହୁଏ ପଶାଖେଳକୁ କୁରୁପାଣ୍ଡବ ମଧ୍ୟରେ ପ୍ରତିଶୋଧର ଇନ୍ଧନ ରୂପେ ପ୍ରୟୋଗ କରିବାକୁ ଚାହୁଁଥିଲେ ।

ଶକୁନିମାମୁଙ୍କ ଯୋଜନା ସଫଳ ହୋଇଗଲା ସତ । ହେଲେ ଏହି କ୍ରୀଡ଼ା ହିଁ ଉଭୟ ପରିବାର ପାଇଁ କେବଳ କାଳ ନୁହେଁ ମହାକାଳ ହୋଇ ଛିଡ଼ା ହୋଇଗଲା । ଉଭୟ ପରିବାର ମଧ୍ୟରେ ଛିଡ଼ା ହୋଇଗଲା ଏକ ବିଭେଦମାନ ପାଚେରି । ଭାଗଭାଗ ହୋଇଗଲା କୁରୁପାଣ୍ଡବଙ୍କ ହୃଦୟ । ପ୍ରତିଶୋଧର ଦାବାଗ୍ନିରେ ଘୃତ ଢଳାଯାଇ ତାକୁ ଆହୁରି ପ୍ରଜ୍ୱଳିତ କରିବାର ସୁଯୋଗ ଦିଆଗଲା।

ଦ୍ୟୂତକ୍ରୀଡ଼ା ପ୍ରତି ମୋର ଯେ ଆଦୌ ଆଗ୍ରହ ନଥିଲା ସେ କଥା କହିବି କେମିତି ? ମାମୁ ଚାହୁଁଥିଲେ ଦ୍ୟୂତକ୍ରୀଡ଼ା ମାଧ୍ୟମରେ ଯୁଧିଷ୍ଠିରଙ୍କୁ ହରାଇଦେବେ । ରାଜସୂୟ ଯଜ୍ଞରେ ସିଦ୍ଧିଲାଭ କରି ଅର୍ଜିଥିବା ଗର୍ବକୁ ଭାଂଗି ଚୂରମାର କରିଦେବେ । ଆଉ ସେହି ସୁଯୋଗରେ କୃଷ୍ଣାଙ୍କ ଅପମାନର ଫାଇଦା ଆମେ ଉଠାଇବୁ ।

ମାମୁଙ୍କର ଏସବୁ ଚକ୍ରାନ୍ତ ମୋ ମନରେ ଭରି ଦେଇଥିଲା ସଂଶୟ । କୌରବ, ପାଣ୍ଡବ ଉଭୟ ଆତ୍ମୀୟ, ସହୋଦର । ସେମାନଙ୍କ ମଧ୍ୟରେ ଶତ୍ରୁତା ହେଉ କି ମିତ୍ରତା ଏଥିରେ ଶକୁନିମାମୁଙ୍କର ମୁଣ୍ଡ ଖେଳାଇବାରେ ଆବଶ୍ୟକତା କ'ଣ ? ପାଣ୍ଡବମାନେ ତ କାହାରି କିଛି କ୍ଷତି କରି ନାହାଁନ୍ତି। ସେମାନେ ଯାହା ବି ଅର୍ଜିଛନ୍ତି ନିଜ ପରିଶ୍ରମ ବଳରେ, ଭାଗ୍ୟବଳରେ, କର୍ମବଳରେ। ସେସବୁ ସ୍ଥଳେ ଭଣଜାକୁ କ୍ରୀଡ଼ନକ ସଜାଇ ଉଭୟ ପରିବାର ମଧ୍ୟରେ ଏପରି ଖେଳ ଖେଳିବାର ଅର୍ଥ କ'ଣ ? ବିଚରା ଦୁର୍ଯ୍ୟୋଧନ । ମାମୁଙ୍କ ହାତରେ ସତେଯେମିତି ଏକ ଚାବିଦିଆ କଣ୍ଢେଇ । ତାଙ୍କ ହାତରୁ ମୁକ୍ତି ପାଇବାର ଉପାୟ ନାହିଁ । ବହୁତଥର ଚେଷ୍ଟା କରିଛି ମିତ୍ରଙ୍କୁ ମାମୁଙ୍କ ଦୌରାତ୍ମ୍ୟରୁ ମୁକୁଳି ଆଣିବି । ହେଲେ ପାରିନି, ଶକୁନି ଯେ ମିତ୍ରଙ୍କର ସବୁକିଛି । ଏପରିକି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟ ରହିଛି ତାଙ୍କର ମାମୁଁ ହାତରେ । ଅନବରତ ମାମୁଙ୍କ କାନକୁହା କଥାକୁ ସେ



ଚନ୍ଦନସମ ଦେହରେ ବୋଲି ହେଉଥାନ୍ତି । ସେଠାରେ ଅନ୍ୟମାନଙ୍କ ଅସ୍ତିତ୍ୱ ଫିକା ପଡ଼ିଯାଏ। ମୁଁ ତ ସହଜେ ଦୁର୍ଯ୍ୟୋଧନଙ୍କ ଦାନରେ ଅନୁଗ୍ରହୀତା । ମୋର ରାଜ୍ୟ, ରାଜମୁକୁଟ, ସିଂହାସନ ସବୁ ତ ତାଙ୍କରି ଦାନରୁ । ତେଣୁ ମୁଁ କେମିତି ପ୍ରତିବାଦ କରିବି ଦୁର୍ଯ୍ୟୋଧନଙ୍କ ଇଚ୍ଛା ଓ ଆକାଂକ୍ଷାକୁ । ତଥାପି, ଦୁର୍ଯ୍ୟୋଧନଙ୍କୁ ଏ ସବୁ ଫାଶ ମଧ୍ୟରୁ ମୁକୁଳାଇବା ପାଇଁ ବହୁ ପ୍ରୟାସ କରିଛି ମାତ୍ର ସଫଳ ହୋଇପାରିନି ।

ପରିଶେଷରେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଦ୍ୟୂତକ୍ରୀଡ଼ା ପାଇଁ ଦିନ ଧାର୍ଯ୍ୟ ହେଲା । ଧର୍ମରାଜ ଯୁଧିଷ୍ଠିରଙ୍କ ପାଖକୁ ନିମନ୍ତ୍ରଣ ପଠାଗଲା। ଜ୍ୟେଷ୍ଠପିତାଙ୍କ ଆଦେଶ ନ୍ୟାୟରେ ତାଙ୍କୁ ଅବମାନନା କରିବାର ସାହସ ବା ତାଙ୍କର କାହିଁ ? ବିନା ପ୍ରତିବାଦରେ ସାଦରେ ଗ୍ରହଣ କରିନେଲେ ନିମନ୍ତ୍ରଣକୁ, ଯଦିଓ ଆପତ୍ତି ଉଠାଇଥିଲେ ମହାମନ୍ତ୍ରୀ ବିଦୁର, ପିତାମହ ଭୀଷ୍ମ, ଆଚାର୍ଯ୍ୟ ଇତ୍ୟାଦି ଅନେକ ଗୁରୁଜନ ମାତ୍ର ସ୍ୱୟଂ ମହାରାଜ ନିଜ ପୁତ୍ର ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ । ସେଠି ଆଉ କାହାର ଆପତ୍ତି ବା ଶୁଣୁଛି କିଏ ?

ହଁ, ହସ୍ତିନାପୁରର ସମ୍ରାଟ ଧୃତରାଷ୍ଟ୍ର ନିଜ ରାଜ୍ୟର ଲାଭକ୍ଷତି କଥା ଯେତେ ଚିନ୍ତା ନକରନ୍ତି, ସେତିକି ଚିନ୍ତା କରନ୍ତି ନିଜ ପୁତ୍ରର। ପୁତ୍ରର ସନ୍ତୋଷବିଧାନ ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ । ସେଇଥିପାଇଁ କେବଳ ଦୁର୍ଯ୍ୟୋଧନଙ୍କ ନିଷ୍ପତ୍ତି ଉପରେ ସେ ଅଟଳ । ତାଙ୍କର ନିଜସ୍ୱ ନିଷ୍ପତ୍ତି ବୋଲି କିଛି ନାହିଁ । ହସ୍ତିନାପୁର ସିଂହାସନ ସୁରକ୍ଷିତ ରହୁ କି ନରହୁ । ତାଙ୍କ ପୁତ୍ରର କୌଣସି ଅମଂଗଳ ନହେଉ । ଏହାହିଁ ଥିଲା ତାଙ୍କର ଐକାନ୍ତିକ ଇଚ୍ଛା ।

ନିର୍ଦ୍ଦିଷ୍ଟ ଦିନରେ ଦ୍ୟୂତକ୍ରୀଡ଼ା ସଭାମଣ୍ଡପରେ ସମସ୍ତେ ଏକଜୁଟ ହେଲେ । ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, ମହାମନ୍ତ୍ରୀ ବିଦୁର ଓ ଅନ୍ୟାନ୍ୟ ଗୁରୁଜନ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଭରପୂର ଥିଲା ସଭାକକ୍ଷ । ହସ୍ତିନାପୁର ମହାରାଜ ତାଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସିଥାନ୍ତି । ଏକପଟେ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଅନ୍ୟପକ୍ଷରେ ଦୁର୍ଯ୍ୟୋଧନ, ଦୁଃଶାସନ, ଗାନ୍ଧାରରାଜ ଶକୁନି ଓ ମୁଁ । ସ୍ଥିର ହେଲା, ଖେଳ ହେବ ଦୁର୍ଯ୍ୟୋଧନ ଓ ଯୁଧିଷ୍ଠିର ମଧ୍ୟରେ । ମାତ୍ର ଦୁର୍ଯ୍ୟୋଧନଙ୍କ ପକ୍ଷରୁ ଗାନ୍ଧାରରାଜ ଚଳାଇବେ ପଶାକାଠି । ଦ୍ୟୂତ ବିଶାରଦ ଯୁଧିଷ୍ଠିରଙ୍କର କେଉଁଥିରେ ମଧ୍ୟ ଅଭିଯୋଗ ନଥାଏ । ମୁଁ କିଛି ବୁଝିପାରୁ ନଥିଲି। ଇଏ ପୁଣି କି ପ୍ରକାର ନିୟମ । ଖେଳପାଇଁ ପ୍ରସ୍ତାବ ଆସିଥିଲା ଦୁର୍ଯ୍ୟୋଧନଙ୍କ ପକ୍ଷରୁ । ଅଥଚ ତାଙ୍କ ପାଇଁ ଅନ୍ୟଜଣେ ଖେଳିବେ । ଯୁଧିଷ୍ଠିର ଯଦି ତାଙ୍କ ପାଇଁ ଆଉ ଜଣେ ଖେଳାଳୀକୁ ବାଛିଥାନ୍ତେ ତେବେ ଦୁର୍ଯ୍ୟୋଧନ କ'ଣ ସ୍ୱୀକୃତି ଦେଇଥାନ୍ତେ? ତେବେ କ'ଣ ଶକୁନି ମାମୁ ହିଁ ଏ ଖେଳର ନାୟକ ? ଖେଳିବା ଭିତରେ ତାଙ୍କର ଆଉ କିଛି ଅଭିସନ୍ଧି ନାହିଁ ତ ? କିଏ ଜାଣେ ଉପସ୍ଥିତ ସମସ୍ତେ ନିରବ । କାହାରି ମୁହଁରେ ନା ଅଛି ପ୍ରତିବାଦର ସ୍ୱର ନା ଖେଳକୁ ରୋକିବାର ଚେଷ୍ଟା ।

ବାସ୍ତବରେ କେତେ ଧର୍ମବନ୍ତ ଯୁଧିଷ୍ଠିର । ତାଙ୍କ ପ୍ରତି ଯେତେ ଅନ୍ୟାୟ ହେଉ ନା କାହିଁକି, ସେ ତ ନିଜେ ଧୀର, ନମ୍ର ଓ ଉଦାର । ଅନୁଜ ଦୁର୍ଯ୍ୟୋଧନଙ୍କ ପ୍ରତି ତାଙ୍କର ଗଭୀର ସବେଦନା। ଜ୍ୟେଷ୍ଠ ନ୍ୟାୟରେ ଅନୁଜଙ୍କ ପ୍ରତିଟି କଥାକୁ ସ୍ୱୀକାର କରି ନେଉଥିଲେ । ଏମିତି କି ଶକୁନିମାମୁ ଖେଳିବେ ଆଉ ତାଙ୍କ ପକ୍ଷରୁ ବାଜି ରଖିବେ ଦୁର୍ଯ୍ୟୋଧନ । ତାହା ପୁଣି ଖର୍ଚ୍ଚ ହେବ ହସ୍ତିନାପୁର ରାଜକୋଷରୁ ।

ଦୁର୍ଯ୍ୟୋଧନ ମୋର ପରମ ମିତ୍ର । ମୁଁ କିନ୍ତୁ ଖେଳ ପାଇଁ ହୋଇଥିବା ନୀତିନିୟମକୁ ଆଦୌ ଗ୍ରହଣ କରିପାରୁ ନଥିଲି । ବିଶେଷକରି ଗାନ୍ଧାର ନରେଶ ଶକୁନିଙ୍କ ମତିଗତିକୁ । ମୋର ଯେମିତି ମନେ ହେଉଥିଲା ଶକୁନିମାମୁ ନିଜର କ୍ରୀଡ଼ାକୁଶଳର ନୈପୁଣ୍ୟତା ଦେଖାଇବା ପାଇଁ ଏମିତି ଏକ ଛଳ ଖେଳୁନାହାଁନ୍ତି ତ ?

ଖେଳର ପ୍ରକୃତ ବିରୋଧୀ ଥିଲେ ମହାମନ୍ତ୍ରୀ ବିଦୁର । ଖେଳର କୁପରିଣତି ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇ ଦେଉଥିଲେ । କେହି କିନ୍ତୁ ତାଙ୍କ ବାକ୍ୟ ପ୍ରତି ଆଦୌ ଗୁରୁତ୍ୱ ଦେଉ ନଥିଲେ।

ନିର୍ଦ୍ଦିଷ୍ଟ ସମୟରେ ଆରମ୍ଭ ହେଲା ଖେଳ । ଗୋଟିଏପଟେ କୌରବ ଓ ଅନ୍ୟପଟେ ପାଣ୍ଡବ ପାଞ୍ଚଭାଇ । ଅନ୍ୟମାନେ ଦର୍ଶକ ହିସାବରେ ନିଜନିଜ ଆସନରେ ବସିଥିଲେ ।

ଆରମ୍ଭ ହେଲା ଦ୍ୟୂତକ୍ରୀଡ଼ା । ଉତ୍ତେଜନାପୂର୍ଣ୍ଣ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିବା ଦ୍ୟୂତକ୍ରୀଡ଼ା ଶେଷହେଲା ମଧ୍ୟ ଅନେକ କୁପରିଣତି ନେଇ । ପଶାଖେଳ ବିଶାରଦ ଯୁଧିଷ୍ଠିର ବାଜିରଖି ତାଙ୍କର ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତ୍ତି ସହ ଶେଷରେ ନିଜେ ଓ ନିଜର ଅନୁଜମାନଙ୍କୁ ମଧ୍ୟ ବାଜିରଖି ହାରିଗଲେ । ମୁଁ କିଛି ବୁଝିପାରୁ ନଥାଏ । ଶକୁନିଙ୍କ ହାତରେ ପଶାକାଠି ଗଡ଼ି ଚାଲୁଥାଏ । ଅଥଚ ଯୁଧିଷ୍ଠିରଙ୍କୁ ଗୋଟି ଚଳାଇବାର ସୁଯୋଗ ସୁଦ୍ଧା ମିଳୁନଥିଲା ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ଆଜିର କବିତା

## ଡିସେମ୍ବର...

### ରତ୍ନକାନ୍ତି ମିଶ୍ର

ଘନ କୁହୁଡି ମାୟାରେ ନିଘଞ୍ଚ ଆସ୍ତର
ଦୁର୍ବାଦଳ ମଥାପରେ ସ୍ଫଟିକ କାକର
ଆଲୋଡନ ଦେହମନେ ଜରତୀ ଶୀତର
ପଦାର୍ପିତ ଧରା ପରେ ଏବେ ଡିସେମ୍ବର।

ସୋରିଷ କିଆରୀ ଦେହେ ହଳଦିଆ ପାଟ
ବାଡି ବଗିଚାରେ ସତେ ଫୁଲଙ୍କର ହାଟ
ସୁନାରଙ୍ଗୀ ଫସଲରେ ଭରା ଆଜି କ୍ଷେତ
ଡିସେମ୍ବର ଆଗମନେ ଚାଷୀ କୁଳ ପ୍ରୀତ।

ପବନକୁ ସାଥି କରି ଗୁଡିର ଚକ୍କର
ବାରତା ଦିଏ ଜଗତେ ଆସୁଛି ମକର
ନାଲିବୁଢା ସାନ୍ତାକ୍ଲଜ ସ୍ନେହ ଉପହାର
ହସଖୁସି ବାଣ୍ଟେ ସତେ ପ୍ରିୟ ଡିସେମ୍ବର ।

ଘରେ ଘରେ ମାଣବସା ଲକ୍ଷ୍ମୀପାଦ ଝୋଟି
ଲିପାପୋଛା ଖଳାବାଡି ବଢତି ପାଇଟି
ପିକନିକ, ନାଚ,ଗୀତ ବଡଦିନ ଛୁଟି
ଡିସେମ୍ବର ଭରିଦିଏ ପ୍ରତି ହୃଦେ ପ୍ରୀତି ।

ଚିଲିକାରେ ସମାଗମ ବିଦେଶୀ ପକ୍ଷୀର
କଳରବେ ମୁଖରିତ ଆକାଶ ପ୍ରାନ୍ତର
ସ୍ୱର୍ଗୀୟ ଶୋଭା ମଣ୍ଡିତ ଧରା କି' ସୁନ୍ଦର
ବିହି ସୃଜନେ ଅନନ୍ୟ ସତେ ଡିସେମ୍ବର ।

+ଆଳି ,କେନ୍ଦ୍ରାପଡା



## ମୁଁ ଜଣେ ବୀରା ନାରୀ...

### ସାବିତ୍ରୀ ସାମନ୍ତରାୟ

ମୁଁ ଜଣେ ବୀରା ନାରୀ
ଘାତ ପ୍ରତିଘାତ ସହି ସହି
ମୁଁ ଆଜି ବିର ନାରୀ
ମୋ ଧର୍ମ ଡଙ୍ଗାରେ
କନ୍ୟା ଭଗ୍ନୀ ହୁଏ ମାତୃମମତାରେ
କରିଦେବି ନଦୀ ପାରି
ମୁଁ ଜଣେ ବୀର ନାରୀ
ହଁ ହଁ ମୁଁ ଜଣେ ବୀର ନାରୀ...!!

ମୋ ଫାଜିଲ ଲାଜକୁ ଫରୁଆରେ ରଖି
ମୁଁ ଆଜି ଗୋଟେ ଉଡା ଚଢ଼େଇ
ସୁନା ପଞ୍ଜୁରୀର ଲୋଭ ନାହିଁ ମୋର
ଆକାଶରେ ଉଡେ ଡେଣା ବାଡେଇ
ପ୍ରକୃତି ରୂପିଣୀ ସୃଷ୍ଟି କାରିଣୀ
ଯିବି ନାହିଁ କେବେ ହାରି
ମୁଁ ବୀର ନାରୀ....
ହଁ ହଁ ମୁଁ ବୀର ନାରୀ...!!

ଫଗୁଣ ଫୁଲର ଦୁଇଗୁଣା ବାସ୍ନା
ମୁଁ ଆଜି ଦିଗହରା....

ଝିଲମିଲ କରୁନି ମୁଁ ଚିକ୍ ଚିକ୍ କରୁନି
ତଥାପି ମୁଁ ଗୋଟେ ତାରା
ସ୍ୱପ୍ନ ଗୋଟେ ମୋର ସମ୍ପୂର୍ଣ୍ଣ ନିଆରା
ମୋ ଚରିତ୍ର ର ଅନ୍ୟନାମ ଦୁଇ ହାତିଆ ଛୁରୀ
ମୁଁ ବୀର ନାରୀ...
ହଁ ହଁ ମୁଁ ବୀର ନାରୀ....!!

ରଙ୍ଗୀନ ବୟସ ପ୍ରଥମ ପାହାଚେ
ସ୍ୱପ୍ନ ରାଇଜରେ ବୁଲେ
ସ୍ୱପ୍ନ ସୌଦାଗର,ମୋ ସ୍ୱପ୍ନ କିଣିଲେ
ମୋତେ ପାହାଡ଼ରୁ ଦେଲେ ଠେଲି
ପାଞ୍ଚାଳୀ ହୋଇ ମୋ ପଞ୍ଚପତି ମଧ୍ୟେ
ହୋଇ ନାହିଁ କେବେ ଚୋରି
ମୁଁ ଜଣେ ବୀର ନାରୀ..
ହଁ ହଁ ମୁଁ ବୀର ନାରୀ...!!

ନୀଳିମା ଆକାଶ କାଳିମାକୁ ଧୋଇ
କିଏ କେବେ ଆସେ ମୋତେ ଭୁଲାଇବା ପାଇଁ
ମୁଁ ପାଲଟି ଯାଇଛି, ମରୁଭୂମିର ସେ କଣ୍ଟା
ମୋ ପାଦ ରଖିଛି ଲହୁତ ଝରିଛି
ରାସ୍ତା ସାରା ରକ୍ତ ଛିଟା....
ଇତିହାସ ରେ ମୋ ପୃଷ୍ଠା କଳଙ୍କିତ
କେତେ ଫର୍ଦ୍ଦ ଗଲା ଚିରି
ମୁଁ ଜଣେ ବୀର ନାରୀ...
ହଁ ହଁ ମୁଁ ବୀର ନାରୀ..!!

ମୋ'ଜନ୍ମ ପୂର୍ବରୁ ମାତା ମାତା ମହୀ
କେତେ କଷ୍ଟ ସହିଛନ୍ତି
ଲୁହ ଗଙ୍ଗା ଧରି ଶପଥ କରୁଛି
ମୁଁ ତାଙ୍କ ପରି ହେବି ନାହିଁ
ଅଲୋକ ପ୍ରଦୀପ ପ୍ରଜ୍ଜ୍ୱଳିତ କରି
ଅନ୍ଧାରକୁ ଦେବି ମାରି
ମୁଁ ଜଣେ ବୀରା ନାରୀ...
ହଁ ହଁ ମୁଁ ବୀର ନାରୀ।

+ଭୁବନେଶ୍ୱର

## ସମ୍ପର୍କର ରଙ୍ଗ

# ଜୀବନ ଗୋଟିଏ ଦିନ

### ଶ୍ୱେତା ରାଉତ୍

ସମାଜରେ ଏମିତି ଅନେକ ଅଛନ୍ତି, ଯେଉଁମାନେ ନିଜେ ପରିଶ୍ରମ ନକରି ଅନ୍ୟର ଦୟାକୁ ଅପେକ୍ଷା କରିଥାନ୍ତି। ଅପମାନିତ ହୁଅନ୍ତୁ ପଛେ କଷ୍ଟ କରିବାକୁ ଚାହିଁନଥାନ୍ତି। ସଦାସର୍ବଦା ଅନ୍ୟ କାନ୍ଧରେ ପାଦ ରଖି ଉପରକୁ ଉଠିବାକୁ ଚାହାନ୍ତି। ଅନ୍ୟ ଉପରେ ବୋଝ ଲଦି ନିଜେ ଆରାମ କରନ୍ତି। ଅନ୍ୟର ନିନ୍ଦା କରି ନିଜେ ପ୍ରଶଂସା ସାଉଣ୍ଟୁଥାନ୍ତି, ଅନ୍ୟକୁ ଉପହାସ କରି ନିଜେ ଭଲ ବୋଲି ଦେଖେଇ ହୁଅନ୍ତି। ଅନ୍ୟକୁ ପ୍ରଶଂସା ବା ସାହାଯ୍ୟ କରି ଖୁସି ହେଉଥିବା ଲୋକ ଖୁବ୍ କମ୍ ମିଳନ୍ତି। ସେଥିମଧ୍ୟରୁ କେତେଜଣ ମୁହଁରେ ପ୍ରଶଂସା ତ କରନ୍ତି ହେଲେ ହୃଦୟରୁ ନୁହେଁ, କେବଳ ଛଳନାରେ। ଏମିତି କେତେଜଣ ମଧ୍ୟ ଅଛନ୍ତି ଆପଣ ତାଙ୍କୁ ଟିକେ ଆଦର ବା ଉଦାର ଭାବ ଦେଖାନ୍ତୁ ସଙ୍ଗେ ସଙ୍ଗେ ସାହାଯ୍ୟ ମାଗିବେ। ଅନେକ ପ୍ରକାରର ସାହାଯ୍ -ଯଥା 'ମୋ ପୁଅକୁ ଟିକେ ଭଲ ଚାକିରିରେ ରଖେଇ ଦିଅନ୍ତୁ, ମୋତେ କିଛି ଆର୍ଥିକ ସହାୟତା କରନ୍ତୁ, ମୋ ଲେଖା ଟିକେ ମେଗଜିନ୍‌ରେ ବାହାର କରେଇ ଦିଅନ୍ତୁ, ଆପଣଙ୍କ ଚିହ୍ନାଜଣାଙ୍କୁ କହି ହସପିଟାଲ ଖର୍ଚ୍ଚ ଟିକେ କମ୍ କରେଇ ଦିଅନ୍ତୁ, ମୋତେ ଗୋଟେ କାମର କଣ୍ଟ୍ରାକ୍ଟ ଦିଅନ୍ତୁ, ମୋ ପାଇଁ ଗୋଟେ ଫ୍ଲାଟ୍ ଖୋଜିଦିଅନ୍ତୁ, ମୋ ପିଲାର ଲୋକାଲ୍ ଗାର୍ଡିଆନ ହୁଅନ୍ତୁ, ମୋତେ ଅନୁଷ୍ଠାନରୁ ଆୱାର୍ଡ୍ କରାଇ ଦିଅନ୍ତୁ ଇତ୍ୟାଦି କେତେ କଣ ! ଯାହାକୁ ଆପଣ ସାହାଯ୍ୟ ସହଯୋଗ କରିଥିବେ ସେଇ ବ୍ୟକ୍ତି ଆପଣଙ୍କ ଅସୁବିଧା ସମୟରେ ଧରାଛୁଆଁ ଦେବେ ନାହିଁ। ଏମିତି ସମୟ ବି ବେଳେ ବେଳେ ଆସିଥାଏ, ଆପଣଙ୍କ ଦ୍ୱାରା ଉପକୃତ ଚାରିକଡର ଲୋକମାନେ ଦିନେ ଆପଣଙ୍କ ଦୁଃସମୟରେ ଛତ୍ରଭଙ୍ଗ ଦିଅନ୍ତି। ସମବେଦନା ତ ସମସ୍ତେ ଜଣାନ୍ତି କିନ୍ତୁ ସହଯୋଗ କରନ୍ତି ନାହିଁ। ବେଳେବେଳେ ଏମିତି ବି ପରିସ୍ଥିତି ଆସେ ମଣିଷ ଉପାୟଶୂନ୍ୟ ହୋଇ ଆତ୍ମହତ୍ୟା କରିଦିଏ, ଅଥଚ ତା ପରିସ୍ଥିତିର ସମାଧାନ ହୁଏନାହିଁ। ଜୀବନର ଏମିତି କ୍ଷଣଟିଏ ବହିର ଗୋଟିଏ ପୃଷ୍ଠା ଭଳି। ଯେମିତି ୧୦୦ ପୃଷ୍ଠା ବହିର ଗୋଟିଏ ପୃଷ୍ଠା ଚିରିଗଲେ ଆଉ ୯୯ ପୃଷ୍ଠାର ଉପଯୋଗିତା ନଷ୍ଟ ହୁଏନାହିଁ, ଠିକ୍ ସେମିତି ଜୀବନ ବହିର ଗୋଟିଏ ପୃଷ୍ଠା ଚିରିଗଲେ ଅର୍ଥାତ୍ ଆମର ଗୋଟିଏ ଦୁଃସମୟରେ ଭୟଭୀତ ହୋଇ ଆମେ ଆଦୌ ଭୟଭୀତ ହେବା ଉଚିତ୍ ନୁହେଁ।

ଜୀବନ ସବୁବେଳେ ଗୋଟେ ଆଶ୍ଚର୍ଯ୍ୟ ଆଗନ୍ତୁକ। କେହି ଜାଣିନଥାଏ ଆସନ୍ତା ସମୟରେ କିଭଳି ଚମତ୍କାର, ଜୀବନର ମୋଡ ବଦଳେଇଥାଏ। ଯେମିତି ଆମେ ଜାଣିନଥାନ୍ତି କେବେ ଆଉ କେମିତି ଆମର ମୃତ୍ୟୁ ଶିରୋଧାର୍ଯ୍ୟ ହୋଇଛି ! ଜୀବନର ଏ ରଙ୍ଗମଞ୍ଚରେ



ଅଭିନୟ କଲାବେଳେ ଆମେ ଭାବିବା ଉଚିତ୍ ଆମେ କିଭଳି ଅଭିନୟ (କର୍ମ)କରୁଛନ୍ତି,ଏହା ଆମ ଅପେକ୍ଷା ଆମ ନିର୍ଦ୍ଦେଶକ (ପରମାତ୍ମା)ଭଲଭାବେ ଜାଣନ୍ତି ଏବଂ ନାଟକ ସଫଳ ହେବାର ଦାୟିତ୍ୱ ସବୁବେଳେ ନିର୍ଦ୍ଦେଶକଙ୍କ ଉପରେ ଥାଏ।

ଆପଣଙ୍କ ଭିତରେ ଯଦି ଖୁବ୍ ଦୁଃଖ ଅଛି,ଜୀବନକୁ ନ୍ୟୁନ ଭାବୁଛନ୍ତି ଏବଂ କୌଣସି ଅସାଧୁ, ଅସାମାଜିକ, ଅସଂସ୍କାରୀ ନିର୍ଯ୍ୟାତନାର ଶୀକାର ହେଉଛନ୍ତି, ତେବେ ହତୋତ୍ସାହ ହୁଅନ୍ତୁ ନାହିଁ, ଜୀବନକୁ କେବଳ 'ଗୋଟିଏ ଦିନ' ଭାବନ୍ତୁ। ସେଇ ଦିନଟି ଖୁବ୍ ଖୁସିରେ ରହିବାକୁ ଚେଷ୍ଟା କରନ୍ତୁ,ମନ ଭରି ଖାଆନ୍ତୁ, ନିଜ କକ୍ଷକୁ ପରିଷ୍କାର, ପରିଚ୍ଛନ୍ନ କରି ସଜାନ୍ତୁ,ପରିବାରରେ ସମସ୍ତଙ୍କ ସହିତ ଭଲରେ କଥା ହୁଅନ୍ତୁ କାରଣ 'ଜୀବନ ଗୋଟିଏ ଦିନ'। ତେଣୁ କାଲି କଣ ହୋଇଯାଇଛି କିମ୍ବା ଆସନ୍ତା କାଲି କଣ ହେବ ଭାବନ୍ତୁ ନାହିଁ। ଆଜି ଉପରେ ଗୁରୁତ୍ୱ ଦିଅନ୍ତୁ, ଆଜି ପାଇଁ ବଞ୍ଚନ୍ତୁ, ଆଜିକୁ ସ୍ମରଣୀୟ କରନ୍ତୁ। ଆଜି ଆପଣଙ୍କ ସହିତ ଯିଏ ଅନ୍ୟାୟ କରିଛନ୍ତି ତାଙ୍କୁ କ୍ଷମା କରିଦିଅନ୍ତୁ ଅଥବା ଆପଣ କାହାପ୍ରତି ଅନ୍ୟାୟ କରିଛନ୍ତି କ୍ଷମା ମାଗି ନିଅନ୍ତୁ। ପ୍ରତିଦିନ ସକାଳୁ ଏହି ଭାବନା ରଖନ୍ତୁ ଯେ 'ଜୀବନ ଆଜି ଗୋଟିଏ ଦିନ'ତାକୁ ମନଭରି ଜିଇଁବା ଉଚିତ୍। ଆମର ପ୍ରତିଟି ଦିନ ଆମ ନିୟନ୍ତ୍ରଣରେ ରହିଲେ ଜୀବନ ବି ଧିରେ ଧିରେ ସୁନ୍ଦର ପାଲଟିଯିବ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

## ରେଗୁଲାର ହେବେ ୩୫୦ ଠିକା ଡାଟା ଏଂଟ୍ରି ଅପରେଟର

ଭୁବନେଶ୍ୱର,୨୨/୧୨ (ନି.ପ୍ର): ରାଜ୍ୟର ବିଭିନ୍ନ ଆରଟିଓରେ କାର୍ଯ୍ୟରତ ଠିକା ଡାଟା ଏଂଟ୍ରି ଅପରେଟର(ଡିଇଓ) ନିୟମିତ ହେବେ। ଏସଂପର୍କିତ ଏକ ମାମଲାର ଶୁଣାଣି କରି ଏହି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଅଦାଲତଙ୍କ ନିର୍ଦ୍ଦେଶ ଭିତିରେ ଏବେ ବିଭିନ୍ନ ଆରଟିଓରେ କାମ କରୁଥିବା ପ୍ରାୟ ୩୫୦ ଡାଟା ଏଂଟ୍ରି ଅପରେଟର(ଡିଇଓ) ଉପକୃତ ହେବେ।

ରାଜ୍ୟର ବିଭିନ୍ନ ଆରଟିଓରେ ପ୍ରାୟ ୩୫୦ ଡାଟା ଏଂଟ୍ରି ଅପରେଟର ଠିକାରେ କାମ କରୁଛନ୍ତି । ସେମାନଙ୍କୁ ଆରଟିଓରେ ନିୟମିତ କରିବାକୁ ହାଇକୋର୍ଟରେ ଏକ ପିଟିସନ ଦାୟର ହୋଇଥିଲା। ଯାହାର ଶୁଣାଣି କରି ହାଇକୋର୍ଟ ଦେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ରାୟ। ବିଭିନ୍ନ ଆରଟିଓରେ ଠିକାରେ କାମ କରୁଥିବା ପ୍ରାୟ ୩୫୦ ଡାଟା ଏଂଟ୍ରି ଅପରେଟର ନିୟମିତ ହେବେ। ଏନେଇ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଆଉଟ ସୋର୍ସିଂରେ କାମ କରୁଥିବା ଅପରେଟରଙ୍କୁ ନିୟମିତ କରିବାକୁ ରାୟ ଶୁଣାଇଛନ୍ତି ହାଇକୋର୍ଟ।

## ଶକ୍ତି ସଂରକ୍ଷଣ ଚିତ୍ରକଳା ପ୍ରତିଯୋଗିତାରେ ଦୀପିକା ଶତପଥୀ ପୁରସ୍କୃତ

ଭୁବନେଶ୍ୱର,୨୨/୧୨ (ନି.ପ୍ର): କେନ୍ଦ୍ର ଶକ୍ତି ମନ୍ତ୍ରାଳୟ ଅଧୀନ ବ୍ୟୁରୋ ଅଫ ଏନର୍ଜି ଏଫିସିଏନ୍‌ସି (ବିଇଇ) ତରଫରୁ ଏନ୍‌ଟିପିସି ପୂର୍ବାଞ୍ଚଳ ମୁଖ୍ୟାଳୟ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ସହଯୋଗରେ 'ସ୍ୱାଧୀନତାର ଅମୃତ ମହୋତ୍ସବ : ଶକ୍ତିନିପୁଣ ଭାରତ' ଶୀର୍ଷକ ଜାତୀୟ ଶକ୍ତି ସଂରକ୍ଷଣ ଚିତ୍ରକଳା ପ୍ରତିଯୋଗିତା – ୨୦୨୧ ଅନୁଷ୍ଠିତ ହୋଇଯାଇଛି । ଦିଲ୍ଲୀରେ ଆୟୋଜିତ ଏହି ପ୍ରତିଯୋଗିତାରେ କନିଷ୍ଠ 'ଏ' ବର୍ଗରେ ବାଲେଶ୍ୱର ମେଘଡମ୍ବରୁ ଦିଲ୍ଲୀ ପବ୍ଲିକ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ଦୀପିକା ଶତପଥୀ ଜାତୀୟ ସାନ୍ତ୍ୱନା ପୁରସ୍କାର ପାଇଛନ୍ତି। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ବରିଷ୍ଠ ଓ କନିଷ୍ଠ ବର୍ଗରେ ୬ଜଣ ବିଦ୍ୟାର୍ଥୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ୨୦ ଜଣ ସାନ୍ତ୍ୱନାମୂଳକ ରାଜ୍ୟ ପୁରସ୍କାର ପାଇଛନ୍ତି। ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଓଡ଼ିଶାରୁ ୨୬ ଜଣ ବିଦ୍ୟାର୍ଥୀଙ୍କ ଚିତ୍ରକଳା ଜାତୀୟ ସ୍ତରକୁ ଯାଇଥିଲା। ଭୁବନେଶ୍ୱର ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ପ୍ରେକ୍ଷାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ଟିପିସି ପୂର୍ବାଞ୍ଚଳ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ. ଗୋସ୍ୱାମୀ ଯୋଗଦେଇ ଚିତ୍ରକଳା ମାଧ୍ୟମରେ ଛାତ୍ରଛାତ୍ରୀମାନେ ସେମାନଙ୍କର ସୃଜନଶୀଳତାର ପରିପ୍ରକାଶ ଘଟାଇ ଘରେ ଘରେ ଶକ୍ତି ସଂରକ୍ଷଣର ବାର୍ତ୍ତା ପହଞ୍ଚାଇ ପାରିବେ ବୋଲି କହିଥିଲେ। ଉତ୍ସବରେ ମାନବ ସମ୍ବଳ ସାଧାରଣ ପରିଚାଳକ ରଜନୀଶ ରାସ୍ତୋଗୀ ସ୍ୱାଗତ ଭାଷଣ ଓ ଦେବସ୍ମିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏନଟିପିସିର କର୍ପୋରେଟ୍ କମୁନିକେସନ୍ ପରିଚାଳକ ପି.ଏ. ଜୋହନ ଓ ମାନବ ସମ୍ବଳ ବିଭାଗ ବରିଷ୍ଠ ପରିଚାଳକ ଅନୁଜ କୁମାର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟରେ ପରିବା ଉତ୍ପାଦନ ୪୦ ପ୍ରତିଶତ ବାଧାପ୍ରାପ୍ତ: ବଜାରକୁ ଆସିନି ଦେଶୀ ପରିବା

ଭୁବନେଶ୍ୱର,୨୨/୧୨ (ନି.ପ୍ର): ଅଦିନିଆ ବର୍ଷା, ଲଘୁଚାପ ଓ ବାତ୍ୟା ଜୱାଦ ପାଇଁ ଏଥର ରାଜ୍ୟରେ ପରିବା ଉତ୍ପାଦନ ପାଖାପାଖି ୪୦ ପ୍ରତିଶତ ପ୍ରଭାବିତ ହୋଇପାରେ ବୋଲି ଉଦ୍ୟାନ ବିଭାଗ ଆଶଙ୍କା କରିଛି। ଡିସେମ୍ବର ?ରେ ରାଜ୍ୟବାସୀ ଦେଶୀ ତଟ୍‌କା ପରିବାର ମଜା ନେବା କଥା। ହେଲେ ଏବେ ବି ନାସିକ୍, ରାୟପୁର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶର ପରିବା ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲା ପରିବା ବଜାରକୁ କବ୍‌ଜା କରି ରଖିଛନ୍ତି। ତେଣୁ ଦର ଖସୁନି। ମୂଳା, ଗାଜର, ବନ୍ଧା ଓ ଫୁଲକୋବି, ବାଇଗଣ, କ୍ୟାପ୍ସିକମ୍, ଗ୍ରିନ୍ ମଟର, ବିଟ୍, ଗାଜର, ଟମାଟୋ, କାକୁଡ଼ି, ବିନ୍ସ ଭଳି ପରିବାର ଦର ଆକାଶଛୁଆଁ ରହିଛି। ଶୀତ ଦିନେ ଏ ସବୁ ପରିବା ଦର ସ୍ୱାଭାବିକ ଭାବେ ୧୦ରୁ ୩୦ଟଙ୍କା ମଧ୍ୟରେ ରହିଥାଏ। ଏବର୍ଷ ତାହା ୫୦ରୁ ୭୦ ଟଙ୍କାରେ ବିକ୍ରି ହେଉଛି। ଏଥିଯୋଗୁଁ ଓଡ଼ିଶାର ଚାଷୀ ଏବଂ ଖାଉଟି ଉଭୟ କ୍ଷତି ସହୁଛନ୍ତି। ଉଦ୍ୟାନ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଅକ୍ଟୋବରରୁ ଜାନୁଆରି ପର୍ଯ୍ୟନ୍ତ ଆଳୁ, ପିଆଜଠାରୁ ଆରମ୍ଭ କରି କୋବି, ମୂଳା, ଗାଜର, କ୍ୟାପ୍ସିକମ୍, ବିଟ୍ ଭଳି ଶୀତଦିନିଆ ପରିବା ଉତ୍ପାଦନର ସମୟ। ମାତ୍ର ଚଳିତ ବର୍ଷ ଡେରି ଯାଏ ବର୍ଷା ହେବାରୁ ସମଗ୍ର ରାଜ୍ୟରେ ମାସେ ବିଳମ୍ବରେ ପରିବା ଚାଷ ହେଲା। ଉପକୂଳବର୍ତ୍ତୀ ଓ ଦକ୍ଷିଣାଞ୍ଚଳ ଅନ୍ତର୍ଗତ ଜିଲ୍ଲାଗୁଡ଼ିକରେ ଯେଉଁମାନେ ନଭେମ୍ବର ଏବଂ ଡିସେମ୍ବରରେ ମଞ୍ଜି ବୁଣିଥିଲେ, ଅଦିନିଆ ବର୍ଷା ଏବଂ ଡିସେମ୍ବରର ବାତ୍ୟା 'ଜୱାଦ' ଯୋଗୁଁ ତାହା ଉଜୁଡ଼ିଗଲା। ତେଣୁ ସେହି ଜିଲ୍ଲାଗୁଡ଼ିକରେ ଚାଷୀ ପୁଣି ମଞ୍ଜି ବୁଣିବା ଆରମ୍ଭ କରିଛି।

## ତୈଳ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଅନ୍ୱେଷଣ ନିଲାମୀ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୨/୧୨ (ନି.ପ୍ର): ତୈଳ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ସପ୍ତମ ସ୍ତରର ମୁକ୍ତ କ୍ଷେତ୍ରୀୟ ଅନ୍ୱେଷଣ ଲାଇସେନ୍ସ ବ୍ୟବସ୍ଥା ପାଇଁ ନିଲାମୀ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅନ୍ତର୍ଜାତୀୟ ସପ୍ତମ ସ୍ତରର ନିଲାମୀ ପ୍ରକିୟାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଏବଂ ପ୍ରତିଯୋଗିତାମୂଳକ କରିବା ପାଇଁ ବିଶ୍ୱସ୍ତରୀୟ ବିଡିଂ ଆହ୍ୱାନ କରାଯାଇଛି । ଆସନ୍ତା ୨୦୨୨ ମସିହା ଫେବୃୟାରୀ ୧୫ ତାରିଖ ଦିନ ୧୨ଟା ରେ ମନ୍ତ୍ରଣାଳୟର ଅନଲାଇନ୍ ବିଡିଂ ପୋର୍ଟାଲରେ ଆବେଦନ ସମୟସୀମା ଶେଷ ହେଉଛି । ଏହି ନିଲାମୀ ପ୍ରକ୍ରିୟାରେ ୨୦୨୨ ମସିହା ମାର୍ଚ୍ଚ ମାସ ସୁଦ୍ଧା ତୈଳ କ୍ଷେତ୍ରଗୁଡ଼ିକର ଆବଂଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯିବ । ସପ୍ତମ ସ୍ତରର ମୁକ୍ତ ନିଲାମୀ ପ୍ରକ୍ରିୟା ଶେଷ ହେବା ପରେ ଆଉ ଅତିରିକ୍ତ ୧୫,୭୬୬ ବର୍ଗ କିଲୋମିଟର ଅଂଚଳରେ ତୈଳ ଅନୁସନ୍ଧାନ ହୋଇପାରିବ । ଏହି ପରିମାଣକୁ ମିଶାଇଲେ ତୈଳ ଅନୁସନ୍ଧାନ ହେଉଥିବା କ୍ଷେତ୍ରର ପରିମାଣ ୨,୦୭,୬୯୨ ବର୍ଗ କିଲୋମିଟର ହେବ । ଗତ ମାର୍ଚ୍ଚ ୨୦୧୬ରେ ହାଇଡ୍ରୋକାର୍ବନ ଅନୁସନ୍ଧାନ ଏବଂ ଲାଇସେନ୍ସିଂ ନୀତି (ହେଲ୍ପ) ସରକାର ମଞ୍ଜୁର କରିଥିଲେ । ଏଥିସହିତ ତୈଳ ଏବଂ ଗ୍ୟାସ୍ ଆମଦାନୀ କ୍ଷେତ୍ରରେ ନିର୍ଭରଶୀଳ ନ ହେବା ପାଇଁ ଏବଂ ତୈଳକ୍ଷେତ୍ର ଅନୁସନ୍ଧାନ ଦିଗରେ ଅନୁସନ୍ଧାନ ଏବଂ ଲାଇସେନ୍ସିଂ ନୀତି ବିଜ୍ଞାପନ ଆକାରରେ ୨୦୧୯ ମସିହାରେ ସରକାର ପ୍ରକାଶ କରିଥିଲେ । ଏଥିରେ ରାଜସ୍ୱ ଅପେକ୍ଷା ସର୍ବାଧିକ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଥିଲା । 'ହେଲ୍ପ' କାର୍ଯ୍ୟକାରୀ ହେବା ଦିନଠାରୁ ଅନ୍ତଃର୍ଜାତୀୟ ମୁକ୍ତ ପ୍ରତିଯୋଗିତାମୂଳକ ତୈଳ କ୍ଷେତ୍ର ଅନୁସନ୍ଧାନ ନିମିତ ଏପର୍ଯ୍ୟନ୍ତ ୫ ଥରରେ ୧୦୫ଟି ବ୍ଲକ ନିମିତ ନିଲାମୀ ପ୍ରକ୍ରିୟା ଶେଷ ହେଲାଣି । ଷଷ୍ଠଥର ବ୍ଲକ ଆବଂଟନ ପ୍ରକ୍ରିୟା କାର୍ଯ୍ୟ ସମାପ୍ତି ଦିଗରେ ଆଗେଇ ଚାଲିଛି । ଏପର୍ଯ୍ୟନ୍ତ ୧୨୬ଟି ବ୍ଲକ ରହିଛି। ଏହା ମୋଟ ୧୮ଟି ଭୂସ୍ତରୀୟ ଉପତ୍ୟକାରେ ୧,୯୧,୯୨୬ ବର୍ଗ କିଲୋମିଟର ଅଂଚଳରେ ବ୍ୟାପ୍ତ ହୋଇଛି। ୬ଟି ଭୂସ୍ତରୀୟ ଉପତ୍ୟକା ଅନ୍ତର୍ଗତ ୧୫,୭୬୬ ବର୍ଗକିଲୋମିଟର ଅଂଚଳ ପାଇଁ ବର୍ତ୍ତମାନର ଏହି ନିଲାମୀ ପ୍ରକ୍ରିୟା ଚାଲିଛି । ଭାରତୀୟ ଅନୁସନ୍ଧାନ ଏବଂ ଉତ୍ପାଦନ କ୍ଷେତ୍ରର ଏହି ନିଲାମୀ ପ୍ରକ୍ରିୟା ସରକାରଙ୍କ ଇଜ୍ଅଫ୍ ଡୁଇଙ୍ଗ୍ ବିଜି ନେସ କ୍ଷେତ୍ରକୁ ସମୃଦ୍ଧ କରିବ । ଏହି ନିଲାମୀ ପ୍ରକ୍ରିୟାର ସ୍ୱାତନ୍ତ୍ର୍ୟ ହେଲା ଏଥିରେ ତୈଳ ସେସ ରଖାଯାଇନାହିଁ, ରୟାଲଟି କମାଇ ଦିଆଯାଇଛି, ବଜାର ଏବଂ ଦର ନିର୍ଦ୍ଧାରଣ କ୍ଷେତ୍ରରେ ବିଡରମାନଙ୍କ ସ୍ୱାଧୀନତା ଭଳି ଅନେକ ସୁବିଧା ରଖାଯାଇଛି । ବର୍ତ୍ତମାନ ପ୍ରକ୍ରିୟାର ୬ଟି ଭୂସ୍ତରୀୟ ଉପତ୍ୟକା ରାଜସ୍ଥାନ, ତ୍ରିପୁରା, ମଧ୍ୟପ୍ରଦେଶ, ପଶ୍ଚିମ ଉପକୂଳ ରାଜ୍ୟ, ଆସାମ ଏବଂ କାବେରୀ ଉପତ୍ୟକାରେ ରହିଛି ।

## ଢିଙ୍କିଆରେ ପୋଲିସର ଆତଙ୍କରାଜକୁ ସିପିଆଇର ନିନ୍ଦା

ଭୁବନେଶ୍ୱର,୨୨/୧୨ (ନି.ପ୍ର): ଗତକାଲି ଜଗତ୍‌ସିଂହପୁର ଜିଲ୍ଲାର ଢିଙ୍କିଆ ଗ୍ରାମରେ ପ୍ରସ୍ତାବିତ ଜିନ୍ଦଲର ଇସ୍ପାତ କାରଖାନାକୁ ବିରୋଧ କରୁଥିବା ଗ୍ରାମବାସୀମାନଙ୍କ ଉପରେ ପୋଲିସର ଆକ୍ରମଣ, ଆତଙ୍କରାଜ ଓ ଗିରଫଦାରୀକୁ ସିପିଆଇ ନିନ୍ଦା କରିଛି। ଯେଉଁ କାରଣରୁ ଢିଙ୍କିଆର ଜନସାଧାରଣ ପୋସ୍କୋ ପ୍ରକଳ୍ପକୁ ବିରୋଧ କରୁଥିଲେ, ସେହି କାରଣରୁ ଜିନ୍ଦଲର ପ୍ରସ୍ତାବିତ କାରଖାନାକୁ ବିରୋଧ କରୁଛନ୍ତି। ମାତ୍ର ରାଜ୍ୟ ସରକାର ଓ ପ୍ରଶାସନ ଜନସାଧାରଣଙ୍କ ଜୀବନ ଓ ଜୀବିକାର ପ୍ରଶ୍ନ ପ୍ରତି ଆଖି ବୁଜିଦେଇ, ବଳ ପୂର୍ବକ ଦମନଲୀଳା ଚଳାଇ କାରଖାନା ପ୍ରତିଷ୍ଠା ପାଇଁ ଉଦ୍ୟମ କରିବା ଅତ୍ୟନ୍ତ ଅଗଣତାନ୍ତ୍ରିକ, ଅମାନବୀୟ ଓ ନିନ୍ଦନୀୟ। ଏହାର କିଛିଦିନ ପୂର୍ବରୁ ଡିସେମ୍ବର ୪ ତାରିଖ ଦିନ ମଧ୍ୟ ପୋଲିସ ରାତିଅଧିଆ ଢିଙ୍କିଆ ଗ୍ରାମ ଉପରେ ଚଢ଼ାଉ କରି କିଛି ଲୋକଙ୍କୁ ଆହତ କରିବା ସହ ଦେବେନ୍ଦ୍ର ସ୍ୱାଇଁଙ୍କ ଘର ଉପରେ ଆକ୍ରମଣ କରିଥିଲା। ଗତକାଲି ମଧ୍ୟ ପୋଲିସ ଜଟାଧାରୀ ମୁହାଁଣ ନିକଟସ୍ଥ ବାଲିଟିକିରାଠାରେ ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରି ଖଣ୍ଡଯୁଦ୍ଧ ଚଳାଇବା ସଙ୍ଗେ ସଙ୍ଗେ ଗ୍ରାମ ଭିତରେ ପଶି ଦେବେନ୍ଦ୍ର ସ୍ୱାଇଁଙ୍କ ପରିବାରର ଦୁଇଜଣଙ୍କୁ ଉଠାଇ ନେଇଥିବାର ଅଭିଯୋଗ ହୋଇଛି। ସିପିଆଇ ସର୍ବଦା ଜନସାଧାରଣଙ୍କ ଭିଟାମାଟି ଏବଂ ଜୀବନ ଓ ଜୀବିକାର ସଂଗ୍ରାମ ପଛରେ ଛିଡ଼ା ହୋଇ ଆସିଛି। ଶିଳ୍ପ ନାଁରେ ମାନ୍ୟତାପ୍ରାପ୍ତ କୃଷି ଅର୍ଥନୀତିକୁ ଧ୍ୱଂସ କରିବା ଏବଂ ଜନସାଧାରଣଙ୍କ ଜୀବିକାକୁ ଛଡ଼ାଇ ନେବାର ଉଦ୍ୟମକୁ ସିପିଆଇ ବିରୋଧ କରୁଛି। ଏଣୁ ରାଜ୍ୟ ସରକାର ତୁରନ୍ତ ପୋଲିସ ଦମନ ଲୀଳା ବନ୍ଦ କରିବା ସହିତ ପୋସ୍କୋ ବିରୋଧୀ ଆନ୍ଦୋଳନ ସମୟରେ ହୋଇଥିବା ସମସ୍ତ ମକଦ୍ଦମାକୁ ପ୍ରତ୍ୟାହାର କରିନେବା ପାଇଁ ସିପିଆଇ ଦାବି କରିଛି।

## ଇଡ୍‌କୋରେ ନିଯୁକ୍ତି ପାଇଲେ ୨୫ ଜଣ ଡେପୁଟି ମ୍ୟାନେଜର

ଭୁବନେଶ୍ୱର ,୨୨/୧୨ (ନି.ପ୍ର): ଇଡକୋରେ ୨୫ ଜଣଙ୍କୁ ଡେପୁଟି ମ୍ୟାନେଜର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଶିଳ୍ପ, ଶକ୍ତି, ଏମ୍ଏସ୍ଏମ୍ଇ, ଗୃହ ରାଜ୍ୟମନ୍ତ୍ରୀ କ୍ୟାପ୍ ଟେନ୍ ଦିବ୍ୟଶଙ୍କର ମିଶ୍ର ଇଡ୍‌କୋ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ନୂତନ ଅଧିକାରୀମାନଙ୍କୁ ସମ୍ବୋଧନ କରି ଓଡ଼ିଶାର ଚିତ୍ର ବଦଳାଇବାରେ ଓଡ଼ିଶା ଉଦ୍ୟୋଗିକ ଭିତିଭୂମି ବିକାଶ ନିଗମ (ଇଡ୍‌କୋ) ପ୍ରମୁଖ ଭୂମିକା ନେଇଛି ବୋଲି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ପ୍ରକାଶ କରିଥିଲେ । ଏହି ଅବସରରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଲୋକଙ୍କ ସହ କାମ କରିବା ବେଳେ ସର୍ବଦା ନମ୍ରତା ଓ ସମ୍ମାନ ପ୍ରଦର୍ଶନ ଉପରେ ଧ୍ୟାନ ଦେବା ସହ ନିଜକୁ ଅନ୍ୟଠାରୁ ଶିଖିବାରେ ପ୍ରସ୍ତୁତ ରଖିବାକୁ ହେବ। ନିଜର ମଧୁର ବ୍ୟବହାର ସରକାରଙ୍କ ଉତମ ଭାବମୂର୍ତ୍ତି ସୃଷ୍ଟି କରିବାରେ ସାହାଯ୍ୟ କରିବ । ସରକାରୀ ଅଧିକାରୀଙ୍କ ଉପରେ ଲୋକଙ୍କ ନଜର ରହିଥାଏ ତେଣୁ ଭଲକାମ କରିବାକୁ ହେବ ବୋଲି ନବନିଯୁକ୍ତ ଅଧିକାରୀମାନଙ୍କୁ ସେ ସମ୍ବୋଧିତ କରିଥିଲେ । ଇଡ୍‌କୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. କ୍ରିଷ୍ଣନ୍ କୁମାର ଏହି ଅବସରରେ ଯୁବ ଅଧିକାରୀମାନଙ୍କୁ ନିଜର ଦକ୍ଷତା ଓ ବୁଦ୍ଧିମତା ନିମନ୍ତେ ସରକାରୀ ଚାକିରୀ ପାଇଥିବା ଦର୍ଶାଇ ଦେଶ ସେବା ନିମନ୍ତେ ସୁଯୋଗ ପାଇଥିବା ଅଳ୍ପ ଲୋକଙ୍କ ମଧ୍ୟରେ ତୁମେ ରହିଛ ବୋଲି କହିଥିଲେ । ପ୍ରାରମ୍ଭରେ ଇଡ୍‌କୋର ନିର୍ବାହୀ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ମୁଖ୍ୟ ସାଧାରଣ ପରିଚାଳକ ଡ. ଗଣେଶ୍ୱର ଜେନା ଏହି ନିଯୁକ୍ତି ପ୍ରକ୍ରିୟାକୁ କିପରି ଯୁଦ୍ଧକାଳୀନ ଭିତିରେ ସଂଚାଳନ କରି ଦୀର୍ଘ ବର୍ଷ ପରେ ସ୍ୱାଧୀନ ଭାବେ ନିଗମ ଏହି ନିଯୁକ୍ତି ପ୍ରଦାନ କରିଥିବା ସୂଚାଇ ଥିଲେ। ନବ ନିଯୁକ୍ତ ଏହି ଅଧିକାରୀମାନଙ୍କୁ ଅବଗତ କାର୍ଯ୍ୟକ୍ରମରେ ସାମିଲ କରି ଇଡ୍‌କୋ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଥିବା ପ୍ରକାଶ ।

## ଖାଦ୍ୟ ନିରାପତାକୁ ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାର ପ୍ରତିବଦ୍ଧ : ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୨/୧୨ (ନି.ପ୍ର): ଓଡ଼ିଶାରେ ଖାଦ୍ୟ ନିରାପତାକୁ ସୁଦୃଢ଼ କରାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମରେ ଅନ୍ତର୍ଭୁକ୍ତ ହୋଇପାରି ନଥିବା ଗରିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟର ନିଜସ୍ୱ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି ବୋଲି ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ, ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଂଟନ ଏବଂ ବୟନଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀମାନଙ୍କ କମ୍ୟୁନିଟି କିଚେନ୍ ଯୋଜନା ସଂପର୍କିତ ବୈଠକରେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ରାଜ୍ୟ ସରକାରଙ୍କ ନିଜସ୍ୱ 'ଆହାର' ଯୋଜନାରେ ସହରାଂଚଳରେ ଆହାର କେନ୍ଦ୍ର ଖୋଲାଯାଇ ଗରିବ ଓ ଅଭାବୀ ଲୋକଙ୍କୁ ସୁଲଭ ମୂଲ୍ୟରେ ରନ୍ଧାଖାଦ୍ୟ ନିୟମିତ ଯୋଗାଇ ଦିଆଯାଇଛି । ଏଥି ସହିତ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ଆଇସିଡିଏସ୍ କେନ୍ଦ୍ର ମାଧ୍ୟମରେ ରନ୍ଧାଖାଦ୍ୟ ବିନା ମୂଲ୍ୟରେ ଦିଆଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆବଶ୍ୟକତା ଅନୁଯାୟୀ କମ୍ୟୁନିଟି କିଚେନ୍ ଖୋଲାଯାଇ ପ୍ରଭାବିତ ଲୋକମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ସମ୍ବେଦନଶୀଳ ଗୋଷ୍ଠୀ ଯେଉଁମାନଙ୍କର ରନ୍ଧାଖାଦ୍ୟ ଯୋଗାଡ଼ କରିବା ପାଇଁ ସାମର୍ଥ୍ୟ ନାହିଁ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିବା ସହିତ ଏଥି ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଗ୍ରାମାଂଚଳରେ ଅଙ୍ଗନବାଡ଼ି କେନ୍ଦ୍ର ଓ ଆଇସିଡିଏସ୍ କେନ୍ଦ୍ରଗୁଡ଼ିକରେ କମ୍ୟୁନିଟି କିଚେନ୍ ମାଧ୍ୟମରେ ଦୁଃସ୍ଥ ପିଲାମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବା ଆବଶ୍ୟକ । ଦିବ୍ୟାଙ୍ଗ ଓ ପିତୃମାତୃହୀନ ପିଲା, ଗୁରୁତର ରୋଗୀ ଯେପରି ସହଜରେ ଓ ସୁବିଧାରେ ନିୟମିତ ରନ୍ଧାଖାଦ୍ୟ ପାଇପାରିବେ ସେଥି ନିମନ୍ତେ ବିଶେଷ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିବା ସହିତ ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର କାର୍ଯ୍ୟାନ୍ୱୟନର ନିୟମାବଳୀ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶାରେ ମିଶନ ଶକ୍ତି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନସଂଗ୍ରହ, ସୁଲଭ ମୂଲ୍ୟ ଦୋକାନ ପରିଚାଳନା ଆଦି ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରୁଥିବା ଦୃଷ୍ଟିରୁ ସେମାନଙ୍କୁ ଏହି ଯୋଜନାରେ ଅଧିକ ସଂଖ୍ୟାରେ ସାମିଲ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏଥି ସହିତ କମ୍ୟୁନିଟି କିଚେନ୍ ଯୋଜନା ନିମନ୍ତେ କେନ୍ଦ୍ର ସରକାର ସଂପୂର୍ଣ୍ଣ ଆର୍ଥିକ ଭାର ବହନ କରିବା ଆବଶ୍ୟକ ଓ ଏହାର ସୁପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ହେବା ଆବଶ୍ୟକ । କର୍ପୋରେଟ୍ ହାଉସ୍‌ଗୁଡ଼ିକ କମ୍ୟୁନିଟି କିଚେନ୍ ନିମନ୍ତେ ସେମାନଙ୍କର ସିଏସ୍ଆର ପାଣ୍ଠି ବିନିଯୋଗ ଦିଗରେ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ ପ୍ରଦାନ କରିଥିଲେ । ବୈଠକର ନିଷ୍କର୍ଷ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ମଡେଲ୍ କମ୍ୟୁନିଟି କିଚେନ୍ ଯୋଜନାକୁ ରାଜ୍ୟ ସରକାର ସ୍ୱାଗତ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ବୈଠକରେ ସୁଲଭ ମୂଲ୍ୟ ଦୋକାନର ରୂପାନ୍ତରଣ ସଂପର୍କରେ ଆଲୋଚନା ହେବା ସହିତ ପୁଷ୍ଟିଯୁକ୍ତ ଚାଉଳ ଯୋଗାଣ ସଂପର୍କିତ ଡ୍ୟାସ୍ ବୋର୍ଡ ଲୋକାର୍ପଣ ହୋଇଥିଲା। ବୈଠକରେ କେନ୍ଦ୍ର ସରକାର ଖାଉଟି ବ୍ୟାପାର ଏବଂ ଖାଦ୍ୟ ଓ ସାଧାରଣ ବଂଟନ ରାଷ୍ଟ୍ରମନ୍ତ୍ରୀ ଶଅଶ୍ୱିନୀ କୁମାର ଚୌବେଙ୍କ ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଖାଦ୍ୟଯୋଗାଣ ମନ୍ତ୍ରୀ, କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଂଟନ ସଚିବ ଓ ବିଭିନ୍ନ ରାଜ୍ୟର ଖାଦ୍ୟଯୋଗାଣ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ମେଧାବୃତି ଆବେଦନ ସମୀକ୍ଷା

ଭୁବନେଶ୍ୱର ,୨୨/୧୨ (ନି.ପ୍ର): ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ୩୦ଟି ଜିଲ୍ଲାର ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କର ବିଭିନ୍ନ ବୃତି ପ୍ରଦାନ ସମ୍ପର୍କିତ ଏକ ବୈଠକ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅଧ୍ୟକ୍ଷମାନଙ୍କ ସହଯୋଗ ହେତୁ ଚଳିତ ବର୍ଷ ୧୦୦୦ ଛାତ୍ରଛାତ୍ରୀ ପଠାଣି ସାମନ୍ତ ଗଣିତ ମେଧାବୃତି ପାଇପାରିଥିବାରୁ ଶ୍ରୀ ସାହୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ମାତ୍ର ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ କନିଷ୍ଠ ମେଧାବୃତି ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ୧୦,୦୦୦ ଛାତ୍ରଛାତ୍ରୀଙ୍କୁ ପ୍ରଦାନ ପାଇଁ ସରକାରୀ ବ୍ୟବସ୍ଥା ଥିବାବେଳେ ଏଥିପାଇଁ ଗତ ୧୮.୧୧.୦୨୧ ରୁ ଆଜିସୁଦ୍ଧା ମାତ୍ର ୨୯୫୯ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବାରୁ ସଚିବ କ୍ଷୋଭ ପ୍ରକାଶ କରିଥିଲେ । ଏହି ବୃତି ପାଇଁ ଆବେଦନ ରାଜ୍ୟ ସ୍କଲାରସିପ୍ ପୋର୍ଟାଲ ମାଧ୍ୟମରେ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଯେଉଁମାନେ ୧୦ମ ଶ୍ରେଣୀ ପରୀକ୍ଷାରେ ଶତକଡା ୬୦ ପ୍ରତିଶତରୁ ଉର୍ଦ୍ଧ ନମ୍ବର ରଖିଥିବେ ଓ ପିତାମାତାଙ୍କର ବାର୍ଷିକ ଆୟ ୬ ଲକ୍ଷରୁ କମ ହୋଇଥିବ ସେମାନେ ଏହି ବୃତି ପାଇଁ ଆବେଦନ କରିପାରିବେ । ଏଥିପାଇଁ ଆବେଦନର ଶେଷ ତାରିଖ ୨୭ ଡିସେମ୍ବର ହୋଇଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଆଜି ଅପରାହ୍ନରେ ନିଜ ଜିଲ୍ଲାର ସମସ୍ତ ଓଡିଆ ଓ ଇଂରାଜୀ ମାଧ୍ୟମ ସରକାରୀ ଓ ବେସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ସହିତ ବୈଠକ କରିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପଠାଣି ସାମନ୍ତ ଗଣିତ ମେଧାବୃତି ୨୦୨୧-୨୨ ନିମନ୍ତେ ୧୦୦୦ ଛାତ୍ରଛାତ୍ରୀ ପାଇବା ପାଇଁ ବ୍ୟବସ୍ଥା ଥିବାବେଳେ ତା ୬.୧୨.୨୦୨୧ ରୁ ଆଜିସୁଦ୍ଧା ମାତ୍ର ୩୦୭ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀମାନେ ନିଜେ ଲଗଇନ୍ କରି ଦୈନିକ ଆବେଦନର ଅଗ୍ରଗତି ସମୀକ୍ଷା କରିବା ପାଇଁ ସଚିବ ପରାମର୍ଶ ଦେଇଥିଲେ । ଏହାଛଡା ଛାତ୍ରଛାତ୍ରୀମାନେ ରାଜ୍ୟସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ବୃତି ବିଷୟରେ ଜାଣିବାପାଇଁ ୱାଲ ପେଂଟିଙ୍ଗ ଓ ହୋର୍ଡିଂ ଆଦି ଲଗାଇ ସଚେତନତା ସୃଷ୍ଟିକରିବା ପାଇଁ ସଚିବ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ଓ ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନଂଦ, ସମସ୍ତ ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

## ସରକାରଙ୍କ ହାତରେ ବାଂଟି, ଭୋଟ ନେବା ଷଡଯନ୍ତ୍ର ବିଫଳ ହେବ : ବିଜେପି

ଭୁବନେଶ୍ୱର,୨୨/୧୨ (ନି.ପ୍ର): ଉଭୟ ବିଏସକେୱାଇ ଯୋଜନା ଏବଂ ସ୍ୱାସ୍ଥ୍ୟ ସ୍ମାର୍ଟ କେବଳ ନିର୍ବାଚନୀ ଧୂଆଁ ବାଣ ଏବଂ ବାସ୍ତବରେ ଏହି ଯୋଜନାରେ କୌଣସି ଗରୀବ ରୋଗୀ ଲାଭାନ୍ୱିତ ହେବେ ନାହିଁ। ସାଧାରଣ ଲୋକଙ୍କ ମନରେ ଏହାକୁ ନେଇ କ୍ଷୋଭ ପ୍ରକାଶ ପାଇଛି । ପଂଚାୟତ ନିର୍ବାଚନ ଆଚରଣ ବିଧି ଲାଗୁ ହେବାକୁ ଯାଉଛି । ଏହି ସମୟରେ ହିତାଧିକାରୀମାନଙ୍କ ବ୍ୟାଂକ ଆକାଉଂଟକୁ ଟଙ୍କା ନ ପଠାଇ ଅଧିକାରୀମାନଙ୍କ ଜରିଆରେ ହିତାଧିକାରୀମାନଙ୍କ ହାତରେ ନଗଦ ଟଙ୍କା ପ୍ରଦାନ କରି ପଂଚାୟତ ନିର୍ବାଚନକୁ ପ୍ରଭାବିତ କରିବାର ହୀନ ପ୍ରୟାସ ଶାସକ ବିଜେଡି କରିଛି। କୋଭିଡ୍ ସହାୟତା ପାଇଁ କେନ୍ଦ୍ର ସରକାର ରାଷ୍ଟ୍ରୀୟ ଜୀବିକା ମିଶନରେ ପଠାଇଥିବା ପର୍ଯ୍ୟାପ୍ତ ପରିମାଣର ସହାୟତା ଟଙ୍କାକୁ ହଡପ୍ ଓ ଚଂଚକତା କରି ସେହି ଅର୍ଥକୁ ସଠିକ ସମୟରେ ନଦେଇ ବର୍ତ୍ତମାନ ନିର୍ବାଚନ ପରିପ୍ରେକ୍ଷୀରେ ଭୋଟ ଆପାଣାଇବା ପାଇଁ ଦଳୀୟ ଭିତିରେ ଟଙ୍କା ବାଂଟୁଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । ଆଗାମୀ ପଂଚାୟତ ନିର୍ବାଚନରେ ଦୁର୍ନୀତି ଓ ଭ୍ରଷ୍ଟାଚାରୀ ଶାସକ ବିଜେଡି ସପକ୍ଷରେ ଓଡିଶାବାସି ଭୋଟ ଦେବେ ନାହିଁ ବୋଲି ଭଲ ଭାବେ ଜାଣିସାରିଛନ୍ତି । ତେଣୁ ନିର୍ବାଚନକୁ ପ୍ରଭାବିତ କରି ଭୋଟ ହାତେଇବା ପାଇଁ ଶାସକ ବିଜେଡି ନିର୍ବାଚନ ପୂର୍ବରୁ ଟଙ୍କା ବାଂଟିବାର ଉଦ୍ୟମ ଆରମ୍ଭ କରିଦେଇଛି । ଏପରିକି ପଂଚାୟତ ନିର୍ବାଚନ ଚାଲୁଥିବା ସମୟରେ ମଧ୍ୟ ଏହି ଟଙ୍କାକୁ ବଂଟନ କରି ଭୋଟ ହାତେଇବାର ଅତ୍ୟନ୍ତ ହୀନ ଷଡଯନ୍ତ୍ର ଶାସକ ବିଜେଡି ତରଫରୁ କରାଯାଉଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ଗାଁ ଗାଁରେ ସୁଶାସନ ଦିବସ ପାଳିବ ବିଜେପି

ଭୁବନେଶ୍ୱର,୨୨/୧୨ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନ ଡିସେମ୍ବର ୨୫କୁ ପ୍ରତି ବର୍ଷ "ସୁଶାସନ ଦିବସ" ଭାବେ ପାଳନ କରାଯାଉଛି । ଚଳିତ ବର୍ଷ ବିଜେପି ତରଫରୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲା, ଉପଖଣ୍ଡ, ବ୍ଲକ ଏବଂ ପଂଚାୟତ ସ୍ତରରେ "ସୁଶାସନ ଦିବସ" ପାଳନ କରାଯିବ । ଏହି ଅବସରରେ ବିଜେପି କାର୍ଯ୍ୟକର୍ତାମାନେ ଗାଁ ଗାଁ ବୁଲି ମୋଦି ସରକାରଙ୍କ ସୁଶାସନ ଏବଂ ରାଜ୍ୟ ସରକାରଙ୍କ କୁଶାସନ ସଂପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବେ ବୋଲି ସୁଶାସନ ଓ କେନ୍ଦ୍ର ରାଜ୍ୟ ସଂପର୍କ ବିଭାଗର ରାଜ୍ୟ ସଂଯୋଜକ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି ।

## ଜୈନ ଦର୍ଶନ : ମନନ ଓ ମୀମାଂସା ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ

ଭୁବନେଶ୍ୱର,୨୨/୧୨ (ନି.ପ୍ର): ଭାରତୀୟ ଚିଂତନ , ମନନ, ଦର୍ଶନ ଓ ଜୀବନଶୈଳୀରେ ଜୈନ ଦର୍ଶନର ବିଶେଷ ପ୍ରଭାବ ରହିଛି । ଆଚାର୍ଯ୍ୟ ମହାପ୍ରଜ୍ଞ ବିଶ୍ୱର ଜଣେ ପ୍ରଖ୍ୟାତ ଦାର୍ଶନିକ ଓ ଜୈନ ଦର୍ଶନର ବ୍ୟାଖାକାର । ସେ ସାମ୍ପ୍ରତିକ ଜୀବନଚର୍ଯ୍ୟାକୁ ପରିଚ୍ଛନ୍ନ ଓ ପରିପୁଷ୍ଟ କରିବା ପାଇଁ ଯେଉଁ ବିଚାରଧାରା ପ୍ରସ୍ତୃତ କରିଛନ୍ତି ତାହା ସମସ୍ତଙ୍କର କାମ୍ୟ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ମଙ୍ଗଳବାର ରାଜଭବନରେ ଆଚାର୍ଯ୍ୟ ମହାପ୍ରଜ୍ଞଙ୍କ " ଜୈନ୍ ଦର୍ଶନ : ମନନ ଓ ମୀମାଂସା"ର ଓଡ଼ିଆ ଅନୁବାଦକୁ ଲୋକାର୍ପଣ କରି ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ, ଅସ୍ତିତ୍ୱ ଓ ଆକାଂକ୍ଷା ମଧ୍ୟରେ ଦୋଳାୟମାନ ମଣିଷ ପାଇଁ ସୁଗମ ମାର୍ଗ ରହିଛି ଜୈନ ଦର୍ଶନରେ । ପୁସ୍ତକର ଅନୁବାଦକ ତୁଳସୀ ଜୈନ ପୁସ୍ତକ ଅନୁବାଦର ପୃଷ୍ଠଭୂମି ଓ ପ୍ରେରଣା ସମ୍ପର୍କରେ ସୂଚନା ଦେଇଥିଲେ । ବିଶିଷ୍ଟ ଲେଖକ ଶଶୀଭୂଷଣ ରଥ ଗ୍ରନ୍ଥ ସମୀକ୍ଷା କରି ଏହା ଓଡ଼ିଆ ଆଧାତ୍ମିକ ସାହିତ୍ୟକୁ ବିଶେଷ ପ୍ରରିପୁଷ୍ଟ କରିବ ବୋଲି କହିଥିଲେ ।

## 'ପରିଶ୍ରମ ପୋର୍ଟାଲ' ଲୋକାର୍ପିତ : ଦାଖଲ ହେଲାଣି ୧୧,୮୫୪ ଦରଖାସ୍ତ

ଭୁବନେଶ୍ୱର,୨୨/୧୨ (ନି.ପ୍ର): ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବିଭାଗର 'ପରିଶ୍ରମ ପୋର୍ଟାଲ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୧୭ତାରିଖରେ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଶ୍ରମ ଆଇନ ଅଧୀନ ୫୨ଟି ସେବାକୁ ସଂପୂର୍ଣ୍ଣ ସ୍ୱୟଂଚାଳିତ ପ୍ରକ୍ରିୟାରେ ଜନସାଧାରଣଙ୍କୁ ସହଜ ଓ ସରଳ ଉପାୟରେ ଯୋଗାଇବା ଉଦ୍ଦେଶ୍ୟରେ ପରିଶ୍ରମ ପୋର୍ଟାଲର ପରିକଳ୍ପନା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ପୋର୍ଟାଲ ଅଧୀନରେ ୨୨ଟି ସେବା ଅନଲାଇନ୍ ଜରିଆରେ ଉପଲବ୍ଧ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଜି ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଆଉ ୩୦ଟି ସେବାର ଲୋକାର୍ପଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫ଟି ବିଭିନ୍ନ ଶ୍ରମ ଆଇନ ଅଧୀନରେ ୨୨ଟି ସେବା ଯୋଗାଇ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୬ଟି ଶ୍ରମ ଆଇନ ଓ ୨ଟି ନୂତନ ଯୋଜନା ଅଧୀନରେ ୩୦ଟି ସେବାର ଅନଲାଇନ୍ ଆବେଦନ ତଥା ଅନୁମୋଦନ ପାଇଁ ବ୍ୟବସ୍ଥା କରାଯାଇଛି।

## ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୮୩ ଜଣ ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୨/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୮୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୦ରୁ ୧୮ ବର୍ଷ ମଧ୍ୟରେ ୩୦ ଜଣ ଥିବାବେଳେ ସଙ୍ଗରୋଧରୁ ୧୦୮ ଜଣ ଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୭୫ ଜଣ ଚିହ୍ନଟ ହୋଇଛନ୍ତି । ସମୁଦାୟ ଚିହ୍ନଟ ହୋଇଥିବା ପଜିଟିଭଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ୯୯ଜଣ, କଟକରୁ ୧୩ଜଣ, ଦେବଗଡରୁ ୮ଜଣ, ଷ୍ଟେଟ ପୁଲରୁ ୨୩ଜଣ, ଜଗତସିଂହପୁରରୁ ୫ଜଣ, ସୁନ୍ଦରଗଡ଼ରୁ ୬ଜଣ, ସମ୍ବଲପୁରରୁ ୭ଜଣ, ନୟାଗଡ଼ରୁ ୪ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଏହି ପଜିଟିଭଙ୍କ ସଂଖ୍ୟାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୫୩ ହଜାର ୩୪୯ରେ ପହଞ୍ଚିଥିବାବେଳେ ୧୦ ଲକ୍ଷ ୪୩ ହଜାର ୪୫ ଜଣ ସୁସ୍ଥ ହୋଇଛନ୍ତି ।

## ବିଜେପିର ମିଶ୍ରଣ ପର୍ବ : ବିଜେଡି ଛାଡ଼ି ବିଜେପିରେ ମିଶିଲେ ରାଧାକିଶୋରପୁର ସରପଂଚ

ନୀଳଗିରି, ୨୨/୧୨ (ନି.ପ୍ର): ଆଜି ରାଧାକିଶୋରପୁର ପଂଚାୟତର ବିଜେଡି ସରପଂଚ ରୀତା ସିଂ ବିଜେଡି ଦଳ ଛାଡ଼ି ବିଜେପିରେ ମିଶିଛନ୍ତି । ବିଜେପି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଏବଂ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ମିଶିଥିବାର ସରପଂଚ ରୀତା ସିଂ ପ୍ରକାଶ କରିଛନ୍ତି । କାଂଶ ଛକ ଠାରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ରୀତା ସିଂ ସମେତ ଅନ୍ୟ ପଂଚାୟତର କର୍ମୀମାନେ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି । କାଂଶ ପଂଚାୟତର ବଳରାମ ଜେନା, ରବିନ୍ଦ୍ର ଜେନା, ଗଜେନ୍ଦ୍ର ଜେନା, ଚନ୍ଦ୍ରମୋହନ ଜେନା, ତପନ ଜେନା, ପ୍ରଦୀପ ଜେନା ଏବଂ ନରସିଂହପୁର ପଂଚାୟତର ମାନସ ପାତ୍ର, ସୁଜିତ ନାୟକ, ରତି ସିଂ, ନରେଶ ସିଂ, ଦୀନବନ୍ଧୁ ସିଂ ପ୍ରମୁଖ ବିଜେପି ଦଳରେ ସାମିଲ ହୋଇଛନ୍ତି । ମାନ୍ୟବର ବିଧାୟକ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ଏହି ମିଶ୍ରଣ ପର୍ବରେ ଗଙ୍ଗାଧର ମିଶ୍ର, ଚିତରଂଜନ ରାଉତ, ତାପସ ମହାନ୍ତି, ମୁନା ମୁଦୁଲି , ଶୁଭାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମିଶ୍ରଣ ପର୍ବରେ ପାଖାପାଖି ୫୦୦ ଲୋକ ଉପସ୍ଥିତ ଥିବା ଦେଖିବାକୁ ମିଳିଛି ।

## କାର୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ, ଜଣେ ଗୁରୁତର

ଖୋର୍ଦ୍ଧା, ୨୨/୧୨ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥ ଚଣ୍ଡେଶ୍ୱର ଛକରେ ଆଜି ଅପରାହ୍ନରେ ଘଟିଛି ଦୁର୍ଘଟଣା । କାର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ କାର୍ ଚାଳକ ଜଣକ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତ ଜଣକ ହେଉଛନ୍ତି ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଅଧିନସ୍ଥ ମୟୁରଝୁଲିଆ ଗ୍ରାମର ବୋଲି ଜଣାପଡିଛି । ଦୁର୍ଘଟଣାରେ ମୃତକ ଜଣକର ପରିଚୟ ମିଳିପାରିନାହିଁ । ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଟାଙ୍ଗୀ ମେଡିକାଲରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି ।

# ଭଦ୍ରକ ବ୍ଲକର ତ୍ରୟୋଦଶ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ



ଭଦ୍ରକ,୨୨/୧୨ (ନି.ପ୍ର): ଭଦ୍ରକ ପଞ୍ଚାୟତ ସମିତିର ଅଧକ୍ଷ ରଘୁନାଥ ଧଳଙ୍କ ପୌରହିତ୍ୟରେ ଜିଲ୍ଲା ସଂସ୍କୃତି ଭବନରେ ଆଜି ଭଦ୍ରକ ବ୍ଲକର ତ୍ରୟୋଦଶ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଲୋକସଭା ସଦସ୍ୟା ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଅତିଥି ଭାବରେ ଏହି ବୈଠକରେ ଯୋଗ ଦେଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ବେହେରାଙ୍କ ପରିଚାଳନାରେ ଆୟୋଜିତ ଏହି ବୈଠକରେ ଅନ୍ୟତମ ଅତିଥିଭାବେ ବ୍ଲକର ଉପାଧକ୍ଷା ଜ୍ୟୋସ୍ନାମଞ୍ଜରୀ ରାଉତ, ଭଦ୍ରକ ପଞ୍ଚାୟତ ସମିତି ଅନ୍ତର୍ଗତ ୩ଟି ଜିଲ୍ଲା ପରିଷଦର ସଦସ୍ୟ କ୍ଷୀରୋଦ ରାଉତ, ସରୋଜ ନାୟକ ଏବଂ ସୁକାନ୍ତୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସଂପ୍ରଶାରଣ ଅଧିକାରୀ ଅଜୟ କୁମାର ଦାସଙ୍କ ଦ୍ୱାରା ଗତ ୨୯.୦୬.୨୦୨୧ ରେ ଆଭାଷି ଜରିଆରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତ ସମିତିର ଦ୍ୱାଦଶ ଅଧିବେଶନର ବିବରଣୀ ଉପସ୍ଥାପନ କ୍ରମେ ତାହା ବୈଠକରେ ଅନୁମୋଦନ ଲାଭ କରିଥିଲା । ବିଶେଷକରି ଏହି ବୈଠକ ସମିତିର ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ଅନ୍ତିମ ବୈଠକ ହୋଇଥିବାରୁ ଏଥିରେ ଅତିଥି ଓ ସଦସ୍ୟ ମାନଙ୍କର ବକ୍ତବ୍ୟରେ ଭାବପ୍ରବଣତା ପ୍ରକାଶ ପାଇଥିଲା । ବୈଠକରେ ଉପସ୍ଥିତ ସରପଞ୍ଚ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ସଦସ୍ୟ ମାନଙ୍କର ଅକୁଣ୍ଠ ସହଯୋଗ ପାଇଁ ବିଧାୟକ ସମସ୍ତଙ୍କୁ ପ୍ରସଂଶା କରିବା ସହିତ ଆଗାମୀ ଦିନରେ ପଦପଦବୀରେ ରୁହନ୍ତୁ ବା ନରୁହନ୍ତୁ ଲୋକଙ୍କ ସେବାରୁ ବିରତ ନହେବା ପାଇଁ ପରାମର୍ଶ ଦେଇଥିଲେ । ଶେଷରେ ବିଧାୟକ ଗତ କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ବିଭିନ୍ନ ସହାୟତା ପ୍ରଦାନ ବାବଦରେ ସୂଚନା ଦେବା ପରିପ୍ରେକ୍ଷୀରେ କହିଥିଲେ ଭଦ୍ରକ ନିର୍ବାଚନ ମଣ୍ଡଳୀରେ ଥିବା ସମୁଦାୟ ୨୦,୯୪୩ ଜଣ ବିଜୁ ପକ୍କାଘର ହିତାଧିକାରୀଙ୍କୁ ଘର ମରାମତି ଓ ରଙ୍ଗ ପାଇଁ ଘରପିଛା ୩,୦୦୦/- ଟଙ୍କା, ଗୃହ ନିର୍ମାଣ ସହାୟତା ପାଇବା ପାଇଁ ଚିହ୍ନିତ ଯୋଗ୍ୟ ପରିବାର ପିଛା ୫,୦୦୦/- ଟଙ୍କା ଏବଂ ୪୬,୨୪୪ ଜଣ ରାସନ୍ କାର୍ଡଧାରୀ ମାନଙ୍କୁ ୧,୦୦୦/- ଲେଖାଏଁ ଟଙ୍କା ଏକାଉଁଟ ଜରିଆରେ ପ୍ରଦାନ କରାଯିବ ।

## ଏକ୍ସ-କେଡ଼ାର ଶିକ୍ଷକ ସଂଘର ଜିଲ୍ଲା ସ୍ତରୀୟ ବୈଠକ ଓ କର୍ମକର୍ତ୍ତା ଚୟନ



ବାରିପଦା, ୨୨/୧୨ (ନି.ପ୍ର): ଜିଲ୍ଲା ଲେଭୁଲ ୫ ଏକ୍ସ-କେଡ଼ାର ଶିକ୍ଷକ ସଂଘର ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ଅବସର ପ୍ରାପ୍ତ କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ପ୍ରତି ଜିଲ୍ଲାସ୍ତରରେ ନେତୃତ୍ୱରେ ସ୍ଥାଣୁ ଅବସ୍ଥା ପରିଲକ୍ଷିତ କରି ସମସ୍ତ ୨୬ଟି ବ୍ଲକର ସଭାପତି, ସମ୍ପାଦକ ତଥା ବରିଷ୍ଠ ଶିକ୍ଷକ ମାନଙ୍କ ଉପସ୍ଥିତିରେ ଓ ବଡ଼ସାହି ବ୍ଲକ ସଂଘର ସଭାପତି ବିଭାକର ଲେଙ୍କାଙ୍କ ସଭାପତିତ୍ୱରେ ଜିଲ୍ଲା ଲେଭୁଲ ୫ ଏକ୍ସ-କେଡାର ଶିକ୍ଷକ ସଂଘର କର୍ମକର୍ତା ଗଣତାନ୍ତ୍ରିକ ପଦ୍ଧତିରେ ସର୍ବସମ୍ମତି କ୍ରମେ ନିର୍ବାଚନ ହୋଇଯାଇଅଛି । ସଂଘର ସଭାପତି ଭାବେ ଛବିଲତା ବାରିକ ଉପସଭାପତି ଦୀପକ କୁମାର ସାହୁ, ସମ୍ପାଦକ ବିଭାକର ଲେଙ୍କା, ସହସଂପାଦକ ଜଗନ୍ନାଥ ବେହେରା, ସତ୍ୟବାନ ସେନାପତି, କୋଷାଧକ ରଣଜିତ ମହାନ୍ତ, ସାଙ୍ଗଠନିକ ସମ୍ପାଦକ ସୁଶୀଲ କୁମାର ନାଏକ, ଉଦୟ କୁମାର ମାହାନା, ଦୁର୍ଯ୍ୟୋଧନ ମହାନ୍ତି, ନିରଞ୍ଜନ ଗିରି ଓ ଅରୁଣ କୁମାର ଆରୁଖ ପ୍ରମୁଖ କାର୍ଯ୍ୟକାରୀ ସଭାପତି ଜୟନ୍ତ ବେହେରା ଓ ଚିତରଞ୍ଜନ ଭଞ୍ଜ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସମ୍ପାଦକ କୃପାସିନ୍ଧୁ ମହାନ୍ତି ଓ ମିଡିଆ ସଂଯୋଜକ ଭାବେ ଯୁଗଳ କିଶୋର ପଲେଇ ମନୋନୀତ ହୋଇଛନ୍ତି । ସଂଘର ବରିଷ୍ଠ ଶିକ୍ଷକ ସର୍ବଶ୍ରୀ ସୁବାସ ଚନ୍ଦ୍ର ଜ୍ୟୋତିଷୀ, ସଞ୍ଜୟ କୁମାର ବେହେରା, ଦୈତାରୀ ସିଂ, ନରେଶ ଗିରି, ସଂଜୀବ କୁମାର ପାତ୍ର, ବିରାମ ମଣ୍ଡଳ, ମନୋରଞ୍ଜନ ସେନାପତି ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ । ସର୍ବଶେଷରେ ବରିଷ୍ଠ ଶିକ୍ଷକ କରୁଣାକର ବାରିକ ଆୟୋଜକଙ୍କ ଏଭଳି ଏକ ମହାନ ଉଦ୍ଦେଶ୍ୟକୁ ଓ ନବଗଠିତ ସଂଗଠନର ସମସ୍ତ କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଥିଲେ ।

## ରାଜ୍ୟରେ କରୋନାରେ ଆଉ ୧ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୮୪୪୭ ହେଲା

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୪୭ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦ୍ରାପଡା ଜିଲ୍ଲାରେ ୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କେନ୍ଦ୍ରାପଡା ଜିଲ୍ଲାରେ ଜଣେ ୫୯ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ଖୋର୍ଦ୍ଧା ପାଇକ ସଂଗଠନର ଓଡ଼ିଶା ରଜ୍ୟପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା, ୨୨/୧୨ (ନି.ପ୍ର): ଖୋର୍ଦ୍ଧା ପାଇକ ସଂଘଠନ ଏକ ପାଞ୍ଚଜଣିଆ ପ୍ରତିନିଧି ଆଜି ୨୨.୧୨.୨୦୨୧ ରେ ଏକତ୍ର ଯାଇ ମହାମହିମ ରାଜ୍ୟପାଳ ମାନ୍ୟବର ଶ୍ରୀଯୁକ୍ତ ଗଣେଶ ଲାଲଙ୍କୁ ଏକ ଦାବିପତ୍ର ଭାରତ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ସଂସ୍କୃତି ମନ୍ତ୍ରୀ ତାଙ୍କ ଅଭିଭାଷଣ କହିଛନ୍ତି ଏହି ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନ ନୁହେଁ । ଏହା ଓଡ଼ିଶା ପାଇକଙ୍କ ପାଇଁ ଏକ ଅପମାନ ସୂଚକ । ବିଶେଷ ଖୋର୍ଦ୍ଧା ପାଇକ ସମାଜ ପାଇଁ ଏକ ଆହ୍ୱାନ । ବରୁଣାଇ ପାହାଡ ତଳେ ୧୦ ଏକର ଜମି ଉପରେ ଭାରତ ରାଷ୍ଟ୍ରପତି ମାନ୍ୟବର ଶ୍ରୀଯୁକ୍ତ ରାମନାଥ କୋବିନ୍ଦ ଏକ ପାଇକ ସ୍ମାରକ ପାଇଁ ଭିତ୍ତି ପ୍ରସ୍ତରର ଶୁଭ ଦେଇଥିଲେ । ଓଡ଼ିଶା ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀ ନବୀନ ପଟ୍ଟନାୟକ ଭାରତ ସରକାରଙ୍କୁ ସାଧୁବାଦ ଜଣାଇ ଅଛନ୍ତି । ଏହି ପାଞ୍ଚ ଜଣିଆ ସଂଗଠନରେ ଖୋର୍ଦ୍ଧା ପାଇକ ଆବାହକ ଶ୍ରୀଯୁକ୍ତ ନରେନ୍ଦ୍ର ପୃଷ୍ଟି, ଶ୍ରୀଯୁକ୍ତ ଡକ୍ଟର ପ୍ରକାଶ ଶ୍ରୀଚନ୍ଦନ ସଭାପତି, ଡକ୍ଟର ଦିଲିପୀ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ଖୋର୍ଦ୍ଧା , ସାଧାରଣ ସମ୍ପାଦକ । ଶ୍ରୀଯୁକ୍ତ ରବି ପରିଡା ଐତିହାସିକ, ଖୋର୍ଦ୍ଧା, ପାଇକ ସଂଗଠନ ଓ ଉପଦେଷ୍ଟା ଜଟଣୀ ବିଧାୟକ ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ ଯାଇ ରାଜ ଭବନରେ ରାଜ୍ୟପାଳଙ୍କୁ ଦେଖାକରି ଦାବୀ ପତ୍ର ପ୍ରଦାନ କରିଥିଲେ ।

## ୭୫ ହଜାର ପିଲା ଏକାଠି ଗାୟନ କଲେ ବଂଦେମାତରମ୍

ଲକ୍ଷ୍ନୌ, ୨୨/୧୨: ସ୍ୱାଧୀନତାର ୭୫ ବର୍ଷ ଅବସରରେ ଗୁରୁବାର ଦିନ ରାଜଧାନୀ ଲକ୍ଷ୍ନୌ ରେ କେ ଡି ଏସ୍ ସିଂହ ବାବୁ ଷ୍ଟାଡିୟମ୍‌ରେ ୭୫ ସ୍କୁଲ୍‌ର ୭୫ ହଜାର ପିଲା ଏକା ସଂାଗରେ ସମବେତ କଂଣ୍ଠରେ ବଂଦେମାତରମ୍ ଗାୟନ କରି ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହିଥିଲେ ଉତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । କାର୍ଯ୍ୟକ୍ରମର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଓ ସ୍ୱୟଂସେବକ ସଂଘର ଅବଧ ପ୍ରାନ୍ତର ପ୍ରାନ୍ତ ପ୍ରଚାରକ ଦୀପ ପ୍ରଜ୍ୱଳନ କରିଛନ୍ତି ।

## ମହାପାତ୍ର ନୀଳମଣି ସାହୁଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨/୧୨(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ଔପନ୍ୟାସିକ, ଗାଳ୍ପିକ ତଥା ପ୍ରାବନ୍ଧିକ ମହାପାତ୍ର ନୀଳମଣି ସାହୁଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି । 'ଅଭିଶପ୍ତ ଗନ୍ଧର୍ବ', 'ଆକାଶ ପାତାଳ' ଭଳି ତାଙ୍କ କାଳଜୟୀ ସୃଜନସୃଷ୍ଟିରେ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ । ବାସ୍ତବବାଦୀ ରଚନା ସହ ଓଡ଼ିଆ ସାହିତ୍ୟ ପ୍ରତି ନିଜ ଅତୁଳନୀୟ ଅବଦାନ ପାଇଁ ସେ ଚିରସ୍ମରଣୀୟ ରହିବେ ।


## ବିକାଶ ପଥେ

## ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ,ନୀଳଗିରି

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶ ସୁସ୍ଥ ରଖନ୍ତୁ ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜବୁତ୍ କରନ୍ତୁ ।
୩. ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
୪. ରାସ୍ତା କଡ଼ ଓ ନାଳ ଉପରେ କ୍ୟାବିନ୍ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଗୃହପାଳିତ ପଶୁ ଯଥା :- ଗାଈ, ଗୋରୁ , ଛେଳି, ମେଣ୍ଢାମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ । ନଚେତ୍ କାଂଜିଆ ହୁଦାକୁ ଅଯଥା ଜୋରିମାନା ଦେବାକୁ ପଡ଼ିବ ।
୬. ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନ ପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
୭. ଘରେ ରୁହନ୍ତୁ, ସୁସ୍ଥ ରୁହନ୍ତୁ, ଅଯଥାରେ ଘରୁ ବାହାରନ୍ତୁ ନାହିଁ, ସାମାଜିକ ଦୂରତା ଅବଲମ୍ବନ କରନ୍ତୁ । ମାସ୍କ ପିନ୍ଧନ୍ତୁ, ସର୍ବ ସାଧାରଣ ସ୍ଥାନରେ ଛେପ ପକାନ୍ତୁ ନାହିଁ । ନିଜେ କରୋନା ଠାରୁ ସୁରକ୍ଷିତ ରୁହନ୍ତୁ, ଅନ୍ୟକୁ ସୁରକ୍ଷିତ ରହିବାରେ ସହଯୋଗ କରନ୍ତୁ ।

ନିର୍ବାହୀ ଅଧିକାରୀ
ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ

ଉପଜିଲ୍ଲାପାଳ-ତଥା ପ୍ରଶାସକ,
ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ


## ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ହେଲେ ଅଖିଳ କୁମାର ମିଶ୍ର




ଭୁବନେଶ୍ୱର,୨୨/୧୨(ନି.ପ୍ର): ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ଶ୍ରୀ ଅଖିଳ କୁମାର ମିଶ୍ର କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ (ଆରଓବି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ଆକାଶବାଣୀ, ଦୂରଦର୍ଶନ, ଫିଲ୍ମ ସେନ୍ସର ବୋର୍ଡ ଓ ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରି ପ୍ରଶଂସିତ ହୋଇଛନ୍ତି । ସେ ଜଣେ ପ୍ରତିଷ୍ଠିତ କବି ଭାବରେ ସୁପରିଚିତ ଓ ତାଙ୍କର ଅନେକ କାବ୍ୟକୃତି ପାଠକୀୟ ଆଦୃତି ଲାଭ କରିଛି ।

## ଚାଷ କ୍ଷୟକ୍ଷତିର ସହାୟତା ପାଇଁ ବିଧାୟକଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୨୨/୧୨ (ନି.ପ୍ର): ଜୱାଦ ବାତ୍ୟାରେ ବ୍ୟାପକ ପରିମାଣରେ କ୍ଷତି ହୋଇଥିବା ଜିଲ୍ଲାର ବିଭିନ୍ନ ପଂଚାୟତରେ ଚାଷୀମାନେ ନିରାଶ ହୋଇ ପଡିଛନ୍ତି । ଏନେଇ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ପଂଚାୟତ କୋରୁଆ ଗ୍ରାମର ଶତାଧିକ ଚାଷୀ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରାଙ୍କୁ ଭେଟି ଚାଷୀମାନଙ୍କୁ କ୍ଷୟକ୍ଷତି ଦେବା ସହ ବଳକା ଧାନକୁ ମଣ୍ଡିରେ ବିକିବା ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଅନନ୍ତ ଚରଣ ସେଠୀ, ଉମେଶ ଚନ୍ଦ୍ର ସାହୁ, ଅଚ୍ୟୁତି ଲେଙ୍କା, ଡମ୍ବରୁଧର ସାହୁ, ଯୋଗେନ୍ଦ୍ର ସାହୁ, ଦାମୋଦର ସାହୁ, ପ୍ରଭାତ କୁମାର ସାହୁ ପ୍ରମୁଖ ଦାବି କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ....

ଜରିଆରେ ବିଜେପିର ସାଂସଦମାନେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଚାଷୀଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ନିରନ୍ତର ଉଦ୍ୟମ ଜାରୀ ରଖିଛନ୍ତି । ସଠିକ୍ ସମୟରେ ଚାଷୀଙ୍କ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କିଣା ହେବା, ଠିକ୍ ସମୟରେ ଚାଷୀଙ୍କୁ ସେମାନଙ୍କ ବିକ୍ରି ଟଙ୍କା ମିଳିବା ନେଇ ସୁନିଶ୍ଚିତ କରାଯାଇଛି । ଭାରତ ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଂଟନ ବିଭାଗ (ଡ଼ିଏଫପିଡ଼ି) ବିକେନ୍ଦ୍ରୀକରଣ ସଂଗ୍ରହ ପ୍ରକ୍ରିୟା ସ୍ଥାନୀୟ ଧାନ କିଣାକୁ ପ୍ରୋତ୍ସାହିତ କରୁଛି । ଯାହ ଦ୍ୱାରା ସ୍ଥାନୀୟ ଚାଷୀମାନେ ଏମଏସପି ଦ୍ୱାରା ଲାଭବାନ ହେଉଛନ୍ତି । ମାତ୍ର ଓଡ଼ିଶାରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଓଡିଶାର ଓଡିଶାର ଚାଷୀଙ୍କ କଷ୍ଟକୁ ବଢ଼ାଇ ଦେଇଛି । ଧାନ କିଣାରେ ଅବ୍ୟବସ୍ଥା ଏବଂ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ନେଇ ବିଜେପି ଦଳର ସାଂସଦମାନେ ଚଳିତବର୍ଷ ମାର୍ଚ୍ଚ ୧୬ରେ ରାଜ୍ୟରେ ଖାଉଟି ବ୍ୟାପାର ଏବଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲେ । ଏହା ପରେ ବିଭାଗୀୟ ମନ୍ତ୍ରଣାଳୟ ପକ୍ଷରୁ ଅତିରିକ୍ତ ସଚିବଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଧାନ କିଣା ବ୍ୟବସ୍ଥା ନେଇ ତଦନ୍ତ କରାଯାଇଥିଲା । ଓଡ଼ିଶାରେ ଧାନ ସଂଗ୍ରହ ପ୍ରକ୍ରିୟା, ପ୍ରଚଳିତ ବ୍ୟବସ୍ଥା ଏବଂ ବିଭିନ୍ନ ସମସ୍ୟା ନେଇ ଚଳିତବର୍ଷ ମାର୍ଚ୍ଚ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ତଦନ୍ତକାରୀ ଦଳ ପକ୍ଷରୁ ବିଭିନ୍ନ ଜିଲ୍ଲା ପ୍ରଦର୍ଶନ କରାଯାଇଥିଲା ଏବଂ ତଦନ୍ତକାରୀ ଦଳ ଦ୍ୱାରା ଚାଷୀଙ୍କ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାରଙ୍କୁ କିଛି ସୁପାରିଶ ସହ ପରାମର୍ଶ ଦିଆଯାଇଥିଲା ।ମାତ୍ର ଏହି ପରାମର୍ଶକୁ ରାଜ୍ୟ ସରକାର ଅଣଦେଖା କରିଥିବା ବେଳେ ଏହାକୁ ପାଳନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ଗୋୟଲଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି । ଏହା ଦ୍ୱାରା ରାଜ୍ୟର ଲକ୍ଷାଧିକ ଚାଷୀ ଲାଭବାନ ହୋଇପାରିବେ । କେନ୍ଦ୍ରୀୟ ତଦନ୍ତକାରୀ ଦଳ ପକ୍ଷରୁ ଦର୍ଶାଯାଇଥିବା ରିପୋର୍ଟରେ ଓଡିଶାରେ ଧାନ କ୍ରୟ ପରିଚାଳନା ବିଷୟରେ ଆରଏମସି, ପିଏସିଏସ ଓ ପିପିସିରେ ଧାନ କିଣାରେ ଥିବା ଅବ୍ୟବସ୍ଥା, ଦୁର୍ନୀତି ଓ ଠକାମୀକୁ ଇଙ୍ଗିତ କରୁଛି । ଏହି ରିପୋର୍ଟରେ ଓଡିଶାର ଧାନ କିଣା ପରିଚାଳନାରେ ଅନେକ ତ୍ରୁଟି ଦର୍ଶାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଧାନ କିଣିବା ସମୟ ସୀମାକୁ ସମସ୍ତ ଆରଏମସି ଗୁଡ଼ିକରେ କମାଇ ଦିଆଯାଉଛି । ଯଦ୍ୱାରା କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଚାଷୀମାନେ ହତାଶ ହୋଇଯାଉଛନ୍ତି । ଧାନ କିଣିବା ସମୟକୁ ନିର୍ଦ୍ଧାରିତ କରାଯିବା ଫଳରେ ଚାଷୀମାନେ ମଣ୍ଡିକୁ ନିଜ ଫସଲକୁ ଆଣି ବିକ୍ରି କରି ଅର୍ଥ ଉପାର୍ଜନ କରିବାରେ ବିଫଳ ହେଉଛନ୍ତି । ସରକାରୀ ସ୍ତରରେ ଧାନ କିଣିବା ପାଇଁ ୧୫୧ ଦିନର ସମୟ ସୀମା ଥିବାବେଳେ ଅନେକ ଆରଏମସିରେ ସମୟ ସୀମା ମାତ୍ର ୪୦ରୁ ୪୩ ଦିନ ମଧ୍ୟରେ ଥିଲା ବୋଲି ଦେଖାଯାଇଥିଲା । ପିଏମସି କିମ୍ବା ପିପିସି ସଚିବଙ୍କ ଦ୍ୱାରା ୩୦ ଦିନିଆ ଟୋକନ ବ୍ୟବସ୍ଥାର ଅପବ୍ୟବହାର କରାଯାଉଛି । ଏକ ନିର୍ଦ୍ଦିଷ୍ଟ ଦିନରେ ଚାଷୀଙ୍କୁ ନିଜର ଫସଲକୁ ବିକ୍ରି କରିବାକୁ ଆଣିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଉଛି । ଯାହା ପକ୍ଷପାତିତାକୁ ପ୍ରୋତ୍ସାହିତ କରୁଛି ଏବଂ କ୍ଷୁଦ୍ର ଓ ମଧ୍ୟମ ଚାଷୀଙ୍କୁ ଦିଆଯାଇଥିବା ଟୋକନ୍ ନଷ୍ଟ ହୋଇଯାଉଛି । ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା ଯୋଗୁଁ ମଣ୍ଡି ପରିଚାଳନାରେ ସ୍ୱଚ୍ଛତା, ଉତରଦାୟିତ୍ୱ ଏବଂ ଅନୁପାଳନରେ ତ୍ରୁଟି ପରିଲକ୍ଷିତ ହୋଇଛି । ୱେଟ୍ ବ୍ରିଜ୍ ଥିବା ସତ୍ୱେ ମାନୁଆଲ ଭାବରେ ୱେଟ୍ ସ୍ଲିପ୍ ପୂରଣ କରାଯାଉଛି । ଯାହା ଦ୍ୱାରା ଓଜନ ମାପରେ ତାରତମ୍ୟ ରହୁନାହିଁ । ଏହା ଦ୍ୱାରା ଚାଷୀମାନେ ନିଜ ହକ୍‌ର ପଇସା ପାଉନାହାନ୍ତି । ମିଲରଙ୍କ ପାଖରେ ଏମଏସପି ଠାରୁ ବହୁତ କମ୍ ମୂଲ୍ୟରେ ନିଜ ଧାନକୁ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି ଏବଂ ପିଏସି ଦ୍ୱାରା ମାନୁଆଲ ଭାବରେ ଏହାର ରେକର୍ଡ ପ୍ରସ୍ତୁତ କରାଯାଉଛି । ୬ଟି ମିଲର ମଧ୍ୟରେ ଅସମାନ ବିତରଣ ହେଉଥିବା ପରିଲକ୍ଷିତ ହୋଇଛି । ଯାହା ପିଏସି ଏବଂ ମିଲରଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକାକୁ ଦର୍ଶାଉଛି । ତ୍ରୁଟିପୂର୍ଣ୍ଣ ଆର୍ଦ୍ରତା ମିଟର କାରଣରୁ ଧାନର ଗୁଣବତା ମାନ ନିୟନ୍ତ୍ରଣ କରିବାରେ ବିଫଳ ହେଉଛନ୍ତି । ଯାହାଫଳରେ ବେଆଇନ ଭାବରେ ଧାନ କ୍ରୟ କରାଯାଉଛି । ରାଜ୍ୟ ସରକାର ସମ୍ପୂର୍ଣ୍ଣ ଡ଼ିଜିଟାଲାଇଜେସନ କହୁଥିଲେ ମଧ ଧାନ କିଣା ବ୍ୟବସ୍ଥାରେ ଆଂଶିକ ଡ଼ିଜିଟାଲାଇଜେସନ ହୋଇଛି । ଗୁଣାତ୍ମକ ମାନ ଯାଂଚ୍ କରିବାର ପଦ୍ଧତିକୁ ମଧ ମାନୁଆଲି ତଥା ଜାଣିଶୁଣି କରାଯାଉଛି । ସ୍ୱଚ୍ଛତା ଓ ଉତର ଦାୟିତ୍ୱ ନଥିବା କାରଣରୁ ଚାଷୀ ମାନଙ୍କୁ ମଣ୍ଡି ମାଫିଆମାନଙ୍କ ଦ୍ୱାରା ଲୁଟ୍ ର ଶିକାର ହେଉଛନ୍ତି । ଧାନର ଗୁଣବତା ନିୟନ୍ତ୍ରଣ କରିବା ପାଇଁ ଚୁକ୍ତିଭିତିକ ଭାବେ ଅଧିକାରୀ ବା କ୍ୱାଲିଟି କଂଟ୍ରୋଲ ଇନସ୍ପେକ୍ଟରଙ୍କୁ ନିୟୋଜିତ କରାଯାଇଛି । ଯେଉଁମାନେ ନିଜ ଇଚ୍ଛା ମୁତାବକ କ୍ୱାଲିଟି ପାରାମିଟରକୁ ପୂରଣ କରନ୍ତି । ସମଗ୍ର କ୍ରୟ ପ୍ରକ୍ରିୟା ମିଲର ମାନଙ୍କ ଇଚ୍ଛା ଅନୁଯାୟୀ ପରିଚାଳିତ ହେଉଛି । ଆଶ୍ଚର୍ଯ୍ୟର କଥା ହେଉଛି, ବ୍ୟବହୃତ ହୋଇଥିବା ବସ୍ତା, ଧାନର ପରିବହନ, ଲୋଡ଼ିଂ ଏବଂ ମଣ୍ଡିରେ ଶ୍ରମ କାର୍ଯ୍ୟ ଭଳି ମଣ୍ଡିରେ ପରିଚାଳନା ପାଇଁ ଥିବା ସମସ୍ତ କାର୍ଯ୍ୟକୁ କରିବା ପାଇଁ ରାଜ୍ୟ ସରକାର ମିଲରମାନଙ୍କୁ ଦାୟିତ୍ୱ ଦେଇଛନ୍ତି । ଏହା ଭାରତ ସରକାରଙ୍କ ଦ୍ୱାରା ଇ-ଟେଣ୍ଡର ମାଧ୍ୟମରେ ଧାନର ପରିବହନ ମୂଲ୍ୟ ଏବଂ ପରିବହନ ଦର ନିର୍ଦ୍ଧାରଣ ପାଇଁ ଏସଓଆର ନିୟମର ଉଲ୍ଲଘଂନ କରୁଛି । ଏହା ମଧ ଦେଖାଯାଇଛି ଯେ ମିଲର ମାନଙ୍କ ଦ୍ୱାରା ଟ୍ରାନଜିଟ୍ ପାସ୍ ବା ସ୍ୱୀକୃତି ପତ୍ର ଦେଲା ପରେ ହିଁ ଚାଷୀ ମାନଙ୍କୁ ପଇସା ଦିଆଯିବାର ପ୍ରକ୍ରିୟା ଆରମ୍ଭ ହେଉଛି । ଯାହା ଭାରତ ସରକାରଙ୍କ ନିୟମ ବିରୋଧୀ । ମଣ୍ଡିରୁ ଧାନ ଉଠାଇବା ପାଇଁ ଚାଷୀ ମାନଙ୍କୁ ଦିଆଯାଉଥିବା ଅର୍ଥ ମିଲର ମାନଙ୍କ ଦ୍ୱାରା ଜାରୀ କରାଯାଉଥିବା ଗ୍ରହଣୀୟ ପତ୍ର ସମ୍ପୂର୍ଣ୍ଣ ଭାବରେ ପୃଥକ ରହିବା ଦରକାର । ଚାଷୀମାନେ ମଣ୍ଡିରେ ସେମାନଙ୍କର ଉତ୍ପାଦନକୁ ମଣ୍ଡିରେ ଅନୁମତି ଦିଆଯିବା ପରେ ଶୀଘ୍ର ପଇସା ମିଳିଯିବା ଉଚିତ୍ । ଏଥିପାଇଁ ମିଲର ମାନଙ୍କର ଅନୁମତିର ଆବଶ୍ୟକତା ନାହିଁ । ଅନୁରୂପ ଭାବରେ ମଣ୍ଡିରେ ଶ୍ରମିକ ପାରିଶ୍ରମିକ ମୂଲ୍ୟ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୂଡ଼ାନ୍ତ ହେବା ଉଚିତ୍ ।

## ଆତଙ୍କବାଦୀ ହମଲା....

ଏଥିରେ ଅଶ୍ରଫ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସେନାର ଯବାନମାନେ ତୁରନ୍ତ ହସ୍ପିଟାଲ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାର ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ କର୍ଡନ କରାଯାଇ ସର୍ଚ୍ଚ ଅପରେସନ କରାଯାଉଛି । ଏହାର କିଛି ସମୟ ପରେ ଶ୍ରୀନଗରର ସଫକଡାଲ ଅଞ୍ଚଳରେ ଆତଙ୍କୀ ହମଲା ହୋଇଥିଲା । ଏଥିରେ ଜଣେ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି । ପ୍ରାଣ ହରାଇଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ରୌଫ ଅହମଦ । ତାଙ୍କୁ ହିଁ ଟାର୍ଗେଟ କରି ଆତଙ୍କୀ ଗୁଳି ଚଳାଇଥିଲେ । ଗୁଳି ମାଡ଼ ପରେ ତାଙ୍କୁ ଏସଏମଏଚଏସ୍ ହସ୍ପିଟାଲକୁ ନିଆ ଯାଇଥିଲା । କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି ।

## ୨ ଟି ରକ୍ତଦାନ ଶିବର : ୮୩ ୟୁନିଟ୍ ସଂଗୃହିତ

ଜଳେଶ୍ୱର, ୨୨/୧୨(ନିପ୍ର): ରକ୍ତର ଆବଶ୍ୟକତାକୁ ଲକ୍ଷ୍ୟକରି ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି । ଆଜି ବୁଧବାର ଓଲମରା ଗ୍ରାମପଂଚାୟତଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୋଟ ୫୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିବା ବେଳେ ବିଧାୟକ ଅଶ୍ୱିନୀ ପାତ୍ର ଉଦ୍‌ଘାଟନ କରିଥିଲେ । ଅନୁରୂପଭାବେ ବିଧାୟକଙ୍କ ଦ୍ୱାରା ଗୋପାଳପୁର ଗୋଷ୍ଠୀ କେନ୍ଦ୍ର ଓ ପିଇଓ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ କରାଯାଇଛି । ଅନ୍ୟମାନଂକ ମଧ୍ୟରେ ସରପଂଚ ଯତୀନ୍ଦ୍ର ମହାନ୍ତି, ଜିଲ୍ଲାପରିଦେ ସଦସ୍ୟା ମାନିନୀ ପ୍ରମାଣିକ, ସମିତି ସଭ୍ୟ ଉଦୟ ମୁର୍ମୁ, ବିଜେଡି ବ୍ଲକ ସଭାପତି ଭୂପତି ମିର୍ଦ୍ଧା, ମଧୁସୂଦନ ସେନାପତି, ବିଜେଶ ରଣା, ଦିଲ୍ଲିପ ସାମଲ, ଅଜୟ ମହାନ୍ତି, ରାସବିହାରୀ ରଣା, କାଳିଚରଣ ଦାସ, ଚନ୍ଦନ କର, ଜଗନ୍ନାଥ ବେରା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମଂଗଳବାର ଜଳେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ସତ୍ୟନାରାୟଣ ମନ୍ଦିର ନିକଟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୧ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ କ୍ଲବର ସଭାପତି ବିଷ୍ଣୁପଦ ମହାନ୍ତି ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଡ. ମହୋଶ ବିଶ୍ୱାଳ ଓ କ୍ଲବର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ସାଧନା-ସିଦ୍ଧ-ସାଧକ ରୂହ୍ୟାଜୀଙ୍କର ଜନ୍ମ ଜୟନ୍ତୀ ପାଳନ



ରୂପସା, ୨୨/୧୨ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ସାଧନା-ସିଦ୍ଧ-ସାଧକ ମୁନି ଶିରୋମଣି ରୂହ୍ୟାଜୀ ମହାରାଜଙ୍କର ୧୧୧ତମ ଜନ୍ମ ଜୟନ୍ତୀ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟବକ୍ତା ହିସାବରେ ଆଶ୍ରମର କୋଷାଧକ୍ଷ ବ୍ରହ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମିସ୍ତ୍ରୀ ଯୋଗଦାନ କରି ରୂହ୍ୟାଜୀଙ୍କର ଚକ୍ରଭେଦନ କ୍ରିୟା ଉପରେ ଆଲୋକ ପାତ କରିଥିଲେ । ମୁନି ସଙ୍ଗୀତ ଗାନ କରିଥିଲେ ମୁନି ମତୀ ପୂର୍ଣ୍ଣମା । ମଞ୍ଚାସୀନ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ଶିବ ବଚନାମୃତ ପାଠ କରିଥିଲେ । ସଭାପତି ତାଙ୍କ ପରମପୂଜ୍ୟ ଗୁରୁଦେବ ରୂହ୍ୟାଜୀଙ୍କର ଜୀବନୀ ସହିତ ତାଙ୍କର ଅଲୋକୀକ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକ ଲତା ମହାପାତ୍ର, ବିମଳା ଲେଙ୍କା, ବାସନ୍ତୀ ମହାଳିକ, ଶକୁନ୍ତଳା ପରିଡ଼ା, ଫୁଲମଣୀ ବେହେରା,କୈକେୟୀ ଜେନା, ମିନତୀ ବର, ମିନତୀ ମାଝୀ, ମୁନି ଚିତ୍ତରଞ୍ଜନ ବର, ନାରାୟଣ ମହାପାତ୍ର, ସିନ୍ଧୁ ସିଂ, ପ୍ରଭାସିନୀ ବର,ଗୀତା ରାଣୀ ବର, ଲକ୍ଷ୍ମୀପ୍ରିୟା ଦାସ, ମୁନି ରାଜ ଗୌରହରି ବାରିକ ଇତ୍ୟାଦି । ଶେଷରେ ମୁନି ରାଜ ଅନାଦି ବାରିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଶକ୍ତିମନ୍ତ୍ରୀଙ୍କ ଶକ୍ତି ସଂଚାରଣ ନିଗମର ତାଲିମ କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର,୨୨/୧୨(ନି.ପ୍ର): ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ଚନ୍ଦକାସ୍ଥିତ ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମର ତାଲିମ କେନ୍ଦ୍ର ପରିଦର୍ଶନ କରିଛନ୍ତି । ସେ ସେଠାକୁ ଯାଇ ତାଲିମ କେନ୍ଦ୍ରରେ ଥିବା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାଗୁଡ଼ିକ କିପରି ସଂଚାଳିତ ହେଉଛି ବୁଲି ଦେଖିଥିଲେ । ଶକ୍ତି ବିଭାଗର ନିରାପତ୍ତା, କାର୍ଯ୍ୟାଳୟ ସଂଚାଳନ, ଶକ୍ତି ସମ୍ବନ୍ଧିତ ଆୟବ୍ୟୟ ପରିଚାଳନା ଭଳି ଅନେକ ବିଷୟ ସହିତ ବିଦ୍ୟୁତ ସରବରାହ ଉପରେ ଉନ୍ନତ ଧରଣର ଉଭୟ ଥିଓରି ଓ ପ୍ରାକଟିସ୍ ଉପରେ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି । ଏଥି ସହିତ ଶକ୍ତି ସଂଚାରଣ ନିମନ୍ତେ ଆବଶ୍ୟକ ହେଉଥିବା ସମସ୍ତ ଯନ୍ତ୍ରାଂଶର କାର୍ଯ୍ୟକାରିତା, ତା'ର ରକ୍ଷଣାବେକ୍ଷଣ ସହିତ ତାକୁ କିପରି ଉପଯୋଗ କରାଯାଏ ସେ ସଂପର୍କରେ ଏଠାରେ ତାଲିମ ପ୍ରଦାନ କରାଯାଇଥାଏ । ଏଠାରେ ସଂପ୍ରତି ୬୦ ଜଣ କର୍ମଚାରୀ କାର୍ଯ୍ୟାଳୟ ପରିଚାଳନା ଉପରେ ତାଲିମ ନେଉଥିବା ଜଣାପଡ଼ିଛି । ପରେ ତାଲିମ କେନ୍ଦ୍ର ଯାଇ ସେଠାରେ ମନ୍ତ୍ରୀ କ୍ୟାପ୍ଟେନ୍ ମିଶ୍ର କର୍ମଚାରୀମାନଙ୍କୁ ସମୟ ସହିତ ତାଳଦେଇ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ତାକୁ ଜନସେବାରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟକୁ ପରିବର୍ତ୍ତନ କରିବା ପରିବର୍ତ୍ତେ ନିଜକୁ ପରିବର୍ତ୍ତନ କରିବାର କଳା ଶିଖିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ । ମନ୍ତ୍ରୀ ତାଲିମ କେନ୍ଦ୍ରର ଭୋଜନାଳୟରେ ଅନ୍ୟମାନଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ କରିଥିଲେ । ତାଲିମ କେନ୍ଦ୍ରର କାର୍ଯ୍ୟକ୍ରମ ବୁଲି ଦେଖିବା ପରେ ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରି ଏହି କେନ୍ଦ୍ରକୁ ଆହୁରି ପ୍ରଭାବି ଭାବେ ସଂଚାଳନ କରିବାକୁ ପରାମର୍ଶ ଦେଇଥିଲେ । ତାଙ୍କର ଏହି ପରିଦର୍ଶନ ସମୟରେ ମୁଖ୍ୟ ସାଧାରଣ ପରିଚାଳକ (ଏଚ୍ଆର୍ଡି) ଓପିଟିସିଏଲ୍, ଡ. ସି.ଏସ୍. ପ୍ରଧାନ ଏବଂ ଡେପୁଟି ଜେନେରାଲ୍ ମ୍ୟାନେଜର (ଏଚ୍ଆର୍ଡି) ପିଟିସି ଡ. ମଧୁମିତା ସ୍ୱାଇଁଙ୍କ ସମେତ ସମସ୍ତ ତାଲିମଦାତା ଉପସ୍ଥିତ ଥିଲେ ।

# ବାଲେଶ୍ୱରରେ ସାନ୍ତାଳୀ ଭାଷା ବିଜୟ ଦିବସ



ବାଲେଶ୍ୱର,୨୨/୧୨ (ନି.ପ୍ର): ୯୨ତମ ସମ୍ବିଧାନ ସଂଶୋଧନ ଆଇନର ସାନ୍ତାଳୀ ଭାଷା ସହ ଅଲିଚିକି ଲିପିକୁ ୨୦୦୩ ମସିହା ଡିସେମ୍ବର ୨୨ ତାରିଖରେ ସରକାରୀ ସ୍ୱୀକୃତି ମିଳିଥିବା ବେଳେ ସେହି ଦିବସକୁ ସ୍ମରଣୀୟ ରଖିବା ପାଇଁ ବାଲେଶ୍ୱରର ଆଦିବାସୀ ଛାତ୍ର ସଂଘ ପକ୍ଷରୁ ୧୯ତମ ସାନ୍ତାଳୀ ଭାଷା ବିଜୟ ଦିବସ ବୁଧବାର ପାଳିତ ହୋଇଯାଇଛି। ସ୍ଥାନୀୟ ଟାଉନହଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଷା ସାହିତ୍ୟର ସମୃଦ୍ଧିରେ ଗୋଟିଏ ଜାତିର ସାମଗ୍ରିକ ବିକାଶ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ । ସାମ୍ପ୍ରତିକ ଅଧୁନିକତାର ଚାକଚକ୍ୟ ସତ୍ତ୍ୱେ ଦେଶର ମୂଳ ଅଧିବାସୀ ଭାବେ ପରିଚିତ ଆଦିବାସୀଙ୍କ ଭାଷା, ସଂସ୍କୃତି ଓ ପରମ୍ପରାର ମୌଳିକାତା ନଷ୍ଟ ହୋଇନାହିଁ । ଏହି ଭଳି ସ୍ଥିତିରେ ଆଦିବାସୀଙ୍କ ଭାଷାର ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବିଧାୟକ ଶ୍ରୀ ଦାସ ପ୍ରକାଶ କରିଥିଲେ। ସର୍ବଭାରତୀୟ ଆଦିବାସୀ ଲେଖକ ସଂଘ ରାଜ୍ୟ ଶାଖା ସମ୍ପାଦକ ଅର୍ଜୁନ ମାରାଣ୍ଡି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାନ୍ତାଳୀ ଭାଷାକୁ ସମ୍ବିଧାନରେ ସାମିଲ ପାଇଁ ସଂଗଠିତ ଦୀର୍ଘ ଦିନର ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ । ଓଡିଶାର ଜନସଂଖ୍ୟାର ମାତ୍ର ୨ ପ୍ରତିଶତ ଲୋକେ ସାନ୍ତାଳୀ ଭାଷା ବ୍ୟବହାର କରୁଥିବା ବେଳେ ଏହାର ସଂରକ୍ଷଣ ଏକାନ୍ତ ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ । ଏନେଇ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ ପାଇଁ ସେ ଦାବି ଜଣାଇଥିଲେ । ବାଲେଶ୍ୱରର ସହକାରୀ ଅଗ୍ନିଶମ ଅଧିକାରୀ ପୋରେନ ସୋରେନ ଓ ବାହାନଗା ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ରୁହିଆ ମୁର୍ମୁ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ସାନ୍ତାଳୀ ଭାବେ ପ୍ରଚାର ପ୍ରସାର ପାଇଁ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲେଶ୍ୱର ଆଦିବାସୀ ଛାତ୍ର ସଂଘର ସଭାପତି ପ୍ରବୀର ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶଙ୍କରନାଥ ଟୁଡୁ ସ୍ୱାଗତ ଭାଷଣ ରଖିଥିବା ବେଳେ ଦୁଲାରୀ ହେମରମ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଜୟ ହେମ୍ବ୍ରମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକାରୀ ସଭାପତି ଯମୁନା ମାଝୀ, ଉପ-ସଭାପତି ଗଣେଶ ଚନ୍ଦ୍ର ସୋରେନ, ସମ୍ପାଦକ ସନତ ମାଝୀ, ସହ-ସମ୍ପାଦକ ଦୀପକ କୁମାର ଟୁଡୁ ପ୍ରମୁଖଙ୍କ ସମେତ ଦୀପା ମାଝୀ, ଫୁଲ ସୋରେନ, ସଞ୍ଜୟ ମାଝୀ, ଦୀପକ ହାଁସଦା, ଗୋବିନ୍ଦ ମାରାଣ୍ଡି, ଗୌତମ ସିଂ, ସୁମିତ୍ରା ହେମରମ, ପ୍ରିୟଙ୍କା ସୋରେନ, ପରମାନନ୍ଦ ମାଝୀ, ବିକାଶ ମାଝୀ, ସାହିଲ ହେମରମ, ନିବେଦିତା ମୁର୍ମୁ, ପୂର୍ଣ୍ଣମା ସୋରେନ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଜଳେଶ୍ୱରରେ ନୂତନ ଆଇଆଇସି ଭାବେ ଯୋଗ ଦେଲେ ରୋଜାଲିନ୍ ବେହେରା

ଜଳେଶ୍ୱର ୨୨/୧୨(ନିପ୍ର): ବାଲେଶ୍ୱର ଜିଲା ଆରକ୍ଷୀ ଅଧିକ୍ଷକ (ଏସ୍.ପି) ସୁଧାଂଶୁ ଶେଖର ମିଶ୍ରଙ୍କ ଚିଠି ନଂ ୩୦୮୬/୨୧ ମୂଳେ ମଂଗଳବାର ପୁଲିସ ବିଭାଗର କେତେକ ଅଦଳବଦଳ କରାଯାଇଛି । ଜଳେଶ୍ୱର ଆଇଆଇସି ପ୍ରଜ୍ଞା ମହାନ୍ତିଙ୍କୁ ବଦଳି କରାଯାଇ ଡି.ଆଇ.ବି ଇନିସ୍‌ପେକ୍ଟର ଭାବେ ନିଯୁକ୍ତ କରାଯାଇଥିବା ବେଳେ ପୋଲିସ ଜିଲା ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ରୋଜାଲିନ୍ ବେହେରାଙ୍କୁ ଆଜି ବୁଧବାର ଜଳେଶ୍ୱରରେ ନୂତନ ଆଇଆଇସି ଭାବେ ଅବସ୍ଥାପିତ କରାଯାଇଛି । ପଶ୍ଚିମବଂଗକୁ ଲାଗିଥିବା ଜଳେଶ୍ୱର ଏକ ଉପାନ୍ତ ଅଂଚଳ ହୋଇଥିବାରୁ ଏଠାରେ ଆନ୍ତରାଜ୍ୟ ଅପରାଧିକରଣ ଉପରେ ବିଶେଷ ଧ୍ୟାନ ଦେବେ ବୋଲି ସେ ଆଜି ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି ।

## ନୀଳଗିରି କଲେଜରେ ପ୍ରାଧ୍ୟାପକଙ୍କୁ କରୋନା ସଂକ୍ରମିତ

ନୀଳଗିରି, ୨୨/୧୨ (ନି.ପ୍ର): ନୀଳଗିରି କଲେଜର ଦର୍ପଣ ବିଭାଗର ପ୍ରାଧ୍ୟାପକ ପ୍ରଦୀପ କୁମାର ମହାପାତ୍ର (୫୮)ଙ୍କ ଠାରେ କରୋନା ପଜିଟିଭ ବାହାରି ଥିବା ନେଇ ଏବେ କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚ୍ଚାରୀ, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ପ୍ରଭାର ଭୟର ବାତାବରଣ ଦେଖିବାକୁ ମିଳିଛି। ସୂଚନା ଥାଉକି ପ୍ରଧ୍ୟାପକ ପ୍ରଦୀପ କୁମାର ମହାପାତ୍ର ଦେହ ଅସୁସ୍ଥ ରହିଥିଲା ବେଳେ ଜ୍ୱର ଛାଡୁ ନ ଥିଲା । ଏହା ପରେ ଶ୍ରୀଯୁକ୍ତ ମହାପାତ୍ର ଆଂଟିଜେନ ପରୀକ୍ଷା କଲା ପରେ ନେଗେଟିଭ୍ ଆସିଥିଲା । ମାତ୍ର ଜ୍ୱର ନ ଛାଡ଼ିବାରୁ ଗତ ୧୯ ତାରିଖ ଦିନ ଆଂଟିଫିସିଆଲ ପରୀକ୍ଷା କଲା ପରେ ତାଙ୍କ ଠାରେ କରୋନା ପଜିଟିଭ୍ ବାହାରିଥିଲା । ଏହା ପୂର୍ବରୁ ଗତ ୧୭ତାରିଖ ଦିନ କଲେଜକୁ ଆସି ସମସ୍ତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ଏବେ କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚ୍ଚାରୀ ଚିନ୍ତାରେ ପଡ଼ିଛନ୍ତି ।

# ବ୍ରାଉନ୍ ସୁଗାର ଜବତ, ଯୁବକ ଗିରଫ

ପୁରୀ,୨୨/୧୨ (ନି.ପ୍ର): ଜଟିଆବାବାଜୀ ଛକରେ ନାକା ଚେକିଙ୍ଗ ବେଳେ କୁମ୍ଭାରପଡ଼ା ଥାନା ପୁଲିସ ୭.୮୫ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିଛି। ବ୍ରାଉନ୍ ସୁଗାର ଚୋରାକାରବାରରେ ସମ୍ପୃକ୍ତ ଖୋର୍ଦ୍ଧା ସହରର ସିଦ୍ଧେଶ୍ୱର ମନ୍ଦିର ଅଞ୍ଚଳର ଅଭିଯୁକ୍ତ ଗୁଲୁ ଓରଫ ଶିବ ବେହେରା(୨୪)କୁ ଗିରଫ କରାଯାଇଛି। ଅଭିଯୁକ୍ତ ନିକଟରୁ ଏକ ଜରି ପ୍ୟାକେଟ୍‌ରେ ଥିବା ୭.୮୫ଗ୍ରାମ ବାଉନ୍ ସୁଗାର, ଓଡ଼ି୦୨ ଏକ୍ୟୁ୬୧୨୦ନମ୍ବର ବିଶିଷ୍ଟ ସ୍କୁଟି ଓ ଦୁଇଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଆଜି ସକାଳେ ଏସ୍ଆଇ ବିଜୟ କୁମାର ପଣ୍ଡା ବିଭାଗୀୟ କର୍ମଚାରୀଙ୍କ ସହିତ ଜଟିଆବାବାଜୀ ଛକରେ ନାକା ଚେକିଙ୍ଗ କରୁଥିବା ସମୟରେ ସ୍କୁଟିରେ ଯାଉଥିବା ଶିବକୁ ଅଟାଇଥିଲେ। ତାଙ୍କ କଥା ବର୍ତ୍ତାରୁ ସନ୍ଦେହ ହେବାରୁ ତାଲାସୀ ନେବାରେ ଶିବ ପକେଟ୍‌ରୁ ଏକ ଜରି ପୁଡ଼ିଆରେ ବ୍ରାଉନ୍ ସୁଗାର ଥିବା ଦେଖିବାକୁ ମିଳିଥିଲା। ପ୍ରତକ୍ଷ୍ୟଦର୍ଶୀଙ୍କ ଉପସ୍ଥିତରେ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା। ଶିବ ବାଲେଶ୍ୱରରୁ ବ୍ରାଉନ୍ ସୁଗାର ଆଣି ପୁରୀରେ ବିକ୍ରି କରୁଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲା। ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା କୁମ୍ଭାପଡ଼ା ଥାନା ଆଇଆଇସି ବିଚିତ୍ରା ନନ୍ଦ ସେଠୀ କହିଛନ୍ତି।

## ଗରିବ ଅସହାୟଙ୍କୁ ବସ୍ତ୍ର ବାଣ୍ଟିଲେ କର୍ଣ୍ଣେଲ ଲକ୍ଷ୍ମୀଧର ଭୂୟାଁ

ବାଲେଶ୍ୱର,୨୨/୧୨ (ନି.ପ୍ର): ଯୋଗ ଓ ପ୍ରାଣାୟମରେ ବିଶ୍ୱ ରେକର୍ଡ଼ଧାରୀ ଭାରତୀୟ ସେନାଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ଲକ୍ଷ୍ମୀଧର ଭୂୟାଁ ସମ୍ପ୍ରତି ସମାଜସେବା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ବାଲେଶ୍ୱର ସହରର ସହଦେବଖୁଣ୍ଟାରେ ପରିବାର ସହ ସ୍ଥାୟୀ ଭାବେ ବସବାସ କରୁଥିବା କର୍ଣ୍ଣେଲ ଭୂୟାଁ ସ୍ଥାନୀୟ ଅଞ୍ଚଳର ଗରିବ ମହିଳାମାନଙ୍କୁ ବସ୍ତ୍ର ପ୍ରଦାନ କରିଛନ୍ତି । ଗରିବ ଓ ଅସହାୟମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଆଗାମୀ ଦିନରେ ଗରିବଙ୍କୁ କମ୍ବଳ ବଣ୍ଟନ ସହ ସେମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ନିଷ୍ପତ୍ତି ନେଇଥିବା ସେ ସୂଚନା ଦେଇଛନ୍ତି। ଆଜିର ଏହି ବସ୍ତ୍ର ବଣ୍ଟନ ବେଳେ ତାଙ୍କ ସହଧର୍ମିଣୀ ସନ୍ଧ୍ୟାରାଣୀ ଭୂୟାଁ ଓ ଅର୍ଜୁନ ଚନ୍ଦ୍ର ସାମଲସହଯୋଗ କରିଥିଲେ।

# ଦୁଷ୍କର୍ମକାରୀକୁ ଦଶବର୍ଷ ଜେଲଦଣ୍ଡ

ବାରିପଦା,୨୨/୧୨ (ନି.ପ୍ର): ଅତିରିକ୍ତ ଜିଲ୍ଲା ତଥା ଦୌରାଜର୍ଜ ସୁମିତା ଜେନା ଏକ ନାବଳିକାକୁ ଦୁଷ୍କର୍ମ ମାମଲାର ବିଚାର କରି ଦୋଷୀ କୁ ପୋସ୍କୋ ଧାରା ଅନୁଯାୟୀ ୧୦ ବର୍ଷ କାରାଦଣ୍ଡ ସହ ଦଶ ହଜାର ଟଙ୍କା ଜରିମାନା ପ୍ରଦାନ ର ଦଣ୍ଡ ଶୁଣାଣି କରିଛନ୍ତି । ଜରିମାନା ଅନାଦେୟ ଅଧିକ୬ ମାସ ଦଣ୍ଡାଦେଶ ମଧ ଶୁଣାଇଛନ୍ତି । ଅଭିଯୁକ୍ତ ଜଣକ ହେଉଛନ୍ତି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା ଗ୍ରାମର ଜିତେନ୍ଦ୍ର ନାଥ କାଳାପାତ୍ର । ଆସାମୀ ଜଣକ ଗତ ତା ୧୯.୧୧.୨୦୧୬ ରିଖ ଠାରୁ ବାରିପଦା ସର୍କଲ ଜେଲରେ ବିଚାରଧୀନ କଏଦୀ ଭାବେ ରହୁଥିଲେ । ମାନ୍ୟବର ଅଦାଲତ ୧୨ ଜଣ ସାକ୍ଷୀ , ଡାକ୍ତରୀ ରିପୋର୍ଟ ଓ ଅନ୍ୟାନ୍ୟ ସାକ୍ଷୀ ପ୍ରମାଣକୁ ଭିତି କରି ଏହି ଦଣ୍ଡାଦେଶ ଶୁଣାଇଥିବା ବେଳେ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ଅଭିନ୍ନ କୁମାର ପଟନାୟକ ପରିଚାଳନା କରୁଥିଲେ । ତେବେ ଘଟଣା ଅନୁଯାୟୀ ଗତ ତା୧୬/୧୧/୧୬ ରିଖରେ ନାବାଳିକା ଜଣକ ଶୌଚ ହେବାପାଇଁ ପୋଖରି ନିକଟକୁ ଯାଇଥିବା ସମୟରେ ଅଭିଯୁକ୍ତ ଜଣକ ତାଙ୍କୁ ଜୋର ଜବରଦସ୍ତ ଦୁଷ୍କର୍ମ କରିବା ସହ ଏହି ଘଟଣା ପ୍ରଘଟ କଲେ ଜୀବନରୁ ମାରିଦେବାକୁ ଧମକ ମଧ ଦେଇଥିଲା ।ଉକ୍ତ ଘଟଣାକୁ ନେଇ ନାବାଳିକାଙ୍କ ଭାଇ ଓ ବାପା ଥାନାରେ ଅଭିଯୋଗ କରିବା-ପରେ ଦୁଇଦିନ ପରେ ୧୮ ତାରିଖ ଦିନ ପୋଲିସ ଗିରଫ କରିଥିଲା ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୮ ଗିରଫ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୧୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୬୭,୯୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ରେସନ କାର୍ଡ଼ଧାରୀଙ୍କୁ କୋଭିଡ ସହାୟତା ପ୍ରଦାନର ଶୁଭାରମ୍ଭ

ବାଲେଶ୍ୱର,୨୨/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ସମ୍ଭାବ୍ୟ ତୃତୀୟ ଲହର କରୋନାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲାର ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାଭୁକ୍ତ ପରିବାରଙ୍କୁ ହଜାରେ ଟଙ୍କାର ସହାୟତା ପ୍ରଦାନ ବୁଧବାର ଶୁଭାରମ୍ଭ କରାଯାଇଛି। ଆଜି ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫେରେନ୍ସିଂ ମାଧ୍ୟମରେ ଏକ ହଜାର ଟଙ୍କାର କୋଭିଡ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖାଉଟି ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପସ୍ଥିତ ରହି ସାମ୍ପ୍ରତିକ କଠିନ ସମୟରେ ଏହି ଆର୍ଥିକ ସହାୟତା ବ୍ୟବସ୍ଥା ଦ୍ୱାରା ରାଜ୍ୟର ପାଖାପାଖି ୯୬ ଲକ୍ଷ ପରିବାର ଉପକୃତ ହେବେ ବୋଲି ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାପାଳଙ୍କ ଭିଡିଓ କନଫେରେନ୍ସିଂ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗ ଦେଇ କୋଭିଡ ସହାୟତା ରାଶି ପ୍ରଦାନ ଶୁଭାରମ୍ଭ କରିଥିଲେ। ସେଠାରେ ଉପସ୍ଥିତ ହିତାଧିକାରୀଙ୍କୁ ବିଧାୟକ ଶ୍ରୀ ଦାସ ଏକ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ । ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଏହି ଭିଡ଼ିଓ କନଫେରେନ୍ସିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ବାଲେଶ୍ୱର ଜିଲାର ପାଖାପାଖି ୫ ଲକ୍ଷ ୧୭ ହଜାର ୫ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ପରିବାର ଏହି କୋଭିଡ ସହାୟତା ପାଇବାକୁ ଥିବା ବେଳେ ସରକାରଙ୍କ ନିଷ୍ପତି ଅନୁଯାୟୀ ୭ ଦିନ ମଧ୍ୟରେ ଏହାର ବଣ୍ଟନ ଶେଷ ପାଇଁ ଲକ୍ଷ୍ୟ ରହିଥିବା ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

# ୟୁନିସେଫ୍ ତରଫରୁ ଦଣ୍ଡୋର ସ୍କୁଲ ପରିଦର୍ଶନ



ଓଡ଼ଗାଁ, ୨୨/୧୨ (ନି.ପ୍ର): ୟୁନିସେଫ୍ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାର ତରଫରୁ ମିଳିତ ଭାବେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର କୁରାଳ ଏବଂ ହରିଡାବନ୍ଧ ପଞ୍ଚାୟତକୁ 'ଶିଶୁମିତ୍ର' ପଞ୍ଚାୟତ ଭାବେ ଘୋଷଣା କରାଯାଇଥିବା ଜଣାପଡ଼ିଛି। ଏ ଅବସରରେ ଆଜି ପରିସ୍ଥିତିର ଆକଳନ ପାଇଁ ୟୁନିସେଫର ପରାମର୍ଶଦାତା ଅଶୋକ କୁମାର ମହାପାତ୍ର ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଓଡ଼ିଶା ସରକାରଙ୍କ ତରଫରୁ ପୂର୍ବତନ ଜିଲ୍ଲା ଶିଶୁମଙ୍ଗଳ କମିଟି ଅଧକ୍ଷା ରଞ୍ଜୁବାଳା ନନ୍ଦ କୁରାଳ ପଞ୍ଚାୟତ ଗସ୍ତ କରି ପ୍ରାଥମିକ ଭାବେ ଦଣ୍ଡୋର ଉ.ପ୍ରା.ବିଦ୍ୟାଳୟ ଗସ୍ତ କରିଥିଲେ। ଅଧିକାରୀମାନେ ସକାଳ ୧୦ଟାରୁ ୧୨:୩୦ଟା ପର୍ଯ୍ୟନ୍ତ ବିଦ୍ୟାଳୟ ପରିଦର୍ଶନ ସମୟରେ ଏହାର ସମସ୍ତ ତଥ୍ୟ ସଂଗ୍ରହ କରିବା ସହ ଛାତ୍ରଛାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ତଥା ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ ।ଏହା ବ୍ୟତୀତ ଶିଶୁମିତ୍ର ପଞ୍ଚାୟତର ଆଭିମୁଖ୍ୟଗୁଡିକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ବିଦ୍ୟାଳୟର ପରିବେଶ, ପରିମଳ ବ୍ୟବସ୍ଥା, ଶୃଙ୍ଖଳା, ପାରିପାର୍ଶ୍ୱିକ ପରିପାଟୀ, କୋଭିଡ୍ ଅନୁପାଳନ ତଥା ବିଦ୍ୟାଳୟ ଇକୋକ୍ଲବର ବିଭିନ୍ନ କାର୍ଯ୍ୟକ୍ରମକୁ ଦେଖି ଖୁସି ବ୍ୟକ୍ତ କରିଥିଲେ ।ସର୍ବଶେଷରେ ଉକ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ବିଦ୍ୟାଳୟରେ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ କାମନା କରିଥିଲେ।

# ସେବାସମବାୟ ସମିତିର ଆନ୍ଦୋଳନ ଅବ୍ୟାହତ : ଜଳେଶ୍ୱର ଆର୍ଏମ୍ସିର ଧାନକିଣା ଆରମ୍ଭ

ଜଳେଶ୍ୱର, ୨୨/୧୨(ନିପ୍ର): ସେବା ସମବାୟ ସମିତିର କର୍ମଚାରୀମାନଙ୍କ ୫ ଦଫା ଦାବିନେଇ ଆନ୍ଦୋଳନ ଫଳରେ ଖରିଫ ଋତୁରେ ଉତ୍ପନ୍ନ ଧାନ ଚାଷୀଙ୍କ ଠାରୁ ସରକାର କିଣିବାରେ ସମସ୍ୟା ସୃଷ୍ଟି ହୋଇଥିଲା । ଫଳରେ ଚାଷୀ ଅଭାବିବିକ୍ରର ଶୀକାର ହୋଇଥିଲେ । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟରେ ଖବର ପ୍ରକାଶିତ ହେବାପରେ ଜିଲାପ୍ରଶାସନ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲାର ଜଳେଶ୍ୱର ଆର୍ଏମ୍ସି ପକ୍ଷରୁ ଆଜି ମଂଗଳବାର ଧାନକିଣା ଆରମ୍ଭ ହୋଇଛି । ନନ୍ଦିକାଠାରେ ଥିବା ଆର୍ଏମ୍ସି ମାର୍କେଟିଂୱାର୍ଡରେ ଚାଷୀମାନେ ସେମାନଙ୍କ ଧାନ ବିକ୍ରୟ କରିଥିବା ଜଣାଯାଇଛି । ଆର.ଏମ୍.ସି ସମ୍ପାଦକ ବଳରାମ ଜେନାଙ୍କ ଉପସ୍ଥିତିରେ ରାମନଗରପାଟଣା ସେବାସମବାୟ ସମିତିର ଟୋକନ୍ ପାଇଥିବା ଚାଷୀମାନେ ସେମାନଙ୍କ ଧାନ ବିକ୍ରୟ କରିଛନ୍ତି । ବାଲେଶ୍ୱରର ଏସ୍.ଏସ୍.ଏଗ୍ରୋ ଏଠାକୁ ଆସି ୨୦୦ କ୍ୟୁଣ୍ଟାଲ ଧାନ କ୍ରୟ କରିଥିବା ବେଳେ ଆସନ୍ତା ଶୁକ୍ରବାର ଅଲାଲପୁର ସେବାସମବାୟ ସମିତି ଓ ରାମନଗରପାଟଣାର ସେବାସମବାୟ ସମିତିର ଟୋକନ୍ ପାଇଥିବା ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ ବୋଲି ସଂପାଦକ ଶ୍ରୀ ଜେନା ସୂଚନା ଦେଇଛନ୍ତି । ପଂଜିକୃତ ଚାଷୀମାନେ ଏହି କେନ୍ଦ୍ରରେ ଧାନ ବିକ୍ରୟ କରିବା ସୁଯୋଗ ନେବାକୁ ଚାଷୀ କମିଟିର ନେତା ସୁବ୍ରତ ବେରା, ମନ୍ମଥ ଦତ୍ତ, ଆଦିତ୍ୟ ପାତ୍ର, ରାଧାଶ୍ୟାମ ସାହୁ, ବିଜୟ କାମିଳା, ହରିଶ୍ ଭୂୟାଁ, ଗଣେଶ ପାତ୍ର, ଘନଶ୍ୟାମ ପାତ୍ର, ସୀତାରାମ ପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି । ତେବେ ବ୍ଲକରେ ଏହି ୨ଟି ସେବାସମବାୟ ସମିତି ଛଡା ଅନ୍ୟ ୧୭ଟି ସେବା ସମବାୟ ସମିତିରେ କେବେ ଧାନ କିଣାଯିବ ସେଥିନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି ।

# ବାରିପଦା ହୁଡକୋ କଲୋନୀ ହିତାଧିକାରୀ ମାନଙ୍କୁ ପଟ୍ଟା ପ୍ରଦାନ ଦାବି



ବାରିପଦା, ୨୨/୧୨ (ନି.ପ୍ର): ଆଜି ଟାଉନ କଂଗ୍ରେସ ବାରିପଦା ତରଫରୁ ବାରିପଦା ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଥାଉ କି ମଧୁବନ ୱାର୍ଡ ନଂ ୭ ରେ ଟାଉନ ପ୍ଲାନିଙ୍ଗ ବାରିପଦା ହୁଡକୋ କଲୋନୀ ନିର୍ମାଣ କରି ହିତାଧିକାରୀ ମାନଙ୍କଠାରୁ ଆବଶ୍ୟକ ଅର୍ଥ ଡିପୋଜିଟ ନେଇ ସମସ୍ତଙ୍କୁ ବାସଗୃହ ହସ୍ତାନ୍ତର କରିଥିଲେ ଏବଂ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୩୨ ବର୍ଷ ହେବ ହିତାଧିକାରୀ ମାନେ ସେହି ଘରେ ବସବାସ କରିଆସୁଛନ୍ତି । ଘର ହସ୍ତାନ୍ତର ହେବାପରେ ସେମାନଙ୍କୁ ଉକ୍ତ ଜାଗାର ମାଲିକାନା ବା ପଟ୍ଟା ପ୍ରଦାନ କରାଯିବ ବୋଲି ଟାଉନ ପ୍ଲାନିଙ୍ଗ ବାରିପଦା ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବର୍ତ୍ତମାନ ସୁଦ୍ଧା ଦୀର୍ଘ ୩୨ ବର୍ଷ ବିତିଯାଇଥିଲେ ମଧ ହିତାଧିକାରୀ ମାନେ ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି । ପଟ୍ଟା ନଥିବା ହେତୁ ଉକ୍ତ ହିତାଧିକାରୀ ମାନେ ତାଙ୍କର ପିଲା ମାନଙ୍କ ପାଠପଢ଼ା ନିମିତ ଜାତିଗତ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଲିଗାଲ ହେୟାର ସାର୍ଟିଫିକେଟ କିମ୍ବା ଘର ନିର୍ମାଣରେ ଜନିତ ବ୍ୟାଙ୍କ ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି । ବହୁବାର ସରକାରଙ୍କୁ ଏ ବିଷୟରେ ଅବଗତ ମଧ କରାଯାଇଛି । ହେଲେ କେବଳ କାଗଜ କଲମରେ ସିମୀତ ହୋଇ ରହିଯାଇଛି । ଟାଉନ କଂଗ୍ରେସ ତରଫରୁ ଏକ ଟିମ ଯାଇ ଟାଉନ ପ୍ଲାନିଙ୍ଗ ଅଫିସରଙ୍କୁ ଭେଟି ଉକ୍ତ ଘଟଣା ସମ୍ବନ୍ଧରେ ପଚାରିବାରୁ ଜଣାପଡିଥିଲା କି ଗତ ୨୦୧୨ ମସିହାରେ ଦେବତର ବିଭାଗ ଭୁବନେଶ୍ୱର ଏଣ୍ଡାମେଣ୍ଟ କମିଶନର ଶ୍ରୀ ଜି.ଆର.ମହାନ୍ତି ମଧ ଚିଠି ନମ୍ବର ଚିଠି ମାଧ୍ୟମରେ ସମ୍ମତି ପ୍ରକାଶ କରି ଟାଉନ ପ୍ଲାନିଙ୍ଗ ଅଫିସ କୁ ଲିଜଧାରୀ ମାନଙ୍କୁ ରେକର୍ଡ କରାଇବା ନିମିତ ଆବଶ୍ୟକ ଦସ୍ତାବିଜ ଦାଖଲ କରିବାକୁ ଆଦେଶ ଦେଇଥିଲେ । ଟାଉନ ପ୍ଲାନିଙ୍ଗ ଅଫିସ ମଧ ବାରିପଦା ଉପଜିଲ୍ଲାପାଳ କୁ ଏକ ଚିଠି ମାଧ୍ୟମରେ ୨୪.୯.୧୨ ମାଧ୍ୟମରେ ଏ ବିଷୟରେ ଅବଗତ କରାଇଥିଲେ । କିନ୍ତୁ ବର୍ତ୍ତମାନ ସୁଦ୍ଧା ଲିଜଧାରୀ ମାନେ ପଟ୍ଟା ପାଇବାରୁ ବଂଚିତ ଅଛନ୍ତି । ଏଣୁ ଟାଉନ କଂଗ୍ରେସ ତରଫରୁ ସମସ୍ତ ହିତାଧିକାରୀ ବା ଲିଜଧାରୀ ମାନଙ୍କୁ ଭେଟି ତାଙ୍କର ଦସ୍ତଖତ ଗ୍ରହଣ କରି ପଟ୍ଟା ପ୍ରଦାନ ନିମିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବାରିପଦା ଉପଜିଲ୍ଲାପାଳ ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଟାଉନ ସଭାପତି ଶାନ୍ତନୁ ପାଲ ଲିଜଧାରୀ ମାନଙ୍କୁ ଜଣାଇଛନ୍ତି ଓ ଯେତେ ଦିନ ପର୍ଯ୍ୟନ୍ତ ତାଙ୍କର ହକ ନ ମିଳିଛି ଏ ସଂଗ୍ରାମ ଜାରି ରହିବ । ଆଜି ର ଏ କାର୍ଯ୍ୟକ୍ରମ ବରିଷ୍ଠ ଆଇନଜୀବି ବିଜନ ଦାସ ଙ୍କ ବ୍ୟତୀତ ଟାଉନ ଉପସଭାପତି ତଥା ଯୁବନେତା ରତନ ଲାଲ ଶର୍ମା, ଜିଲ୍ଲା ମହିଳା ସଭାପତି ସୁସ୍ମିତା ଘୋଷାଲ, ସୁନିତା ସାହୁ, ଟାଉନ ସଂପାଦକ ସ୍ୱାଗନ ଦାସ, କୃଷକ ନେତା ବୁଧୁରାମ ସିଂ, ଅଜଗର ହୁସେନ, ଏଡଭୋକେଟ ବଟକୃଷ୍ଣ ପାଢୀ, ଏଡଭୋକେଟ ବିନୋଦ ମହାରଣା, ଜଗଦୀଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଦାବି ପତ୍ର ଉପଜିଲ୍ଲାପାଳ ଙ୍କୁ ପ୍ରଦାନ କରିଥିଲେ ।

**e-Procurement Notice for Road Works Identification No.**
**19/ EERW/ BLS / 2021-22**

1. Name of the Work :- Roads
2. Total No. of Works :- 2 Nos
3. Estimated Cost :- Estimated Cost Rs. 7.07Lakh to Rs 10.61 Lakh
4. Class of Contractor :- 'D' & 'C'
5. Time of Completion :- 1 Month ( One Calendar Month )
6. Other Details :-

| Procurement Officer | Bid Identification No | Avaliability of tender On-line for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division: Balasore | 19/ EERW/ BLS / 2021-22 | 22.12.2021 at 1.00 P.M.. | 28.12.2021 up to 5.00 P.M | 28.12.2021 up to 1.00 P.M. | 29.12.2021 at 10.00 A.M |

Further details can be seen from the web site- *www.tendersodisha.gov.in*

OIPR : 25108/11/0015/2122

Superintending Engineer
R.W. Division, Balasore

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo